R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୨୨୫

ତିଥି : ଚତୁର୍ଥୀ

୨୧ ମେ' ୨୦୨୬, ଗୁରୁବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 225

21 May 2026, Thursday

Bhubaneswar

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur



# ସୋସିଆଲ କୋଟ୍ସ



ବଲିଉଡରେ ପାଖାପାଖି ୬୦ଟି ଫିଲ୍ମ କରିବା ପରେ ମଧ୍ୟ ମୋତେ ସମାନ ପାରିଶ୍ରମିକ ମିଳିନାହିଁ । ମୋତେ ଅନେକ ସମୟରେ ଅଭିନେତାଙ୍କ ଠାରୁ ଖୁବ କମ ପାରିଶ୍ରମିକ ମିଳିଛି । ଏତେ ବର୍ଷ ପରେ ଏବେ ମୋତେ ସମାନ ପାରିଶ୍ରମିକ ମିଳୁଛି ।

**ପ୍ରିୟଙ୍କା ଚୋପ୍ରା, ଅଭିନେତ୍ରୀ**



ମୁଁ ଆସିବା ପୂର୍ବରୁ ବଲିଉଡରେ ମହିଳା ଅଭିନେତ୍ରୀମାନେ ଅଭିନେତାଙ୍କ ଭାବନାର ସୀମା ଭିତରେ ରହି କାର୍ଯ୍ୟ କରୁଥିଲେ । ସମସ୍ତଙ୍କୁ ସମାନ ପାରିଶ୍ରମିକ ମିଳୁ ଏଥିପାଇଁ ପ୍ରଥମେ ମୁଁ ଦାବି କରିଥିଲି ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ମୁଁ କପିଲ ଶର୍ମାଙ୍କର ବଡ ଫ୍ୟାନ । ଅନେକ ସମୟରେ କପିଲ ଶର୍ମାଙ୍କର ଶୋ ଦେଖିଥାଏ । ଯେତେବେଳେ ବି ସମୟ ପାଏ ତାଙ୍କୁ ଦେଖିବାକୁ ପସନ୍ଦ କରେ ।

**ଅମିର ଖାନ୍, ଅଭିନେତା**

# ରାଷ୍ଟ୍ରୀୟ ଆତଙ୍କବାଦ ବିରୋଧୀ ଦିବସ



ଭାରତର ସାର୍ବଭୌମତ୍ୱ ଅଖଣ୍ଡତାକୁ ସୁରକ୍ଷିତ ରଖିବା ସହ ହିଂସା ମୁକ୍ତ ସମାଜ ଗଠନର ସଂକଳ୍ପକୁ ଦୋହରାଇବା ପାଇଁ ପ୍ରତିବର୍ଷ ମେ ୨୧ ତାରିଖକୁ ଦେଶବ୍ୟାପୀ 'ରାଷ୍ଟ୍ରୀୟ ଆତଙ୍କବାଦ ବିରୋଧୀ ଦିବସ' ଭାବେ ପାଳନ କରାଯାଏ । ୧୯୯୧ ମସିହା ମେ ୨୧ ତାରିଖରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ଏକ ନିର୍ଦ୍ଦୟ ଓ ବର୍ବରୋଚିତ ଆତଙ୍କବାଦୀ ଆକ୍ରମଣରେ ଦେଶର ସର୍ବକନିଷ୍ଠ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ପ୍ରାଣ ହରାଇଥିଲେ । ଯିଏକି ନିଜ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଓ ଆଧୁନିକ ଭାରତ ଗଠନର ସ୍ୱପ୍ନ ପାଇଁ ଜନମାନସରେ ସଦା ସ୍ମରଣୀୟ । ଏହି ମର୍ମନ୍ତୁଦ ଦୁର୍ଘଟଣା ପରେ ହିଁ ସରକାର ତାଙ୍କର ସେହି ମହାନ ବଳିଦାନକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ବିଶେଷ ଦିବସରେ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ସମାଜରେ ଶାନ୍ତି, ଅହିଂସା, ସାମାଜିକ ସଦ୍ଭାବନା ଓ ରାଷ୍ଟ୍ରୀୟ ଏକତା ବଜାୟ ରଖିବା ପାଇଁ ଶପଥ ପାଠ କରାଯାଇଥାଏ । ଏହାସହ ବିଶେଷ କରି ଯୁବପିଢ଼ିଙ୍କୁ ଆତଙ୍କବାଦ ଓ କ୍ଷତିକାରକ ଉଗ୍ରବାଦୀ ଚିନ୍ତାଧାରାଠାରୁ ଦୂରେଇ ରଖିବାକୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଏ । ବର୍ତ୍ତମାନର ଜଟିଳ ଆଞ୍ଚଳିକ ପରିସ୍ଥିତିରେ, କ୍ରସ୍-ବର୍ଡର ଆତଙ୍କବାଦ ଓ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଆସୁଥିବା ଆହ୍ୱାନର ମୁକାବିଲା କରିବା ପାଇଁ ଏହି ଦିବସଟି ସମଗ୍ର ଦେଶବାସୀଙ୍କୁ ଏକଜୁଟ ହୋଇ ଆତଙ୍କବାଦୀ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରିବାକୁ ଏବଂ ନିରୀହ ଜୀବନର ସୁରକ୍ଷା କରିବାକୁ ପ୍ରେରଣା ଯୋଗାଇଥାଏ ।





# ନିଶଥିବା ପକ୍ଷୀ

ଦକ୍ଷିଣ ଆମେରିକାର ସମୁଦ୍ର କୂଳରେ ଦେଖାଯାଉଥିବା 'ଇଙ୍କା ଟର୍ଣ୍ଣ' ନାମକ ଏକ ସ୍ୱତନ୍ତ୍ର ପକ୍ଷୀ ଏବେ ନିଜର ଅଦ୍ଭୁତ ଏବଂ ଆକର୍ଷଣୀୟ ନିଶ ଯୋଗୁଁ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଯାହାର ଷ୍ଟାଇଲିସ୍ ଲୁକ୍‌କୁ ସମସ୍ତେ ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି। ମୁଖ୍ୟତଃ ପେରୁ ଏବଂ ଚିଲିର ପ୍ରଶାନ୍ତ ମହାସାଗରୀୟ ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଏହି ପକ୍ଷୀର ଶରୀର ପାଉଁଶିଆ ରଙ୍ଗର ହୋଇଥିବା ବେଳେ ଏହାର ଥଣ୍ଟ ଉଜ୍ଜଳ ଲାଲ୍-ନାରଙ୍ଗୀ ରଙ୍ଗର ହୋଇଥାଏ । ଏହାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଥଣ୍ଟ ପାଖରୁ ପଛକୁ ମୋଡ଼ି ହୋଇ ରହିଥିବା ଧଳା ରଙ୍ଗର ଲମ୍ବା ନିଶ । ସମୁଦ୍ରର ପଥୁରିଆ ଚଟାଣ ଏବଂ ପାହାଡ଼ର ଫାଟଗୁଡ଼ିକରେ ବଡ଼ ବଡ଼ ଦଳ ବା କଲୋନୀ ଗଠନ କରି ବସା ବାନ୍ଧୁଥିବା ଏହି ପକ୍ଷୀମାନେ ପାଣିରେ ଚମତ୍କାର ଭାବେ ବୁଡ଼ ପକାଇ ଛୋଟ ଛୋଟ ମାଛ ଶିକାର କରିବାରେ ବେଶ୍ ମାହିର ଅଟନ୍ତି । ଏହି ନିଶ ସହ ତାଙ୍କର ସ୍ୱର ଅତ୍ୟନ୍ତ ତୀବ୍ର ଓ ଉଚ୍ଚ ହୋଇଥାଏ ଯାହା ଏମାନଙ୍କୁ ଭିଡ ଭିତରେ ଭିନ୍ନ କରିଥାଏ ।

# ଇତିହାସ

- ୧୮୮୧- ୟୁଏସ୍ ନେସନ ଲନ୍ ଟେନିସ୍ ଆସୋସିଏସନ୍‌ର ପ୍ରତିଷ୍ଠା ।
- ୧୯୦୮- ଚିକାଗୋରେ ପ୍ରଥମ ହରର ଫିଲ୍ମର ପ୍ରଦର୍ଶନ ।
- ୧୯୩୧- ପ୍ରସିଦ୍ଧ ଭାରତୀୟ ବ୍ୟଙ୍ଗକାର ଶରଦ ଯୋଶୀଙ୍କ ଜନ୍ମ ।
- ୧୯୬୦- ସିନେ ଅଭିନେତା ମୋହନଲାଲ ବିଶ୍ୱନାଥଙ୍କର ଜନ୍ମ ।
- ୧୯୯୧- ଆତ୍ମଘାତୀ ଆକ୍ରମଣରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ନିଧନ ।
- ୨୦୦୬- ହିନ୍ଦୀ ଫିଲ୍ମ ନିର୍ଦ୍ଦେଶକ ଆଦିତ୍ୟ ଚୋପ୍ରାଙ୍କ ଜନ୍ମ ।
- ୨୦୨୧- ଚିପ୍‌କୋ ଆନ୍ଦୋଳନର ମୁଖ୍ୟ ପୁରୋଧା ସୁନ୍ଦରଲାଲ ବହୁଗୁଣାଙ୍କ ବିୟୋଗ ।

# ଘୋଡାଚଢ଼ି ଜନଗଣନା



ଝାଡ଼ଖଣ୍ଡର ଗଡ଼ୱା ଜିଲ୍ଲାରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ସରକାରୀ ଶିକ୍ଷକଙ୍କ ନିଆରା ପ୍ରୟାସ ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ପେଟ୍ରୋଲର ମୂଲ୍ୟ ବୃଦ୍ଧି ଏବଂ ଇନ୍ଧନ ସମସ୍ୟା ଯୋଗୁଁ ଗାଁ ଗାଁ ବୁଲି ଜନଗଣନା କାର୍ଯ୍ୟ କରିବା ତାଙ୍କ ପାଇଁ କଷ୍ଟସାଧ ହୋଇପଡିଛି । ତେବେ ଶିକ୍ଷକ ଜଣଙ୍କ ଏହାର ଏକ ଅଭିନବ ସମାଧାନ ଖୋଜି ବାହାର କରିଛନ୍ତି । ସେ ମୋଟରସାଇକେଲ ବଦଳରେ ଘୋଡ଼ା ଚଢ଼ି ସରକାରୀ ଦାୟିତ୍ୱ ତୁଲାଇବାକୁ ଗାଁକୁ ଗାଁ ବୁଲୁଛନ୍ତି, ଯାହାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଜରୁରୀକାଳୀନ କାଗଜପତ୍ର ସହ ଯେତେବେଳେ ସେ ଘୋଡ଼ାରେ ବସି ଗ୍ରାମରେ ପହଞ୍ଚିଥିଲେ, ଗ୍ରାମବାସୀମାନେ ତାଙ୍କର ଏହି ନିଆରା ଅନ୍ଦାଜକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସୋସିଆଲ ମିଡିଆରେ ଏହି ଭିଡିଓଟି ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି । ଭିଡିଓରେ ଲୋକଙ୍କର ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । କିଛି ଲୋକ ତାଙ୍କର ଏପରି କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରୁଥିବାବେଳେ କିଛି ଲୋକ ସରକାରଙ୍କୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି ।

# ଭୂତ ସାଇକେଲ



ଗୁଜରାଟର ରାସ୍ତାରେ ଏକ ସାଇକେଲ ଗଡୁଛି, ଯାହାକୁ ସ୍ଥାନୀୟ ଲୋକେ 'ଭୂତ ସାଇକେଲ୍' ବୋଲି କହୁଛନ୍ତି । ତେବେ ସୁରଟର ଶିବମ୍ ମୌର୍ଯ୍ୟ ନିଜର ଅସାଧାରଣ ଚିନ୍ତାଧାରା ଓ ବୈଷୟିକ ଜ୍ଞାନକୌଶଳ ବଳରେ ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି । ସାଇକେଲକୁ ଦେଖିଲେ ମନେହୁଏ ସତେ ଯେମିତି କେହି ଜଣେ ଅଦୃଶ୍ୟ ମଣିଷ ଏହାକୁ ଚଲାଉଛି । ଏହି ସାଇକେଲ୍‌କୁ ଏଭଳି ଭାବେ ଡିଜାଇନ୍ କରାଯାଇଛି ଯେ, ଏହାର ପ୍ୟାଡାଲ୍‌ରେ ଦୁଇଟି ଡମି (ନକଲି) ଗୋଡ଼ ଲଗାଯାଇଛି, ଯାହା ସାଇକେଲ୍ ଚାଲିବା ସମୟରେ ପ୍ରକୃତ ଗୋଡ଼ ଭଳି ବୁଲିଥାଏ ଏବଂ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥାଏ । ତେବେ ଏହା କେବଳ କୌଣସି ସାଧାରଣ ଚାଲାକି ବା ଟ୍ରିକ୍ ନୁହେଁ, ବରଂ ଏଥିରେ ସ୍ମାର୍ଟ ଟେକ୍ନୋଲୋଜିର ଚମତ୍କାର ବ୍ୟବହାର କରାଯାଇଛି । ଯେଉଁଥିରେ ସାଇକେଲ୍‌ର ସମ୍ମୁଖ ଚକରେ ଏକ ଶକ୍ତିଶାଳୀ ମୋଟର ଲଗାଯିବା ସହ ବିଭିନ୍ନ ସେନ୍ସର ଏବଂ ରାସ୍ପବେରୀ ପାଇ ଭଳି ଆଧୁନିକ ମାଇକ୍ରୋକଣ୍ଟ୍ରୋଲର ପ୍ରଯୁକ୍ତିବିଦ୍ୟା ଖଞ୍ଜାଯାଇଛି । ଏହି ସ୍ମାର୍ଟ ସାଇକେଲ୍‌କୁ ମୋବାଇଲ୍ ଆପ୍, ରିମୋଟ୍ କଣ୍ଟ୍ରୋଲ୍ କିମ୍ବା ପୂର୍ବରୁ ସେଟ୍ କରାଯାଇଥିବା ଜିପିଏସ୍ ରୁଟ୍ ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ (ଅଟୋମ୍ୟାଟିକ୍) ଭାବେ ମଧ୍ୟ ରାସ୍ତାରେ ଚଲାଯାଇପାରିବ । ଶିବମ୍ ମୌର୍ଯ୍ୟ ନିଜ ସହଯୋଗୀ ଗୁରପ୍ରୀତ ଅରୋଡ଼ାଙ୍କ ସହ ମିଶି ପ୍ରାୟ ୩ ମାସର କଠିନ ପରିଶ୍ରମ ପରେ ଏହି ଅଭିନବ ପ୍ରୋଜେକ୍ଟକୁ ସଫଳତାର ସହ ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ପ୍ରାୟ ୩୫,୦୦୦ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ବର୍ତ୍ତମାନ ଏହି ଆଧୁନିକ ଉଦ୍ଭାବନଟି ସାରା ଗୁଜରାଟରେ ଚର୍ଚ୍ଚାର ଶିରୋନାମା ପାଲଟିଛି ।

# ସଲମାନଙ୍କ ରାଗ




ମୁମ୍ବାଇର ହିନ୍ଦୁଜା ହସ୍ପିଟାଲ ବାହାରେ ବଲିଉଡ ସୁପରଷ୍ଟାର ସଲମାନ ଖାନ ଏବଂ ସେଲିବ୍ରିଟି ଫଟୋଗ୍ରାଫର (ପାପାରାଜି)ଙ୍କ ମଧ୍ୟରେ ଘଟିଥିବା ଏକ ଅପ୍ରୀତିକର ପରିସ୍ଥିତି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ନିଜର ଜଣେ ନିକଟତର ବ୍ୟକ୍ତିଙ୍କୁ ଦେଖିବା ପାଇଁ ମଙ୍ଗଳବାର ରାତିରେ ହସ୍ପିଟାଲ ଯାଇଥିବା ସଲମାନ, ସେଠାରୁ ବାହାରିବା ସମୟରେ କିଛି ଫଟୋଗ୍ରାଫର ତାଙ୍କ ଆଗାମୀ ଚଳଚ୍ଚିତ୍ର 'ମାତୃଭୂମି'ର ନାଁ ନେଇ ଜୋରରେ ଚିତ୍କାର କରିଥିଲେ । ହେଲେ ପାପରାଜିଙ୍କର ଏଭଳି ବ୍ୟବହାରରେ ସଲମାନ ଭୀଷଣ କ୍ରୋଧିତ ହୋଇଥିଲେ ଏବଂ ଅନ୍ୟର ଦୁଃଖ ସମୟରେ ଏଭଳି ସମ୍ବେଦନହୀନ ଆଚରଣ ନକରିବାକୁ ଚେତାବନୀ ଦେଇଥିଲେ । ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ, ସଲମାନ ବିଳମ୍ବିତ ରାତିରେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏକାଧିକ ପୋଷ୍ଟ କରିଛନ୍ତି । ଏଥିରେ, ସେ ପାପରାଜିଙ୍କ ଜୀବିକା ପାଇଁ ସବୁବେଳେ ଗଣମାଧ୍ୟମକୁ ସହଯୋଗ କରିଆସିଛନ୍ତି, କିନ୍ତୁ କାହାର ଯନ୍ତ୍ରଣାକୁ ନେଇ ବ୍ୟବସାୟ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଲମାନ ଲେଖିଛନ୍ତି । ଏପରିକି ୬୦ ବର୍ଷ ବୟସରେ ମଧ୍ୟ ସେ ନିଜର ଅଧିକାର ପାଇଁ ଲଢ଼ିବା ଭୁଲିନାହାନ୍ତି ଏବଂ ଏଥିପାଇଁ ଜେଲ ଯିବାକୁ ବି ପ୍ରସ୍ତୁତ ଅଛନ୍ତି ବୋଲି ସଲମାନ ମତ ଦେଇଛନ୍ତି । ତେବେ କେବଳ ସଲମାନ ନୁହନ୍ତି, ଗତ ସୋମବାର ଏକ କାର୍ଯ୍ୟକ୍ରମରୁ ଫେରିବା ସମୟରେ ଅଭିନେତା ଗୋବିନ୍ଦାଙ୍କ ବଡିଗାର୍ଡ ଏବଂ ପାପାରାଜିଙ୍କ ମଧ୍ୟରେ ମଧ୍ୟ ଠେଲାପେଲାକୁ ନେଇ ପ୍ରବଳ ଯୁକ୍ତିତର୍କ ହୋଇଥିଲା, ଯେଉଁଥିରେ ଗୋବିନ୍ଦାଙ୍କୁ ନିଜେ ଆସି ସମାଧାନ କରିବାକୁ ପଡ଼ିଥିଲା ।

## ହାଃହାଃ

ସ୍ତ୍ରୀ ଜଣକ ନୂଆ କରି କାର୍ ଚଲାଇବା ଶିଖୁଥିଲେ । ଗାଡ଼ି ନେଇ ବାହାରକୁ ଗଲାବେଳେ ସ୍ୱାମୀଙ୍କୁ କହିଲେ...

ସ୍ତ୍ରୀ: ଶୁଣୁଛ, ଯଦି ମୁଁ ଗାଡ଼ି ନେଇ ନଈ ଭିତରକୁ ପଶିଯାଏ, ତେବେ ତୁମେ କ'ଣ କରିବ ?

ସ୍ୱାମୀ: ମୁଁ ସେମିତି କିଛି ବଡ଼ କାମ କରିବିନି, ବାସ୍ ଶାନ୍ତିରେ ବସି ନଈ କୂଳରେ ତୁମର ରିଲ୍ସ କରିବି, ଯାହା ତୁମେ ପରେ ଖୋଜିବ ଅପଲୋଡ କରିବାକୁ ।





**ମେଷ:** ଖୁସିଖବର, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ନୂତନ ବନ୍ଧୁଲାଭ, ବିଦ୍ୟାରେ ସଫଳ, ଶତ୍ରୁସମସ୍ୟା, ଦାମ୍ପତ୍ୟ କଳହ, ବ୍ୟକ୍ତି ସହାୟତା, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ବୃଷ:** ନୂତନ ଆୟ, ବିଶିଷ୍ଟ କାର୍ଯ୍ୟରେ ଅନୁତାପ, ବ୍ୟବସାୟିକ ଖୁସି, ସମ୍ପତ୍ତିଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଅର୍ଥଲାଭ, ଯାତ୍ରାରେ ସାବଧାନ, ନୂତନ ବନ୍ଧୁଲାଭ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମିଥୁନ:** ଶତ୍ରୁସମସ୍ୟା, ବ୍ୟକ୍ତିସହାୟତା, ଦୂରଯାତ୍ରା ସଫଳ, ମାଲିମୋକଦ୍ଦମା, ନୂତନ ସମସ୍ୟା, ବ୍ୟବସାୟିକ କଷ୍ଟ, କ୍ରୟବିକ୍ରୟ, କର୍ମକ୍ଷେତ୍ରେ ଅଶାନ୍ତି, ଆର୍ଥିକ ଚିନ୍ତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ଶୁଭକାର୍ଯ୍ୟରେ ଧନବ୍ୟୟ, ଦେବକାର୍ଯ୍ୟରେ ଖୁସି, ଅତିଥି ସତ୍କାର, ସମ୍ମାନପ୍ରାପ୍ତି, ଦୂରଯାତ୍ରା, ମୋକଦ୍ଦମାରେ ବିଜୟ, ବ୍ୟବସାୟରେ ସ୍ୱଳ୍ପଲାଭ, ସମ୍ପତ୍ତି ମାମଲା, ସନ୍ତାନଖୁସି, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ଗଣେଶ ଭଗବାନ ।

**ସିଂହ:** ବନ୍ଧୁସାହାଯ୍ୟ, ଶରୀର ସୁସ୍ଥ, ଆର୍ଥିକ ଲାଭ, ନୂତନ ଖବର ଦୂରଯାତ୍ରାରେ ସତର୍କ, ପୁରାତନ ମାମଲାରେ କଷ୍ଟ, ବିଦ୍ୟାରେ ସଫଳତା, ଦାମ୍ପତ୍ୟ କଳହ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ଆୟବୃଦ୍ଧି, ଶୁଭଖବର, ନୂତନ ନିଯୁକ୍ତି, ବ୍ୟବସାୟରେ ଲାଭ, ଦ୍ରବ୍ୟପ୍ରାପ୍ତି, ଶରୀର ସୁସ୍ଥ, ସମ୍ମାନଲାଭ, ସମ୍ପତ୍ତିଲାଭ, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳ, ଦାମ୍ପତ୍ୟ ଖୁସି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁନାରାୟଣ ।

**ତୁଳା:** ଶାନ୍ତିପ୍ରଦ, ସୁସମାଚାର, ସନ୍ତାନଖୁସି, ବନ୍ଧୁସାହାଯ୍ୟ, ନୂତନ କାର୍ଯ୍ୟ ଆରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, କିଛି ମାମଲାରେ ପଡ଼ିବେ, ଆଶାରେ କଷ୍ଟ, ବିଦ୍ୟାରେ ସଫଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ବିଛା:** କାର୍ଯ୍ୟରେ ବିଳମ୍ବ, ଉଚ୍ଚଆଶା ସଫଳ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, କର୍ମେ ଆନନ୍ଦ, ଦୂରଯାତ୍ରା ସଫଳ, ସମ୍ପତ୍ତିଲାଭ, ଶରୀର ସୁସ୍ଥ, ଅର୍ଥଲାଭ, ବିଦ୍ୟାରେ ସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ନୃସିଂହ ।

**ଧନୁ:** ବନ୍ଧୁପ୍ରାପ୍ତି, କାର୍ଯ୍ୟରେ ଅଗ୍ରଗତି, ମାନସିକ ଶାନ୍ତି, ଦୂରଯାତ୍ରା ସଫଳ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଆର୍ଥିକ ଲାଭ, ବିବାଦ ସମାଧାନ, ସମ୍ମାନଲାଭ, ନୂତନ କର୍ମ ଆରମ୍ଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ଆୟବୃଦ୍ଧି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁଗୃହେ ଯାତ୍ରା, ଦାମ୍ପତ୍ୟ ସୁଖ, ପରିବହନ କ୍ଷେତ୍ରେ ସଫଳ, ବିଦ୍ୟାରେ ସଫଳତା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମା' ସନ୍ତୋଷୀ ।

**କୁମ୍ଭ:** ଆର୍ଥିକ କ୍ଷେତ୍ରେ ବିପଦ, ମୋକଦ୍ଦମାଭୟ, ଶରୀର ସୁସ୍ଥ, ସମ୍ମାନଲାଭ, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ବିବାଦ ସମାଧାନ, ନୂତନ ବନ୍ଧୁଲାଭ, ଦୂରଯାତ୍ରା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମୀନ:** କର୍ମେ ବାଧା, ଶତ୍ରୁସମସ୍ୟା, ଯାତ୍ରାରେ ସତର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ଅସୁସ୍ଥ, ବନ୍ଧୁଲାଭ, ମାନସିକ ଅଶାନ୍ତି, ଭ୍ରାତୃକଳହ, ଦାମ୍ପତ୍ୟସୁଖ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

**ଜ୍ୟେଷ୍ଠ (ମଳ) ଶୁକ୍ଳପକ୍ଷ ପଞ୍ଚମୀ**
**୨୧.୫.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୫
ତିଥି : ଚତୁର୍ଥୀ
୨୧ ମେ' ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 225
21 May 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବକୁ ଅନୁମୋଦନ

# ୩୫୮ ପୁରୁଣା ଆଇନ୍ ରଦ୍ଦ

ଭୁବନେଶ୍ୱର, ୨୦।୫ (ସବ୍ୟୁ) : ୧୯୭୪ରୁ ୨୦୨୫ ମଧ୍ୟରେ ବିଧାନସଭା ଦ୍ୱାରା ପ୍ରଣିତ ୩୫୮ଟି ଅଧିନିୟମକୁ ବିଲୋପ କରାଯିବ। ରାଜ୍ୟ ଆଇନ୍ ଆୟୋଗ ସୁପାରିଶକୁ ଗ୍ରହଣ କରିବା ଏବଂ ୨୦୨୬ର ଓଡ଼ିଶା ବିଲୋପ ବିଲ୍ ପ୍ରଣୟନ ପଦକ୍ଷେପ ଲାଗି ରାଜ୍ୟ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ୍‌ରେ ଉପରୋକ୍ତ ନିଷ୍ପତ୍ତି ସମେତ ମୋଟ୍ ୭ ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଆ ଭାଷା ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଏବଂ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିବାବେଳେ ଆଇନ୍ ବିଭାଗର ୩, ଶକ୍ତି ବିଭାଗର ୨ଟି



ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୁଖ୍ୟ ସଚିବ କହିଛନ୍ତି ଯେ ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ବର୍ଗର ବିଭିନ୍ନ ପଦବୀରେ ନିଯୁକ୍ତି ଓ ପଦୋନ୍ନତି ପାଇଁ ଓଡ଼ିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ୨୦୨୬ ଗଠନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟରେ କୋର୍ଟ ମ୍ୟାନେଜରମାନଙ୍କ ସେବାକୁ ନିୟମିତକରଣ ପାଇଁ ଏକ ନୂତନ ନିୟମାବଳୀ ପ୍ରଣୟନ କରାଯାଇଛି।

- ଓଡ଼ିଶା ମେରାଇନ୍ ଫିସିଂ ରେଗୁଲେସନ୍ ନିୟମ ୨୦୨୬
- ବେଆଇନ୍ ମାଛ ଧରା ବନ୍ଦ ହେବ
- ନିୟମିତ ହେବ କୋର୍ଟ ମ୍ୟାନେଜର ପଦବୀ
- ଗ୍ରୁପ୍-ଡି ରୁ କନିଷ୍ଠ କିରାଣିଙ୍କୁ ମିଳିବ ପଦୋନ୍ନତି
- ଆଇପିପିରୁ ରାଜ୍ୟକୁ ମିଳିବ ୫% ବିଜୁଳି
- ଏସ୍‌ଟି, ଏସ୍‌ସି ବିଭାଗରେ ୧୦୩୨ ପଦବୀ ସୃଷ୍ଟି

ଉକ୍ତ ନିୟମାବଳୀ ପ୍ରଣୟନ ଦ୍ୱାରା ଜିଲ୍ଲା ନ୍ୟାୟାଧୀଷମାନଙ୍କର ପ୍ରଶାସନିକ କ୍ଷମତା ବୃଦ୍ଧି ପାଇବା ସହ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିପାରିବେ। ସେହିଭଳି ଓଡ଼ିଶା ଜିଲ୍ଲା ଏବଂ ସିଭିଲ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା ନିୟମାବଳୀ ୨୦୦୮ରେ ସଂଶୋଧନ କରାଯାଇ ଗ୍ରୁପ୍-ଡି କର୍ମଚାରୀଙ୍କୁ କନିଷ୍ଠ କିରାନୀ ପଦବୀକୁ ପଦୋନ୍ନତି ଲାଗି ସୁଯୋଗ ଦିଆଯାଇଛି। ସେହିଭଳି ଶକ୍ତି ବିଭାଗର ଏକ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବର୍ତ୍ତମାନ ଚାଲୁଥିବା ନୀତିର ଧାରା-୩ ଅଧୀନରେ ଭବିଷ୍ୟତ ଆଇପିପି ସହ ପ୍ରସ୍ତାବିତ ଏମ୍ଓୟୁ ଶୀର୍ଷକକୁ ସଂଶୋଧନ କରି ପ୍ରସ୍ତାବିତ ଶବ୍ଦକୁ ବିଲୋପ କରାଯାଇଛି। ଏହା ପରିବର୍ତ୍ତେ ଭବିଷ୍ୟତ ଆଇପିପି ସହ ଏମ୍ଓୟୁ ଭାବେ ପରିବର୍ତ୍ତିତ ହେବ। ବର୍ତ୍ତମାନ ଥିବା ଆଇପିପି ଠାରୁ ତାପଜ ଶକ୍ତି କେନ୍ଦ୍ରର ୧୪% / ୧୨% ଶକ୍ତିକୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବାର ଅଧିକାର ବଦଳରେ ତାପଜ ଶକ୍ତି କେନ୍ଦ୍ରରୁ ବାହାରୁଥିବା ଶକ୍ତିର ୫%କୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବା ପାଇଁ ସରକାରଙ୍କ ଦ୍ୱାରା ଅଧିକୃତ ଏକ ନାମିତ ସଂସ୍ଥାକୁ ଅଧିକାର ପ୍ରଦାନ କରାଯିବ। ଆଇପିପିମାନଙ୍କୁ ସମୟ ସମୟରେ ସରକାର ଏବଂ ବୈଧାନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରିକୃତ ପରିବେଶ ମାନଦଣ୍ଡ ଓ ନିର୍ଦ୍ଦେଶାବଳିକୁ କଠୋର ଭାବରେ ପାଳନ କରିବାକୁ ହେବ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ନିୟନ୍ତ୍ରଣାଧୀନ ଜିଲ୍ଲା କାର୍ଯ୍ୟାଳୟ ଓ ଏହାର (୯ ପୃଷ୍ଠାରେ)

## ଡଲାର ତୁଳନାରେ ସର୍ବନିମ୍ନ ସ୍ତରରେ ଟଙ୍କା

### ୯୬.୯୬ ଟଙ୍କାକୁ କମିଲା

ନୂଆଦିଲ୍ଲୀ, ୨୦।୫ : ଆମେରିକା ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। କ୍ରମାଗତ ଭାବେ ୮ ଦିନ ହେଲାଣି ଟଙ୍କା ନିମ୍ନଗାମୀ ହେଉଛି। ମଙ୍ଗଳବାର ଏହା ୯୬.୬୦ଟଙ୍କାକୁ ଖସିଥିଲା। ତେବେ ବୁଧବାର ଭାରତୀୟ ଟଙ୍କା ସର୍ବକାଳୀନ ରେକର୍ଡ ସ୍ତରକୁ ଖସି ଡଲାର ତୁଳନାରେ ୯୬.୯୬ଟଙ୍କାକୁ ଖସିଛି। ଟଙ୍କାର ମୂଲ୍ୟ ହ୍ରାସ ହେବାନେଇ ଏବେ ଅର୍ଥନୀତି କ୍ଷେତ୍ରରେ ବଡ ଝଟ୍‌କା ଲାଗିପାରେ ବୋଲି କୁହାଯାଉଛି।

ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଭାରତ ଶକ୍ତି ଆମଦାନୀ ଉପରେ ବିଶେଷ ନିର୍ଭର କରେ, ଯାହା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଭାରତ ଦୈନନ୍ଦିନ ୫.୫ ନିଯୁତ ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରିଥାଏ। ପ୍ରତି ବ୍ୟାରେଲ୍‌କୁ ଡଲାରରେ କାରବାର ହୋଇଥାଏ। ତେବେ ଟଙ୍କାର ମୂଲ୍ୟ ହ୍ରାସ ନେଇ ଏବେ ରାଜନୀତି ମଧ୍ୟ ଜୋର ଧରିଛି। କଂଗ୍ରେସ ଓ ଅନ୍ୟ ବିରୋଧୀ (୯ ପୃଷ୍ଠାରେ)

## ଜାତି ଜନଗଣନା ବିରୋଧ ମାମଲା ଖାରଜ

ନୂଆଦିଲ୍ଲୀ,୨୦।୫: ଜନଗଣନାରେ ଜାତିଗତ ଜନଗଣନାକୁ ସାମିଲ କରିବା ନେଇ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲା ବଗ୍‌ଚୀ ଓ ଜଷ୍ଟିସ ବିପୁଲ ପାଞ୍ଚୋଲୀକୁ ନେଇ ଗଠିତ ଖଣ୍ଡପୀଠ ଏସଂକ୍ରାନ୍ତରେ ହୋଇଥିବା ଟିଆଇଏଲକୁ ଖରାଜ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ରାଜ୍ୟରେ କେତେ ପଛୁଆ ଜାତିର ବ୍ୟକ୍ତି ଅଛନ୍ତି ସରକାର ଜାଣିବା ଉଚିତ।



ଖଣ୍ଡପୀଠ କହିଥିଲେ। ଏହା ହେଉଛି ସରକାରଙ୍କ ନୀତି। ଏଥିରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ। ତେବେ ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ, ଜାତିଗତ ତଥ୍ୟର ଅପବ୍ୟବହାର ହୋଇପାରେ। (୯ ପୃଷ୍ଠାରେ)

## ଅଧିକ ସଂଗଠିତ ହେଉଛି ମୌସୁମୀ ବାୟୁ : ପଶୁପାଳକ

ଭୁବନେଶ୍ୱର, ୨୦।୫ (ସବ୍ୟୁ): ବର୍ତ୍ତମାନର ପାଣିପାଗ ହେଉଛି ମୌସୁମୀ ଆସିବା ପୂର୍ବର ଏକ ପରିବର୍ତ୍ତନ ସମୟ। ପଶ୍ଚିମ ଏବଂ କେନ୍ଦ୍ରୀୟ ଭାରତର ସ୍ଥଳଭାଗ ଅତ୍ୟଧିକ ଗରମ ହେବାରେ ଲାଗିଛି, ଅନ୍ୟପଟେ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଉପକୂଳ ଓଡ଼ିଶାରେ ବଢ଼ିଚାଲିଛି । ଏହି ଦୁଇଟିର ମିଶ୍ରଣ ଯୋଗୁଁ ପଶ୍ଚିମରେ ପ୍ରବଳ ଶୁଖିଲା ତାତି ଏବଂ ଉପକୂଳରେ ଗୁଳୁଗୁଳିଆ ଗରମ ସୃଷ୍ଟି ହେଉଛି । ଏହି ସ୍ଥିତି ଆହୁରି କିଛି ଦିନ ପର୍ଯ୍ୟନ୍ତ ଜାରି ରହିପାରେ, ଯଦିଓ ସ୍ଥାନୀୟ ଭାବେ (୯ ପୃଷ୍ଠାରେ)

# ତତଲା କଡ଼େଇରେ ସାରା ଓଡ଼ିଶା

ଭୁବନେଶ୍ୱର, ୨୦।୫ (ସବ୍ୟୁ) : ପଶ୍ଚିମ ଓଡ଼ିଶା ସିଝୁଥିବାବେଳେ ଉପକୂଳ ଅଞ୍ଚଳ ଗୁଳୁଗୁଳିରେ ସନ୍ତୁଳି ହେଉଛି । ଝାରସୁଗୁଡ଼ାରେ ଦିନର ତାପମାତ୍ରା ୪୬° ରେକର୍ଡ଼ ହୋଇଛି । ବୁଧବାର ୨୧ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦° କିମ୍ବା ତା'ଠାରୁ ଅଧିକ ରହିଛି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ଲାଗି ସତର୍କତା ଜାରି କରାଯାଇଛି । ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ



- ଝାରସୁଗୁଡ଼ାରେ ସର୍ବାଧିକ ୪୬°
- ୪୩° ଉପରେ ୮ ସହରର ତାପମାତ୍ରା
- ଜଳୁଛି ପଶ୍ଚିମ, ଗୁଳୁଗୁଳିରେ ସନ୍ତୁଳି ହେଉଛି ଉପକୂଳ

ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି, ବୁଧବାର ଝାରସୁଗୁଡ଼ା ଓଡ଼ିଶାର ସବୁଠୁ ଉତ୍ତପ୍ତ ସହର ଭାବେ ଉଭା ହୋଇଛି । ଆଜି ଏଠାରେ ୪୬° ତାପମାତ୍ରା ରେକର୍ଡ଼ ହୋଇଥିବାବେଳେ ୧୯୭୮ ମସିହା ମେ' ୨୦ ତାରିଖରେ (୯ ପୃଷ୍ଠାରେ)

## କୋଟିଏରୁ ଊର୍ଦ୍ଧ୍ୱ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୦।୫ (ସବ୍ୟୁ) : ବଡଗଡ ମୌଜାରେ ଏକ ଜମି ବିକ୍ରି ଏବଂ ସେଠାରେ ବହୁତଳ ଆପାର୍ଟମେଣ୍ଟ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କ ଠାରୁ କୋଟିଏ ୨୯ଲକ୍ଷ ୫ ହଜାର ୨୫୦ ଟଙ୍କା ଠକିନେଇଥିବା ଅଭିଯୁକ୍ତ ଜ୍ଞାନରଞ୍ଜନ ନାୟକକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ ।

ଅଭିଯୋଗକାରୀ ଜଗନ୍ନାଥ ପଣ୍ଡା (୫୮)ଙ୍କୁ ଅଭିଯୁକ୍ତ ଜ୍ଞାନରଞ୍ଜନ ନାୟକ ବଡଗଡ ମୌଜାରେ ଏକ ଜମି ବିକ୍ରିର ଏବଂ ସେଠାରେ ଆପାର୍ଟମେଣ୍ଟ ନିର୍ମାଣ କରିବାକୁ କହିଥିଲା । ସେହି ଜମିର ଉନ୍ନତିକରଣ କାମରେ ବିନିଯୋଗ କରିବା ପାଇଁ ପ୍ରଲୋଭିତ କରିଥିଲା ଅଭିଯୁକ୍ତ । ଅଭିଯୁକ୍ତର କଥାରେ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ସମୟରେ ଅଗ୍ରୀମ ଜମି ମୂଲ୍ୟ, ସିକ୍ୟୁରିଟି ଡିପୋଜିଟ୍, ଜମି କନଭର୍ସନ ଫି' ଏବଂ ଅନ୍ୟାନ୍ୟ ଡେଭଲପମେଣ୍ଟ ଖର୍ଚ୍ଚ ବାବଦକୁ କୋଟିଏ ୨୯ଲକ୍ଷ ୫ ହଜାର ୨୫୦ଟଙ୍କା ଦେଇଥିଲେ । ଟଙ୍କା ନେବା ପରେ ଅଭିଯୁକ୍ତ (୯ ପୃଷ୍ଠାରେ)

## କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରଫ

# ୮୩ ଏକର ଜମିରେ ୯୭ ପ୍ଲଟ୍

ଭବାନୀପାଟଣା, ୨୦।୫ (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଆର୍ ଆଣ୍ଡ ବି ଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଅଭିଯୁକ୍ତ ଇଞ୍ଜିନିୟରଙ୍କୁ ଗିରଫ ପରେ ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଶ୍ରୀ ଶବର ୮୩ ଏକର ଜମି ରଖିଛନ୍ତି, ଯେଉଁଥିରେ ୯୭ଟି ପ୍ଲଟ୍ ସାମିଲ ଅଛି ।

ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଗୋଟିଏ ୪ମହଲା କୋଠା ସମେତ ୫ଟି ବଡ଼ କୋଠା ଘର ଅଛି । ସେହିପରି ୮୩ ଏକର ଜମି ଅଛି, ଯାହା ୯୭ଟି ପ୍ଲଟ ବିଶିଷ୍ଟଛ ୧୭ ଏକର ଜମିରେ ୨ଟି ଫାର୍ମ ହାଉସ ଥିବା ବେଳେ ୮ କ୍ୟାବିନ ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ରହିଛି । ଶ୍ରୀ ଶବରଙ୍କ ନାମରେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ବିଭାଗ ମଙ୍ଗଳବାର ଭୋର ସକାଳୁ ଚଢ଼ାଉ ଆରମ୍ଭ କରିଥିଲା। କଳାହାଣ୍ଡି ଜିଲ୍ଲାର ୬ଟି ସ୍ଥାନରେ ମିଳିତ ଭାବେ ଚଢ଼ାଉ ହୋଇଥିଲା। ଭବାନୀପାଟଣା ଓ କୋକସରା ଓ ଧର୍ମଗଡ଼ ଅଞ୍ଚଳରେ ଏକାସାଙ୍ଗେ ଚଢ଼ାଉ ଆରମ୍ଭ କରିଥିଲେ । ଭବାନୀପାଟଣା ଭିଜିଲାନ୍ସ ନ୍ୟାୟାଧୀଶଙ୍କ ସର୍ଚ୍ଚ ଓ୍ୱାରେଣ୍ଟ ଆଧାରରେ ୬ ଜଣ (୯ ପୃଷ୍ଠାରେ)

# ଯୁକ୍ତ ଦୁଇରେ ପାସ୍ ହାର ୮୫.୮୫%

ଭୁବନେଶ୍ୱର, ୨୦।୫ (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ଦ୍ୱାଦଶ ଶ୍ରେଣୀ(ଯୁକ୍ତ୨) ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ଫଳ ଗୋଟିଏ ସମୟରେ ବାହାରିଛି ଓ ପାସ୍‌ହାର ୮୫.୮୫% ରହିଛି । ବିଜ୍ଞାନ ବିଭାଗରେ ପାସ୍ ହାର ସର୍ବାଧିକ ୮୮.୮୨% ହୋଇଥିବା ବେଳେ

- ଛାତ୍ରଙ୍କୁ ଟପିଲେ ଛାତ୍ରୀ
- ଚଳିତବର୍ଷ ପ୍ରଥମ ଥର ଉନ୍ନତି ପରୀକ୍ଷା ଦେଇପାରିବେ
- ବିଜ୍ଞାନରେ ୮୮.୮୨%, କଳାରେ ୮୪.୫୦%
- ବାଣିଜ୍ୟରେ ୮୮.୦୭%, ଧନ୍ଦାମୂଳକରେ ୭୭.୬୨%
- କଳାରେ ସମ୍ବଲପୁର, ବିଜ୍ଞାନରେ ବାଲେଶ୍ୱର, ବାଣିଜ୍ୟରେ ବୌଦ୍ଧ ଆଗରେ

ବାଣିଜ୍ୟରେ ୮୮.୦୭%, କଳାରେ ୮୪.୫୦% ଓ ଧନ୍ଦାମୂଳକରେ ୭୭.୬୨% ହୋଇଛି । ଏଥର ବି ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉନ୍ନତ ପ୍ରଦର୍ଶନ କରିଛନ୍ତି । ମୋଟ ୬,୨୮୪ଜଣ ଛାତ୍ରଛାତ୍ରୀ ୯୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ ବିଶେଷ ଘୋଷଣା କରିଛନ୍ତି । ଚଳିତ ବର୍ଷ (୯ ପୃଷ୍ଠାରେ)

## ସୌମ୍ୟ ହତ୍ୟାକାଣ୍ଡ | ସନ୍ଦେହରେ ସାଙ୍ଗ ଓମ୍‌ଙ୍କ ଭୂମିକା

### ଷ୍ଟେରଏଡ୍ ନେବା, ଫିଡ୍ସ ମାରିବା ବ୍ୟବଚ୍ଛେଦରେ ନାହିଁ

**ଗଗନ ସ୍ୱାଇଁ**

ଭୁବନେଶ୍ୱର, ୨୦।୫ : ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ସଂଘବଦ୍ଧ ଆକ୍ରମଣ କରି ଦୁର୍ବୃତ୍ତମାନେ ହତ୍ୟା କରିଥିଲେ । ତାଙ୍କ ସହ ବାଇକ୍ ଚଲାଉଥିବା ଓମ୍‌ପ୍ରକାଶ ମହାନ୍ତିଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି । ସୌମ୍ୟଙ୍କ ମା' ଓମ୍‌ଙ୍କ ବିରୋଧରେ ଗୁରୁତର ଅଭିଯୋଗ ବାଢ଼ିଛନ୍ତି । ସେ ତାଙ୍କ ମୋବାଇଲରୁ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଟେଲିଫୋନ୍ କରି ଡକାଇଥିଲେ । ତାଙ୍କ ମୋବାଇଲକୁ ଯାଞ୍ଚ କରାଗଲେ ସେ କେଉଁମାନଙ୍କୁ ଫୋନ୍



କରିଥିଲେ ତାହା ସ୍ପଷ୍ଟ ହେବ । ପଲିଗ୍ରାଫ୍ ଟେଷ୍ଟ (ସତ-ମିଛ ପରୀକ୍ଷା) ହେଲେ ଓମ୍ ଯାହା କହୁଛନ୍ତି ତାହା ସତ ନା ମିଛ କହୁଛନ୍ତି ଜଣାପଡ଼ିବ ।

ଦୁଇ ଯୁବତୀଙ୍କ ସ୍କୁଟରକୁ ବାଇକ୍ ଧକ୍କା ଦେବାପରେ ଘଟଣା ଘଟିଥିବା ଓମ୍ କହୁଛନ୍ତି। ଓମ୍ ବାଇକ୍ ଚଲାଉଥିବାରୁ ଦୁର୍ଘଟଣା ପରେ ତାଙ୍କୁ କାହିଁକି ଆକ୍ରମଣ କରାଗଲା ନାହିଁ । କାରଣ ଗାଡି ଦୁର୍ଘଟଣା ହେଲେ ଚାଳକଙ୍କ ଉପରେ ଆକ୍ରମଣ ହୋଇଥାଏ । ସୌମ୍ୟ ପଛରେ ବସିଥିଲେ, ହେଲେ ତାଙ୍କୁ ଆକ୍ରମଣ କରାଗଲା, ଯାହାଫଳରେ ମୃତ୍ୟୁ ଘଟିଥିଲା । ଓମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେଠାରେ ଠିଆ ହୋଇଥିବ । ବେଳେ ବାଇକ୍ କାହିଁକି ଧକ୍କାହେଲା ବୋଲି ତାଙ୍କୁ କେହି ପଚାରି ନଥିଲେ । ବରଂ ସୌମ୍ୟଙ୍କୁ ଆକ୍ରମର କରିଚାଲିଥିଲେ। ଓମ୍ ଚଲାଉଥିବା ବାଇକ୍‌ର ଚାବି ନେଇଥିବା ବ୍ୟକ୍ତି କିଏ? ସେ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ଚିହ୍ନଟ ହୋଇଛନ୍ତି କି ? ଓମ୍ ଘଟଣା ପରେ ସୌମ୍ୟଙ୍କ ଘରକୁ ଫୋନ୍ ନକରି ମୁଖ୍ୟ ଅଭିଯୁକ୍ତ ଚିନୁ, ବବୁଲୁ, ପବି, ବଣ୍ଟି, କୁନାଲ ପ୍ରଭୃତି କଟକସଦର ଅଞ୍ଚଳରୁ ଫୋନ୍ କରି ଡାକିଥିଲା । ଯାହାକି ସେମାନେ ପହଞ୍ଚି ସୌମ୍ୟଙ୍କୁ ଭୟଙ୍କର ଆକ୍ରମଣ କରିବା ସହ ଗୋଡହାତ ବାନ୍ଧି ଥିଲେ । ପୋଲିସ ତାଙ୍କୁ ସହାୟତା କରିଥିବା ଭିଡିଓରୁ ସ୍ପଷ୍ଟ ହେଉଛି । ସୌମ୍ୟ ମା' ଓ ଅନ୍ୟ ଦୁଇଜଣ ବନ୍ଧୁଙ୍କ କହିବାନୁଯାୟୀ କଟକରୁ ହତ୍ୟା ଯୋଜନା ପ୍ରସ୍ତୁତ (୯ ପୃଷ୍ଠାରେ)

### ଭାରତ-ଇଟାଲୀ ଦ୍ୱିପାକ୍ଷିକ ଆଲୋଚନା

## ୨୦୨୯ ସୁଦ୍ଧା ୨୦ ବିଲିୟନ୍ ୟୁରୋ କାରବାର ଲକ୍ଷ୍ୟ

ନୂଆଦିଲ୍ଲୀ,୨୦।୫: ଭାରତ ଓ ଇଟାଲୀ ମଧ୍ୟରେ ବାଣିଜ୍ୟ, ନିବେଶ ଓ ସାଂସ୍କୃତିକ ଯୋଗାଯୋଗ ଭାଗିଦାରିତା ଓ ସହଯୋଗ ବୃଦ୍ଧି କରାଯିବ। ବିଶେଷ କରି ଯୋଜନା ବଦ୍ଧ ଭାଗିଦାରିତା ମଧ୍ୟରେ ବାଣିଜ୍ୟ, ନିବେଶ ଓ ନୂଆ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ସ୍ଥିର ହୋଇଛି।



ଇଟାଲୀଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀର ରାଷ୍ଟ୍ରପତିଙ୍କୁ ଭେଟି ଭାରତ ଓ ଇଟାଲୀ ବନ୍ଧୁତା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ମଧ୍ୟ ଏଆଇ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମହାକାଶ ଓ ଆଣବିକ ଶକ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଓ ଇଟାଲୀ ମଧ୍ୟର ସହଯୋଗକୁ ସୁଦୃଢ଼ କରିବା ପାଇଁ ଫୋକସ କରାଯାଉଛି। ବିଶେଷ କରି ଇଣ୍ଡିଆ-ମିଡିଲିଷ୍ଟ-ୟୁରୋପ (୯ ପୃଷ୍ଠାରେ)

# ଯୁକ୍ତ୨ ପରୀକ୍ଷାରେ ବାରିପଦାର ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭୂତପୂର୍ବ ସଫଳତା



ବାରିପଦା, (ସବ୍ୟୁ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଯୁକ୍ତ୨ ବିଜ୍ଞାନ ଓ କଳା ପରୀକ୍ଷାରେ ରେ ବାରିପଦାର ବଡ ବ୍ରାହ୍ମଣମରାସ୍ଥିତ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭୁତପୁର୍ବ ସଫଳତା ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସବୁବର୍ଷ ପରି ଏହି ବର୍ଷ ମଧ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରି ଯୁକ୍ତ୨ ଶିକ୍ଷାକ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ତଥା ଓଡିଶାରେ ନିଜର ଉତ୍କର୍ଷ ପ୍ରତିପାଦିତ କରିଛି।

ଯୁକ୍ତ୨ ବିଜ୍ଞାନରେ ୧୯୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୮ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ, ୧୦ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତରୁ ଅଧିକ ମାର୍କ ରଖିଥିବା ବେଳେ ୫୩ଜଣ ଛାତ୍ରଛାତ୍ରୀ ୮୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ ଯଥା ରଶ୍ମୀରେଖା ଦାଶ ୫୭୦ (୯୫%), (ଦଶମ-୮୪%), ପ୍ରିନ୍ସ ପ୍ରିୟା ମହାନ୍ତ ୫୬୮ (୯୪. ୬୬%) (ଦଶମ-୮୪%), ଭାଗ୍ୟସ୍ମିତା ଦେଓ ୫୬୬ (୯୪. ୩୩%) (ଦଶମ-୯୦%), ଆଶୁତୋଷ ବେହେରା ୫୬୦ (୯୩. ୩୩%) (ଦଶମ- ୭୦%), ଶୁଭେନ୍ଦୁ କୁମାର ମହାନ୍ତ ୫୫୭ (୯୨. ୮୩%) (ଦଶମ- ୯୨%), ନନ୍ଦିତା ପ୍ରଭା ସାହୁ ୫୫୭ (୯୨. ୮୩%) (ଦଶମ-୮୩%), ମଦନ ମୋହନ ଗିରି ୫୫୫ (୯୨. ୫%) (ଦଶମ- ୯୨%), ରଶ୍ମିତା ଦାସ ୫୫୩ (୯୨. ୧୬%) (ଦଶମ-୭୪%), ଲୋକନାଥ ସାହୁ ୫୫୩ (୯୨. ୧୬%) (ଦଶମ-୭୪%), ଉଜ୍ଜୟିନୀ ଘୋଷ ୫୪୧ (୯୦. ୧୬%) (ଦଶମ-୮୨%) ମାର୍କ ରଖି ଶିକ୍ଷାନୁଷ୍ଠାନର ଗୌରବ ତଥା ସମ୍ମାନ ବୃଦ୍ଧି କରିବାରେ ସହାୟକ ହୋଇଛନ୍ତି। ଯୁକ୍ତ୨ କଳାରେ ୧୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ଜଣେ ଦ୍ୱିତୀୟ ଶ୍ରେଣୀରେ ଜଣେ ପାସ କରିଛନ୍ତି। ରାକେଶ ଶ ୮୨. ୬୬% (ଦଶମ-୫୬%), ସୋନାଲି ବିଦ ୮୦% (ଦଶମ- ୬୨%) ଏବଂ ରାକେଶ କୁମାର ସାହୁ ୭୬% (ଦଶମ-୬୨%) ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଯୁକ୍ତ୨ ପରୀକ୍ଷାରେ ଏହି ରେକର୍ଡ ସଫଳତା ପାଇଁ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିର୍ଦ୍ଦେଶକ ଅମୀୟ ଶଙ୍କର ସାହୁ, ଅଧକ୍ଷ ରାଜୀବ ଲୋଚନ ପଟ୍ଟନାୟକ ଓ ଉପାଧକ୍ଷ ଜ୍ୟୋତି ଶଙ୍କର ମିଶ୍ର ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଭିଭାବକବୃନ୍ଦ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସମସ୍ତ କର୍ମଚାରୀମାନଙ୍କୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ପାଇଁ ଧନ୍ୟବାଦ ଜଣେଇବା ସହିତ ବିଦ୍ୟାଳୟର ସର୍ବୋତ୍କୃଷ୍ଟ ଶିକ୍ଷାଦାନ ପଦ୍ଧତି, ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳା, ଉନ୍ନତ ମାନର ଶୈକ୍ଷିକ ପରିବେଶ ଏବଂ ସନ୍ତୁଳିତ ଖାଦ୍ୟ ବ୍ୟବସ୍ଥା ଏହି ଉଲ୍ଲେଖନୀୟ ସଫଳତା ପାଇଁ ଦାୟୀ ବୋଲି ମତପ୍ରକାଶ କରିଛନ୍ତି । ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏହି ଉଚ୍ଚକୋଟୀର ଫଳାଫଳ ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମହଲରେ ଆନନ୍ଦ ଓ ଉତ୍ସାହ ଭରି ଯାଇଛି ।

# ପୁଣିଥରେ ପ୍ରିନ୍ସ କଲେଜର ୪ଜଣ ଛାତ୍ରଛାତ୍ରୀ ରାଜ୍ୟର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ




ବାରିପଦା, (ସବ୍ୟୁ) : ଚଳିତ ବର୍ଷ ପ୍ରିନ୍ସ କଲେଜର ବାରିପଦା ଏବଂ ବାଲେଶ୍ୱର ଶାଖା ପକ୍ଷରୁ ଯୁକ୍ତ୨ ବିଜ୍ଞାନ ଏବଂ କଳାର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବିଜ୍ଞାନ ବିଭାଗରେ ୫୨୦ଜଣ ପିଲାଙ୍କ ମଧ୍ୟରୁ ୫୧୬ଜଣ ପ୍ରଥମ ଶ୍ରେଣୀରେ, ଅବଶିଷ୍ଟ ୪ଜଣ ଦ୍ୱିତୀୟ ଶ୍ରେଣୀରେ ତନ୍ମଧ୍ୟରୁ ୭୨ଜଣ ପିଲା ୯୦ଶତକଡା ରୁ ଅଧିକ ଏବଂ ୨୭୦ଜଣ ପିଲା ୮୦ଶତକଡାରୁ ଅଧିକ ମାର୍କ ରଖି ଐତିହାସିକ ସଫଳତା ଆଣିଦେଇଛନ୍ତି । ସେହିଭଳି କଳା ବିଭାଗରେ ୭୦ଜଣ ପିଲାଙ୍କ ମଧ୍ୟରୁ ୬୮ଜଣ ପ୍ରଥମ ଶ୍ରେଣୀରେ ଅବଶିଷ୍ଟ ୨ଜଣ ଦ୍ୱିତୀୟ ଶ୍ରେଣୀରେ ତନ୍ମଧ୍ୟରୁ ୫ଜଣ ୯୦ଶତକଡା ରୁ ଅଧିକ ଏବଂ ୫୦ଜଣ ୮୦ଶତକଡା ରୁ ଅଧିକ ମାର୍କ ରଖି ଐତିହାସିକ ସଫଳତା ଆଣିଦେଇଛନ୍ତି । ପୂର୍ବ ବର୍ଷ ଭଳି ଯୁକ୍ତ ୨ ବିଜ୍ଞାନରେ ଏହି କଲେଜର ଛାତ୍ର ଆଦିତ୍ୟ ଗିରି (୫୮୮)(୯୮%), ଶାସ୍ୱତୀ ବେହେରା(୫୮୮)(୯୮%), ଆଦ୍ୟାଶା ପଣ୍ଡା (୫୮୮)(୯୮%) ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି । ସେହିଭଳି ଛାତ୍ର ଦିଲ୍ଲିପ ମଣ୍ଡଳ(୫୮୬)(୯୭.୭%) ମାର୍କ ରଖି ଦ୍ୱିତୀୟ, ସ୍ମୃତି ରାଉତ(୫୮୩)(୯୭%)ମାର୍କ ରଖି ତୃତୀୟ, ସଞ୍ଜିବନୀ ଦାସ(୫୮୨)(୯୭%)ମାର୍କ ରଖି ଚତୁର୍ଥ, ହିମାଦ୍ରୀ ମହାନ୍ତି(୫୮୦)(୯୬.୭%) ମାର୍କ ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି । ସେହିଭଳି ଯୁକ୍ତ ୨ କଳାରେ ଛାତ୍ରୀ ଶୁଭସ୍ମିତା ସାହୁ (୫୬୨)(୯୪%)ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି, ପ୍ରଭାତ ବିଶ୍ୱାଳ(୫୪୪)(୯୧%) ରଖି ଦ୍ୱିତୀୟ ସ୍ଥାନ, ଦେବୀ ସିଂ(୫୪୦)(୯୦%) ମାର୍କ ରଖି ତୃତୀୟ ସ୍ଥାନ, ଗ୍ଲୋରିଆ ମାଝୀ(୫୪୦)(୯୦%) ରଖି ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ଜିଲ୍ଲାର ସର୍ବାଧିକ ସଂଖ୍ୟକ ଫାଷ୍ଟକ୍ଲସ ଏବଂ ସର୍ବାଧିକ ପିଲା ୯୦% ନମ୍ବର ରଖି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସକୁ ବଜାୟ ରଖିଅଛି । ସୂଚନା ଥାଉ କି କେବଳ ୭ଜଣ ୯୦% ପିଲା ଏଡମିଶନ ହୋଇଥିଲେ କିନ୍ତୁ ୭୨ଜଣ ପିଲା ୯୦ଶତକଡା ରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଏପରି କି ମାଟ୍ରିକ ରେ ଦ୍ୱିତୀୟ ରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ପିଲା ଏଠାରେ ୯୦ଶତକଡା ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସବୁଠାରୁ ଖୁସିର କଥା ହଉଛି କଥା ହେଉଛି ଦଶମ ବୋର୍ଡରେ ବହୁ କମ ମାର୍କ ରଖିଥିବା ପିଲା ଏଠାରେ ପଢି ଦ୍ୱାଦଶ ବୋର୍ଡ ରେ ବହୁତ ଅଧିକ ମାର୍କ ରଖିଛନ୍ତି । ଏହା କେବଳ ଭଲ ପାଠପଢା ସାଙ୍ଗକୁ ସଠିକ୍ ତତ୍ତ୍ୱାବଧାନ ଯୋଗୁଁ ସମ୍ଭବ ହୋଇଛି ବୋଲି ଅଭିଭାବକ ଏବଂ ଛାତ୍ରଛାତ୍ରୀ ମହଲରେ ଚର୍ଚ୍ଚା ହେଉଛି । ଏହି ସଫଳତା ପାଇଁ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଅକ୍ଳାନ୍ତ ପରିଶ୍ରମର ଭୂୟସୀ ପ୍ରଶଂସା କରିଥିବାବେଳେ ତାଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଛନ୍ତି ।

## ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା

# ରଶ୍ମୀରେଖା ମହାନ୍ତ ବିଦ୍ୟାଳୟ ଟପର୍



କଟକ, (ସ୍ୱପ୍ର) : ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଯୁକ୍ତ ୨ ବିଜ୍ଞାନ ଫଳାଫଳରେ ଡ୍ରିମ୍ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି । ପରୀକ୍ଷା ଦେଇଥିବା ମୋଟ ୧୫୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୨ ଜଣ ପ୍ରଥମ ଶ୍ରେଣୀରେ ଓ ଅନ୍ୟ ସମସ୍ତ ୨୧ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରୀ ରଶ୍ମୀରେଖା ମହାନ୍ତ ୫୫୮ (୯୩%) ନମ୍ବର ରଖି ବିଦ୍ୟାଳୟ ଟପର୍ ହୋଇଛନ୍ତି ।

ପ୍ରଶ୍ନପତ୍ର ଲିକ୍ କାରଣରୁ ପ୍ରଥମ ଥର ନିଟ୍ ପରୀକ୍ଷା ବାତିଲ ହେବା ପରେ ଦ୍ୱିତୀୟ ଥର ପାଇଁ ପ୍ରସ୍ତୁତି ଚଳାଉଥିବା ରଶ୍ମୀରେଖା ଭଲ ର୍ୟାଙ୍କ୍ ପାଇ ମେଡିକାଲ ପଢି ଜଣେ ଭଲ ଡାକ୍ତର ହେବା ଲକ୍ଷ୍ୟ ରଖିଥିବା ପ୍ରତିକ୍ରିୟାରେ କହିଛନ୍ତି । ସୂଚନାଯୋଗ୍ୟ, ସଫଳତା ହାସଲ କରିଥିବା ଅନେକ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତରୁ କମ୍ ନମ୍ବର ରଖିଥିବାବେଳେ ଏହି ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ଯୁକ୍ତ ଦୁଇରେ ଏଥର ଉଲ୍ଲେଖନୀୟ ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କୃତକାର୍ଯ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏଥିସହିତ ଶିକ୍ଷାଦାନ କ୍ଷେତ୍ରରେ ନିରନ୍ତର ପ୍ରଚେଷ୍ଟା ଓ ମାର୍ଗଦର୍ଶନ ପାଇଁ ବିଦ୍ୟାଳୟର ଅଧକ୍ଷ , ଅଧାପକ, ଅଧାପିକାଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି ।

# ସାଇ ବିଦ୍ୟା ମନ୍ଦିରର ସଫଳତା, ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଓ କଳା ବିଭାଗରେ କାଳଜୟୀ




ବାରିପଦା, (ସବ୍ୟୁ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଆନୁକୂଲ୍ୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଫଳ ପ୍ରକାଶିତ ହୋଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାରେ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ଐତିହାସିକ ସଫଳତା ହାସଲ କରି ଜିଲ୍ଲା ତଥା ରାଜ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଓ ବିଜ୍ଞାନ ବିଭାଗରେ ମୋଟ ୩୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ନରୋତ୍ତମ ମହାନ୍ତ ସର୍ବାଧିକ ୫୯୩ ନମ୍ବର ରଖି ଭଞ୍ଜମାଟିରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛନ୍ତି। ଅଭିଷେକ ପୁଟି ୫୯୨, ସୁଭ୍ରାଂଶୁ ମହାନ୍ତି ୫୮୬, ସୌମ୍ୟ ରଞ୍ଜନ ବାଗଲ ୫୮୪, ଅନୁଷ୍କା ନାୟକ ୫୮୩, ଅଭିନାଶ ବେହେରା ୫୮୨ନମ୍ବର ରଖି ଅନୁଷ୍ଠାନର ଗର୍ବ ଗାରିମାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି। ୯୦% ରୁ ଅଧିକ ୪୬ ଜଣ, ୮୦% ରୁ ଅଧିକ ୯୯ ଜଣ ୭୦% ରୁ ଅଧିକ ୯୩ ଜଣ, ୬୦% ରୁ ଅଧିକ ୫୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି କଳା ବିଭାଗରେ ମୋଟ ୭୭ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦିବ୍ୟାଂଶୁ ଧଳ ସର୍ବାଧିକ ୫୬୪ ମାର୍କ ରଖି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅଙ୍କିତ ସାହୁ ୫୬୨, ବିଭୁ ପ୍ରିୟଦର୍ଶିନୀ ୫୫୫, ହାର୍ଦିକ ରାମ ୫୪୮, ପ୍ରୀତି ସେନାପତି ୫୪୮, ସେଲିନା ବେହେରା ୫୪୮, ଅମୃତାଞ୍ଜଳି ସେନ୍ ୫୪୭, ରିମଲୀ ତାନିସା ଘୋଷ ୫୪୪, ଶ୍ରେୟାଂସି ଗିରି ୫୪୪, ପ୍ରଜ୍ଞା ପ୍ରତିଭା ସାହୁ ୫୪୨, ରୁଦ୍ର ନାରାୟଣ ଭୂୟାଁ ୫୪୨ନମ୍ବର ରଖି ଅନୁଷ୍ଠାନର ବିଜୟଧାରାକୁ ଅବ୍ୟାହତ ରଖିଛନ୍ତି ୯୦% ରୁ ଅଧିକ ୧୧ଜଣ, ୮୦% ରୁ ଅଧିକ ୨୮ ଜଣ, ୭୦% ରୁ ଅଧିକ ୧୬ଜଣ, ୬୦% ରୁ ଅଧିକ ୧୩ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ପ୍ରଭଞ୍ଜନ ରାଉତ, ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମହାପ୍ରବନ୍ଧକ ଦେବାଶିଷ ମୁଦୁଲି, ଅଧକ୍ଷ ଅକ୍ଷୟ ଖିଲାର, ଶିକ୍ଷା ବିଭାଗୀୟ ମୁଖ୍ୟ ବିଶ୍ୱେନ୍ଦୁ ଦାଶ, ସିଇଓ ପ୍ରତିଚୀ ରଞ୍ଜନ ରାଉତ ପ୍ରମୁଖ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଅଭ୍ୟର୍ଥନା ପୂର୍ବକ ସେମାନଙ୍କ ଆଦର୍ଶ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଛନ୍ତି । ନିର୍ଦ୍ଦେଶକ ମହୋଦୟ ଏହି ସଫଳତା ପାଇଁ ଅନୁଷ୍ଠାନର ଅଧାପକ, ଅଧାପିକା ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ହୃଦୟରୁ ସାଧୁବାଦ ଜଣାଇଛନ୍ତି । ସେମାନଙ୍କ ଦିବାରାତ୍ର ପରିଶ୍ରମ ଛାତ୍ରଛାତ୍ରୀଙ୍କ ଅଧବସାୟ ତଥା ଅଭିଭାବକ ମାନଙ୍କ ଭରସା ଓ ବିଶ୍ୱାସ ଦ୍ୱାରା ଆଜି ସାଇ ବିଦ୍ୟା ମନ୍ଦିର ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି । ସାଇ ବିଦ୍ୟା ମନ୍ଦିର ଓ ଏହି ଜ୍ଞାନ ମନ୍ଦିରର ପ୍ରତିଟି ପାବଚ୍ଛ ନୀତି, ନିଷ୍ଠା, ପରୋପକାର, ଆତ୍ମନିର୍ଭରଶୀଳ ଓ ସମୟାନୁବର୍ତ୍ତୀ ଭଳି ପବିତ୍ର ଗୁଣରେ ସମୃଦ୍ଧ ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଏଠାରେ ଅଧୟନ ରତ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ଅଧୁନା ବଡ ବଡ ପଦବୀରେ ଅଧିଷ୍ଠିତ ହୋଇଛନ୍ତି ଓନିଟ୍, ଓୟୁଏଟି, ଜେଇମେନ୍, ନାଇଜର,ଆଇଜର, ଆଦି ପରୀକ୍ଷାରେ ପ୍ରସ୍ତୁତ ପାଇଁ ଦକ୍ଷ ତଥା ଅନୁଭବି ଅଧାପକ ଅଧାପିକାଙ୍କ ଦ୍ୱାରା ଏସ୍‌ଭିଏମ୍ ଶ୍ୟାମ୍ କ୍ଲାସେସ୍ ଜରିଆରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଅଛି ।

ରମଣୀୟ ପରିବେଶ, ଶୀତତାପ ନିୟନ୍ତ୍ରିତ କକ୍ଷ, ଡିଜିଟାଲ ସ୍ମାର୍ଟ ବୋର୍ଡ, ଅତ୍ୟାଧୁନିକ ଲ୍ୟାବ, ସିସିଟିଭି କ୍ୟାମେରା ସମ୍ବଳିତ ଶ୍ରେଣୀଗୃହ, ଶୃଙ୍ଖଳିତ ଛାତ୍ରାବାସ, ଡାଉଟ କ୍ଲିଅରିଙ୍ଗ କ୍ଲାସ ଏବଂ ପ୍ରତି ମୁହୂର୍ତ୍ତରେ ଆଭ୍ୟନ୍ତରୀଣ ଶୃଙ୍ଖଳା ଦ୍ୱାରା ସମାଜର ସକଳ ବର୍ଗର ଛାତ୍ରଛାତ୍ରୀଙ୍କ ଠାରେ ମୌଳିକ ଗୁଣାତ୍ମକ ଶିକ୍ଷାର ମାନ ସୃଷ୍ଟି କରିବା ଅନୁଷ୍ଠାନର ଲକ୍ଷ୍ୟ ଓ ପ୍ରତିବର୍ଷ ଶତ ପ୍ରତିଶତ ପାସ୍ ହାର ସହିତ ଦକ୍ଷ ଓ ସୁଗୁଣ ସମ୍ପର୍ଣ୍ଣ ଛାତ୍ରଛାତ୍ରୀଙ୍କ ସୁନ୍ଦର ଭବିଷ୍ୟତ ନିର୍ମାଣରେ ପ୍ରତିଶୃତି ବଦ୍ଧ ସାଇ ବିଦ୍ୟା ମନ୍ଦିର ।

# ମଦଦୋକାନ ବନ୍ଦ ପାଇଁ ଧାରଣା ଦେଲେ ଗ୍ରାମବାସୀ



ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରସିଙ୍ଗି ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ବିଦେଶୀ ଓ ଦେଶୀ ମଦ ଦୋକାନ ବନ୍ଦ କରିବା ପାଇଁ ସେଠାକାର ମହିଳା ଗୋଷ୍ଠୀ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି । ଗ୍ରାମର ମୁଖ୍ୟ ସଡକ ପାର୍ଶ୍ୱରେ ମଦ ଦୋକାନ ଖୋଲିବାର ନିୟମ ନଥିଲେ ମଧ୍ୟ ଦୀର୍ଘ ଦିନ ହେଲା ମଦ ଦୋକାନ ଦୁଇଟି ଖୋଲା ରହୁଥିବାରୁ ଗ୍ରାମରେ ଅଶାନ୍ତ ପରିବେଶ ସୃଷ୍ଟି ହେବା ସହ ଗ୍ରାମ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟି ଯାଇଛି। ଅଧିକାଂଶ ସମୟରେ ମଦୁଆଙ୍କ ଦୌରାତ୍ମ୍ୟ ଯୋଗୁଁ ଛାତ୍ରୀମାନେ ପାଠ ପଢି ଯିବାକୁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଛାତ୍ର ଏବଂ ଯୁବଗୋଷ୍ଠୀ ମଦ ପିଇ ପଥଭ୍ରଷ୍ଟ ହେଉଛନ୍ତି । ଯାହାଫଳରେ ଗ୍ରାମରେ ବିଭିନ୍ନ ସମୟରେ ଅଶାନ୍ତ ଓ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ଏବଂ ମଦୁଆଙ୍କୁ ସାବାଡ୍ କରିବାପାଇଁ ମହିଳାମାନେ ଏକଜୁଟ ହୋଇ ମଦଦୋକାନ ଆଗରେ ହୋହାଲ୍ଲା କରିବାସହ ମଦ ଦୋକାନ ବନ୍ଦ କରିବାକୁ ଅଡି ବସିଥିଲେ। ଖବର ପାଇ ଭଞ୍ଜନଗର ଉପଖଣ୍ଡ ଅବକାରୀ ଇନିସପେକ୍ଟର ପ୍ରଦୀପ କୁମାର ମହାନ୍ତି ଏବଂ ବୁଗୁଡ଼ା ଅବକାରୀ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସେନାପତିଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ମଦ ଦୋକାନରେ ତାଲା ପକାଇବାକୁ ବାଧ ହୋଇଥିଲେ। ଆଗାମୀ ଦିନରେ ଯଦି ପୁଣି ଏଠାରେ ମଦଦୋକାନ ଖୋଲାହୁଏ ତେବେ ମଦଦୋକାନ ଭାଙ୍ଗିବା ସହ ନିଆଁ ଲଗାଇଦେବେ ବୋଲି ମହିଳାଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## କନ୍ଧମାଳ ଗସ୍ତରେ ଦକ୍ଷିଣାଞ୍ଚଳ ଆଇ ଆଣ୍ଡ ପିଆର ଉପନିର୍ଦ୍ଦେଶକ

# ଜିଲ୍ଲା ସୂଚନା କାର୍ଯ୍ୟାଳୟର କାର୍ଯ୍ୟଧାରା ସମୀକ୍ଷା



ଫୁଲବାଣୀ, (ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗର କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ଆଜି କନ୍ଧମାଳ ଜିଲ୍ଲାର ଦୁଇଦିନିଆ ଗସ୍ତ କରିଛନ୍ତି ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶ୍ରୀ ପ୍ରଧାନ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଫୁଲବାଣୀ ସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନଳିନୀକାନ୍ତ ସାହୁ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିନିଏଲ ନାଇକ। ଫୁଲତୋଡ଼ା ଦେଇ ଉପନିର୍ଦ୍ଦେଶକଙ୍କୁ ସ୍ୱାଗତ ଜଣାଇଥିଲେ । ଏହାପରେ ସେମାନେ କାର୍ଯ୍ୟାଳୟର ମାସିକ କାର୍ଯ୍ୟ ବିବରଣୀ, ପ୍ରେସ୍ କ୍ଲିପିଂ ଓ ଫିଲ୍ଡ ରିପୋର୍ଟ ସମ୍ପର୍କରେ ଉପନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ । ଉପନିର୍ଦ୍ଦେଶକ ଶ୍ରୀ ପ୍ରଧାନ କାର୍ଯ୍ୟାଳୟର ବିଭିନ୍ନ ଫାଇଲ୍ ଓ ରେଜିଷ୍ଟର ଯାଞ୍ଚ କରିବା ସହ ସରକାରୀ ଯୋଜନାର ପ୍ରଚାର-ପ୍ରସାର, ସୋସିଆଲ ମିଡିଆ ହ୍ୟାଣ୍ଡଲିଂ, ଗଣମାଧ୍ୟମ ସହ ସମନ୍ୱୟ ଏବଂ ଜନଶିକାୟତ ସମାଧାନ ସମ୍ପର୍କରେ ସମୀକ୍ଷା କରିଥିଲେ । କାର୍ଯ୍ୟ ସମ୍ପାଦନ ସମୟରେ କ୍ଷେତ୍ର କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବ୍ୟବହାରିକ ସମସ୍ୟା ଉପରେ ସେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସମୀକ୍ଷା ବୈଠକରେ ଉପନିର୍ଦ୍ଦେଶକ ସ୍ପଷ୍ଟ ଭାବେ କହିଥିଲେ, ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସୂଚନା ୨୪ ଘଣ୍ଟା ଭିତରେ ଲୋକଙ୍କ ପାଖରେ ପହଞ୍ଚିବା ଆମର ପ୍ରାଥମିକ ଦାୟିତ୍ୱ । ପ୍ରଚାର କାର୍ଯ୍ୟରେ ବିଳମ୍ବ କିମ୍ବା ଅବହେଳା ହେଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବ । ସେ ଆହୁରି କହିଥିଲେ ଯେ ସମସ୍ତ ପ୍ରେସ୍ ବିଜ୍ଞପ୍ତି ଓ ଫଟୋ ନିର୍ଦ୍ଧାରିତ ସମୟରେ ମୁଖ୍ୟାଳୟ ଓ ଗଣମାଧ୍ୟମକୁ ପଠାଇବାକୁ ହେବଛ ଏହି ଅବସରରେ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟିକା ଲିନା ଦିଗାଲ, କିରାଣୀ-ସହ-ଗ୍ରନ୍ଥାଗାରିକ ଆନନ୍ଦ କହଁରଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟାଳୟର ବିଭିନ୍ନ ଆନୁଷଙ୍ଗିକ ସମସ୍ୟାର ସମାଧାନ ପାଇଁ ଉପନିର୍ଦ୍ଦେଶକ ବିଭାଗୀୟ ନିର୍ଦ୍ଦେଶାଳୟକୁ ଲିଖିତ ପ୍ରସ୍ତାବ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ବିରିପୁର ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣା: ୨ ମୃତ

ଛତ୍ରପୁର, (ସବ୍ୟୁ): ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଗଞ୍ଜାମ ଥାନା ଅଧିନ ବିରିପୁର ଗ୍ରାମ ନିକଟରେ ସ୍କୁଟି ସହିତ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ୨ ଜଣକ ମୃତ୍ୟୁ ହୋଇଛନ୍ତି । ମୃତକ ମାନେ ହେଲେ ହଂସପୁର ଗ୍ରାମର ରଘୁନାଥ ପ୍ରଧାନ ଓ ହୁମ୍ବର ଗ୍ରାମର ଯୋଗେନ୍ଦ୍ର ଦାଶ ରଘୁନାଥ ବଡ଼ମାଧପୁର ସିରଆରସିସି ତଥା ବିଏଲଓ ସୁପରଭାଇଜର ଛତ୍ରପୁର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଯୋଗେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର ବେଳେ ରାସ୍ତାରେ ମୃତ୍ୟୁବରଣ କରିଥିଲେ । ଘଟଣାର ଖବର ପାଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଛତ୍ରପୁର ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

# ହନୁମନ୍ତଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା : ସ୍ତ୍ରୀ, ଝିଅ ଅଟକ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀରେ ଜି . ହନୁମନ୍ତ ରାଓଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କୁ ଘର ଭିତରେ ହିଁ ହତ୍ୟା କରାଯାଇଥିବା ହନୁମନ୍ତଙ୍କ ଭଣଜା ସତ୍ୟନାରାୟଣ ରେଡ୍ଡି ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ୩୬୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଉକ୍ତ ଆତ୍ମହତ୍ୟା ଏବେ ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ପୋଲିସ ଏନେଇ ୨୪୬/୨୬ ରେ ଏକ ମାମଲା ରୁଜୁ କରି ମୃତ ହନୁମନ୍ତଙ୍କ ସ୍ତ୍ରୀ ରିତା ରେଡ୍ଡୀ ଓ ଝିଅ ରିହା ରେଡ୍ଡିଙ୍କୁ ଅଟକ ରଖି ଜେରା କରୁଛି।

ପ୍ରକାଶ ଯେ, ୧୮ ତାରିଖ ରାତିରେ ହନୁମନ୍ତଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ସମ୍ପର୍କରେ ସତ୍ୟନାରାୟଣଙ୍କୁ ତାଙ୍କ ମାଇଁ ତଥା ହନୁମନ୍ତଙ୍କ ସ୍ତ୍ରୀ ଫୋନ କରି ଜଣାଇଥିଲେ । ସତ୍ୟନାରାୟଣ ତୁରନ୍ତ ମାମୁଁଙ୍କ ଘରେ ପହଞ୍ଚିବା ପରେ ହନୁମନ୍ତ ଅଚେତ ଅବସ୍ଥାରେ ଖଟ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ପାଇଁ ସେ ମାଇଁ ଓ ଝିଅକୁ କହିଥିଲେ ମଧ ସେମାନେ ସହଯୋଗ କରିନଥିଲେ ଏବଂ ସନ୍ଦେହଜନକ କଥାବାର୍ତ୍ତା କରିଥିଲେ । ଏହା ପରେ ସତ୍ୟନାରାୟଣ ବୈଦ୍ୟନାଥପୁର ଥାନା ପୋଲିସର ସହାୟତାରେ ହନୁମନ୍ତଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମାଇଁ ଓ ତାଙ୍କ ଝିଅ ଅନ୍ୟ କିଛି ଜଣଙ୍କ ସହଯୋଗରେ ତାଙ୍କ ମାମୁଁଙ୍କୁ ହତ୍ୟା କରିଥିବା ସତ୍ୟନାରାୟଣ ଅଭିଯୋଗ କରିଥିଲେ।

## ଉମେଶ ରଥଙ୍କୁ ଆକ୍ରମଣ ଘଟଣା

# ଦୁଇ ଗିରଫ: ସ୍କୁଟି, ମୋବାଇଲ ଜବତ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଗିରି ରୋଡରେ ଗତ ୧୮ ତାରିଖ ରାତ୍ର ଉମେଶ ରଥଙ୍କୁ ତାଙ୍କ ବିରୋଧୀ ଗୋଷ୍ଠି ପକ୍ଷରୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆହତଙ୍କ ମା ଅମୂଲ୍ୟ ରଥ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ୧୯୮/୨୬ ରେ ୫ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତି ନଗର ୪ର୍ଥ ଲାଇନର ରାଜ ମାଲହୋତ୍ରା (୨୧) ଓ ବଡବ୍ଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଷଷ୍ଠ ଲାଇନର ଲିଙ୍ଗରାଜ ସାମଲ ଓରଫ ରିଙ୍କୁ (୨୪)। ପୋଲିସ ସେମାନଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଦୁଇଟି ସ୍କୁଟି ଗାଡି, ଉମେଶଙ୍କୁ ଆକ୍ରମଣ ବେଳେ ବ୍ୟବହୃତ ବାଉଁଶ ଠେଙ୍ଗା ଓ ମୋବାଇଲ ଜବତ କରିଛି।

ଏହି ଘଟଣାରେ ସଂପୃକ୍ତ ରହି ଫେରାର ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଉଭୟ ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଅନେକ ତଥ୍ୟ ହାସଲ କରୁଛି। ସେ ଦିଗରେ ପୋଲିସ ଏବେ ତଦନ୍ତ କରୁଛି। ଅଭିଯୁକ୍ତ ରାଜ ମଲହୋତ୍ରା ନାମରେ ବୈଦ୍ୟନାଥପୁର ଥାନାରେ ଦୁଇଟି ମାମଲା ରହିଛି। ସେହିପରି ରିଙ୍କୁ ନାମରେ ବୈଦ୍ୟନାଥପୁର ଓ ବଡବ୍ଜାର ଥାନାରେ ଗୋଟାଏ ଲେଖାଏଁ ମାମଲା ରହିଛି। ଗତ ୧୮ରେ ଉମେଶ ରଥଙ୍କୁ ଦୁର୍ବୃତ୍ତମାନେ ସର୍ବସାଧରଣରେ ତଳେ ପକାଇ ଅମାନୁଷିକ ଭାବେ ଠେଙ୍ଗାରେ ପିଟୁଥିବାର ଏକ ବର୍ବରତା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏକ ବାଇକରେ ଉମେଶ ରଥ ଓ ତାଙ୍କ ସ୍ତ୍ରୀ ଗାୟତ୍ରୀ ରଥ ଘରୁ ବାହାରି ଏକ ହୋଟେଲକୁ ଯାଉଥିଲେ। ଗିରିରୋଡ ମୁଖ୍ୟ ରାସ୍ତାରେ ଉମେଶଙ୍କ ଗାଡିକୁ କିଛି ଯୁବକ ଅଟକାଇ ତାଙ୍କୁ ରାସ୍ତା ଉପରେ ପକାଇ ଠେଙ୍ଗାରେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାରୁ ତାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ସୂଚନା ଦେଇଥିଲା ।

# ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ବିଶ୍ୱ ମହୁମାଛି ସଂରକ୍ଷଣ ଦିବସ



ବ୍ରହ୍ମପୁର, (ସବ୍ୟୁ): ଆଜି ବିଶ୍ୱ ମହୁମାଛି ସଂରକ୍ଷଣ ଦିବସ ଅବସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ସୁକୁଣ୍ଡା ହଜରେ ମହୁମାଛି ସଂରକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ହୋଇ ଯାଇଛି । ପରିବେଶ ସୁରକ୍ଷା, ଜୈବ ବିବିଧତା ବୃଦ୍ଧି ଓ ପ୍ରକୃତିର ସନ୍ତୁଳନ ରକ୍ଷାରେ ମହୁମାଛିର ଗୁରୁତ୍ୱ ବିଷୟରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାଷୀ ବିଷଷୋଜ୍ଞ ଡି ନାରାୟଣ ସଦସ୍ୟମାନଙ୍କୁ ସହିତ ଆଲଚନା କରିବା ସହିତ ସଚେତନତା ସୃଷ୍ଟି କରିଥିଲେ। ମହୁମାଛି କେବଳ ମହୁ ଉତ୍ପାଦାନ କରିନଥାଏ, ବରଂ ପ୍ରଜନନ ପ୍ରକ୍ରିୟା ମାଧମରେ ଗଛରେ ଫଳ, ଫସଲ ଓ ପରିବେଶର ସୁସ୍ଥତା ରକ୍ଷାରେ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ। ମହୁମାଛିର ସଂଖ୍ୟା କମିବା ଭବିଷ୍ୟତରେ ପରିବେଶ ଓ ଖାଦ୍ୟ ଶୃଙ୍ଖଳ ପାଇଁ ବଡ଼ ସଙ୍କଟ ସୃଷ୍ଟି କରିପାରେ ବୋଲି ଶ୍ରୀ ନାରାୟଣ ମତ ପ୍ରକାଶ କରିଥିଲେ।

ଏହି ଅବସରରେ ଆଡପ୍ଟ ଏ ବି ବକ୍ସ ଡ୍ରାଇଭ ଭଳି ସଚେତନତାମୂଳକ ପଦକ୍ଷେପ ମାଧମରେ ସାଧାରଣ ଲୋକଙ୍କୁ ନିଜ ଜନ୍ମଦିନ, ବିବାହ ବାର୍ଷିକ ଉତ୍ସବରେ ମହୁମାଛି ବାକ୍ସକୁ ପକ୍ଷ୍ୟ ଭାବେ ଗ୍ରହଣ କରି ମହୁମାଛି ସଂରକ୍ଷଣରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିଲା । ସବୁଜ ବାହିନୀ ପକ୍ଷରୁ ଆଡପ୍ଟ ଏ ଟ୍ରି ଡ୍ରାଇଭ ମାଧମ ରେ ଲୋକମାନଙ୍କୁ ସାମିଲ୍ କରି ଶୁକୁଣ୍ଡା ହଜ ଠାରେ ତିନି ହଜାରରୁ ଅଧିକ ବୃକ୍ଷ ରୋପଣ ହେଇଥିବା ବେଳେ ବର୍ତ୍ତମାନ ପରିବେଶ ସୁରକ୍ଷା ପାଇଁ ଆଉ ଏକ ନୂତନ ପଦକ୍ଷେପ ସଂଗଠନ ପକ୍ଷରୁ ନିଆଯାଇଥିବା ସଭାପତି କହିଛନ୍ତି । କୀଟନାଶକର ଅତ୍ୟଧିକ ବ୍ୟବହାର ବନ୍ଦ କରିବା, ଫୁଲ ଗଛ ରୋପଣ କରିବା ଓ ପ୍ରକୃତିକ ପରିବେଶ ସୃଷ୍ଟି କରିବାକୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ ସହଯୋଗ କରୁଥବା ବେଳେ ସଂପାଦକ ସାଗର ପ୍ରସାଦ ପାତ୍ର, ସ୍ୱାଧୀନ କୁମାର୍ ସାହୁ, ଅଜୟ କୁମାର ସାହୁ, ପି ବିନୋଦ, ଏ ପ୍ରକାଶ, ରବି ସାହାଣୀ, ସଂଜୟ ସାମାନ୍ତରାୟ, ଅନିଲ ଚଉଦ୍ରୀ, ବିରଜା ପ୍ରସାଦ ପାତ୍ର, ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦ

କୁଜଙ୍ଗ, (ସବ୍ୟୁ): କୁଜଙ୍ଗ ବଜାର ମୁଖ୍ୟ ରାସ୍ତା କଡ଼ରୁ ଜବର ଦଖଲ ଉଚ୍ଛେଦ କରାଯାଇଛି । ଗତ ତିନିଦିନ ତଳେ ଡାକବାଜି ଯନ୍ତ୍ରଯୋଗେ ଜବର ଦଖଲକାରୀ ମାନେ ତୁରନ୍ତ ଉଠିଯିବା ପାଇଁ ଘୋଷଣା କରାଯାଇଥିଲା । ବହୁ ଦୋକାନ ଅସ୍ଥାୟୀ ଭାବେ କରିଥିବାବେଳେ ସେଗୁଡିକୁ ଉଠାଇ ନିଆଯାଇଥିଲା । ଆଜି ସକାଳେ ସ୍ଥାନୀୟ ପ୍ରଶାସନ, ପୋଲିସ୍ ଘଟଣାସ୍ଥଳରେ ପହଁଚି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲେ । କେତେକ ଦୋକାନର ସମ୍ମୁଖ ଭାଗ ଗୁଡ଼ିକ ଭାଙ୍ଗିଦିଆଯାଇଥିବା ବେଳେ କେତେକ ଦୋକାନକୁ ମୁଳପୋଛ କରିଦିଆଯାଇଛି । ବୁଲ୍‌ଡୋଜର ସାହାଯ୍ୟରେ ଦୋକାନ ଗୁଡ଼ିକୁ ଭଙ୍ଗାଯାଇଥିବାର ଲକ୍ଷ୍ୟ କରାଯାଇଛି ।

କୁଜଙ୍ଗ ବଜାରର ମୁଖ୍ୟ ରାସ୍ତା ଦୁଇ ପାର୍ଶ୍ୱରେ ଥିବା ଦୋକାନ ଓ ତାଳଦଣ୍ଡା କେନାଲ ବନ୍ଧ ଉପରେ ମାଛ ମାର୍କେଟ୍ ଓ ଚିକେନ୍ କରି କେତେକ ବ୍ୟବସାୟୀ ସେମାନଙ୍କର ଦୋକାନ ଖୋଲିଥିଲେ ମଧ ସେଗୁଡ଼ିକୁ ମଧ ଭାଙ୍ଗି ଦିଆଯାଇଛି । ଯାହା ଫଳରେ ଦୈନନ୍ଦିନ ବ୍ୟବସାୟ କରି ପେଟ ପୋଷୁଥିବା ଏହି ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଅନ୍ୟୁନ ୧୨୦ଟି ଦୋକାନ ଗୁଡ଼ିକୁ ଭାଙ୍ଗିଦିଆଯାଇଛି ବୋଲି ତହସିଲଦାର କହିଛନ୍ତି । ତାରିଣୀ ମନ୍ଦିର ପାଖରେ ରହିଥିବା କେତୋଟି ଜବର ଦଖଲ ଘରକୁ ଓ କେତେକ ହୋଟେଲ ଘରକୁ ଭାଙ୍ଗି ଦିଆଯାଇଛି । କୁଜଙ୍ଗ ତହସିଲଦାରଙ୍କ ସହ ତିନିଜଣ ଅତିରିକ୍ତ ତହସିଲଦାର, ଆରଏଣ୍ଡ ବି ଓ ଇରିଗେସନ ଏସ୍‌ଡିଓ ଓ କୁଜଙ୍ଗ ଆରଆଇ ଏହି ଉଚ୍ଛେଦ କାର୍ଯ୍ୟରେ ନେତୃତ୍ୱ ନେଇଥିଲେ । ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ୍ ମୁତୟନ କରାଯାଇଥିଲା ।

କଟକ-ପାରାଦ୍ୱୀପ ରାସ୍ତା ପୁନଃ ନିର୍ମାଣ ଓ ସମ୍ପ୍ରସାରଣ କରାଯିବାର ଯୋଜନା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି, ଏଥିପାଇଁ ଜବର ଦଖଲ କରିଥିବା ଦୋକାନ ଘର ଓ କ୍ୟାବିନ୍ ଗୁଡିକୁ ଉଚ୍ଛେଦ କରାଯାଇଛି ବୋଲି ସୂଚନା ଦିଆଯାଇଛି । କୁଜଙ୍ଗ ବଜାର ମୁଖ୍ୟ ରାସ୍ତା ଏବେ ଅତି ସଫା ସଫା ଲାଗୁଛି । ଏହି ଜବର ଦଖଲକାରୀମାନଙ୍କ ପାଇଁ ନୂତନ ଦୋକାନ ଘର ନିର୍ମାଣ କରାଯାଇନାହିଁ । ମାତ୍ର କୁଜଙ୍ଗ ମେଡ଼ିକାଲ ରୋଡ଼ରେ ଥିବା କେତେକ ଦୋକାନ ଉଚ୍ଛେଦ କରାଗଲେ ସେମାନଙ୍କ ପାଇଁ ଗୃହ ନିର୍ମାଣ ସରିଛି । ଏହାପରେ ନିକଟବର୍ତୀ ତାଳଦଣ୍ଡା, ରାହାମା, ଭୂତମୁଣ୍ଡାଇ ଓ ପାରାଦ୍ୱୀପଗଡ଼, ଦୋକାନ ଗୃହ ଉଚ୍ଛେଦ ହୋଇପାରେ ବୋଲି ସୂଚନା ମିଳିଛି ।

# ଔଷଧ ଦୋକାନ ବନ୍ଦ ସଫଳ

ଧର୍ମଶାଳା, (ସବ୍ୟୁ): ବୁଧବାର ଦିନ ଜିଲ୍ଲା ବ୍ୟାପି ଔଷଧ ଦୋକନ ଗୁଡିକ ବନ୍ଦ ରହିଥିବା ବେଳେ ଧର୍ମଶାଳାବ୍ଲକ ଅଂଚଳରେ ଏହା ସଫଳ ହୋଇଛି । ଆଜି ସକାଳୁ ବିଶେଷ କରି ଧର୍ମଶାଳା ବଜାର, ଜାରକା ବଜାର, ଶାନ୍ତିବଜାର, କାଏମା, ବଜାର, କୋଡପୁର, ନେଉଳପୁର, ନାକପୋଲ, ଜେନାପୁର, ଚଡେଇଧରା, କବାଟବନ୍ଧ ଆଦି ବଜାରରେ ରହିଥିବା ସମସ୍ତ ଔଷଧ ଦୋକାନ ଗୁଡିକ ସକାଳୁ ବନ୍ଦ ରହିଥିଲା । ଧର୍ମଶାଳା ଡ୍ରଗ୍ସ ଓ କେମିଷ୍ଟ ସଂଘ ପକ୍ଷରୁ ଜାରକା ଛକରେ ପିକେଟିଂ କରାଯାଇ ସରକାରଙ୍କ ବିରୁଦ୍ଧରେ ନରବାଜି କରାଯାଇଥିଲା ।

ଅନଲାଇନରେ ଔଷଧ ବିକ୍ରି ବନ୍ଦ କରିବା , ନକଲି ଔଷଦକୁ ବିଜାରରୁ ହଟାଇବା, କର୍ପୋରେଟ ସଂସ୍ଥା ଦ୍ୱରା ଗଭିର ରିହାତିକୁ ବନ୍ଦ କରିବା ଆଦି ଦଶଦଫା ଦାବି ନେ ଏହି ଧର୍ମଘଟ କରାଯାଇଛି । ସବୁ ସ୍ଥାନରେ ଔଷଧ ଦୋକାନ ଗୁଡିକ ବନ୍ଦ ରହିବା ଫଳରେ ରୋଗୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

# ପୋଲିସକୁ ଅପରାଧୀଙ୍କ ଖୋଲା ଚାଲେଞ୍ଜ
# ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଚୋରି



ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ବଜାରରେ ଥିବି ଓଁ ମା ବାସନ୍ତୀ ଗହଣା ଦୋକାନ ସଟର ଗ୍ରିଲ ଭଙ୍ଗି ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃର୍ତ୍ତ ମାନେ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ବାଲିଚନ୍ଦ୍ରପୁରର ଅଞ୍ଚଳର ବିଜୟକୁମାର ସାହୁଙ୍କର ଚଣ୍ଡିଖୋଲ ବଜାରର ପୁରୁଣା ପୋଷ୍ଟ ଅଫିସ ଗଳିରେ ସୁନା ଗହଣା ଦୋକାନ ରହିଛି ।

ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଦୋକାନର ସାମନା ଗ୍ରିଲ ଓ ସଟର ତାଲା ଭାଙ୍ଗି ଦୋକାନ ଭିତରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଗହଣା ଲୁଟି ନେଇଯାଇଛନ୍ତି । ତେବେ ଦୁର୍ବୃର୍ତ୍ତ ମାନେ ଦୋକାନରେ ଥିବା ଲକର ଭାଙ୍ଗି ନ ପାରିବାରୁ ତା ଭିତରେ ଥିବା ସୁନା ଗହଣା ସୁରକ୍ଷିତ ରହିଥିବା ଦେଖାଯାଉଛ । ଏ ନେଇ ଦୋକାନ ମାଲିକ ବୁଧବାର ସକାଳୁ ଚଣ୍ଡିଖୋଲ ପୋଲିସ ଫାଣ୍ଡିରେ ଜଣାଇବା ପରେ ବଡ଼ଚଣା ଥାନା ଅଧିକାରୀ ଜଗଦିଶ କର ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଜେନା,ୟ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଛାନ ଭିନ୍ନ ଆରମ୍ଭ କରିଥିଲେ । ଦୁର୍ବୃତ୍ତମାନେ ପାଖ ଦୋକାନୀଙ୍କ ସିସିଟିଭି କ୍ୟାମେରାକୁ ଅନ୍ୟ ଦିଗକୁ ବୁଲାଇ ଦେବା ସହ ଦୋକାନ ଆଗରେ ଲାଗିଥିବା ସି ସି ଟିଭି କ୍ୟାମେରାକୁ କାଢି ଫୋପାଡ଼ି ଦେଇଥିବା ଦେଖାଯାଇଛି ବୁଧବାର ସନ୍ଧ୍ୟାସୁଧା ପୋଲିସ ଦୁର୍ବୃର୍ତ୍ତଙ୍କ ସମ୍ପର୍କରେ କୌଣସି ସୂଚନା ପାଇପାରି ନଥିବା ଜଣାପଡିଛି । କିଛି ଦିନ ହେବ ଚଣ୍ଡିଖୋଲ ଓ ବଡ଼ଚଣା ଥାନା ଅଞ୍ଚଳରେ ଛିନତାଇ, ଲୁଟ, ମୋଟର ସାଇକେଲ ଚୋରୀ,ବ୍ରାଉନ ସୁଗାର କାରବାର,ଚୋରା ମଦ,ଗଞ୍ଜେଇ କାରବାର ବୃଦ୍ଧି ପାଇବାରେ ଲାଗିଛି ।

ଏହି ମାତ୍ର ପନ୍ଦର ଦିନ ତଳେ ଚଣ୍ଡିଖୋଲ ବଜାରର ମହାଲକ୍ଷ୍ମୀ ସୁନା ଦୋକାନରୁ ୪୦ ଲକ୍ଷ ଟଙ୍କାର ସୁନା ଚୋରୀ ହୋଇଥିଲା । ହେଲେ କୌଣସି ଗୋଟିଏ ବି ଘଟଣାରେ ପୋଲିକୁ ସଫଳତା ମିଳିନାହିଁଛ ଚଣ୍ଡିଖୋଲ ବଜାରରେ ଅପରାଧୀ ମାନେ ଖୁଲମ ଖୁଲା ବୁଲିବା ସହ ପୋଲିସକୁ ଖୋଲା ଚାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଚୋରୀ ଓ ଅପରାଧ ଘଟାଇ ଚାଲିଛନ୍ତି । ହେଲେ ବଡ଼ଚଣା ଥାନା ଓ ଚଣ୍ଡିଖୋଲ ଫାଣ୍ଡି ପୋଲିସ ପକ୍ଷରୁ ଅପରାଧ ନିୟନ୍ତ୍ରଣ ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି । ।ତି ପେଟ୍ରୋଲିଂ ବ୍ୟବସ୍ଥା ଭୁସୁଡି ପଡିଥିଲା ବେଳେ ପୋଲିସ ସବୁକିଛି ଦେଖି ମଧ ନିରବଦ୍ରଷ୍ଟା ସାଜିଥିବା ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି । ସ୍ଥାନୀୟ ପୋଲିସର ଅବହେଳା ପାଇଁ ସମଗ୍ର ବଜାର ଅଞ୍ଚଳରେ ସାଧାରଣ ଲୋକ ଓ ବ୍ୟବସାୟୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି । ତେଣୁ ଜିଲ୍ଲା ପୋଲିସ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଏଠାରେ ଅପରାଧ ନିୟନ୍ତ୍ରଣ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ବଡଚଣା ଥାନା ଅଧିକାରୀଙ୍କୁ ପଚାରିବାରେ ସେ ଖୁବଶୀଘ୍ର ଲୁଟେରାଙ୍କୁ ଠାବ କରାଯିବା ପାଇଁ ପୋଲିସ ସବୁ ଦିଗରୁ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ।

## ପ୍ରବଳ ଗ୍ରୀଷ୍ମ ପ୍ରବାହ ବେଳେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିରୋଧ

ମାହାଙ୍ଗା (ସବ୍ୟୁ): ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ୯୬୮ ତା୧୯.୦୫.୨୦୨୬ରିଖ ଅନୁଯାୟୀ ୫ଦିନିଆ ଓସିଏଫ-ଏସ୍ଇ ୨୦୨୫ ପ୍ରଶିକ୍ଷଣ ଶିବିର ଆସନ୍ତା୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଆର୍‌ଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟ କୋଠପଦା ଓ ପିଏମ୍‌ଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯିବା ପାଇଁ ନିର୍ଦ୍ଦେଶ ରହିଛି । ଏହି ପ୍ରଶିକ୍ଷଣ ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟତ୍ରୀ ସକାଳ ୭ଟା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଗ୍ରହଣ କରିବେ । ଯାହାକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଥିବାରୁ ଦିନ ୧୦ଟା ପରେ ତାପମାତ୍ର ୪୨ଡିଗ୍ରୀରୁ ଅଧିକ ହୋଇଥିଲା ବେଳେ ପ୍ରଶିକ୍ଷଣ ଶେଷକରି ୧୧ପରେ ମଧ୍ୟାହ୍ନ ଭୋଜନ ଖାଇ କିଭଳି ଭାବରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ୧୫ ରୁ ୨୦ କିଲୋମିଟର ଦୂର ନିଜ ନିଜ ଘରକୁ ଫେରିବେ । ଅପରପକ୍ଷରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁ ପ୍ରଶିକ୍ଷଣ ଶିବିରରେ କିଭଳି ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେବେ । ଲୋ-ଭୋଲଟେଜ୍ ଯୋଗୁ ବିଦୁ୍ୟତ ଫ୍ୟାନ୍ ଠିକ୍ ଭାବରେ ଘୁରୁ ନଥିବା ଅଭିଯୋଗ ହେଉଛି । ଛୁଟି ସମୟରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀ ମୋନାଲିସା ସରକାର କାହା ସ୍ୱାର୍ଥରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଉଛନ୍ତି ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ଅପରପକ୍ଷରେ ପ୍ରଶିକ୍ଷଣ ନାମରେ ଅସୁଥିବା ଲକ୍ଷାଧିକ ଟଙ୍କାକୁ ମିଥ୍ୟା ଭାଉଚର କରାଯାଇ ହଡପ କରାଯିବାର ଚକ୍ରାନ୍ତ ଚାଲିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତାରିଖକୁ ଘୁଂଚାଇବା ପାଇଁ ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଉଥିଲା ବେଳେ ଏନେଇ ସ୍ଥାନୀୟ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି ।

## କୁମାରୀ ଆରଡି ରାସ୍ତା ପ୍ରଶସ୍ତିକରଣର ଶିଳାନ୍ୟାସ



ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ୧୬ ନଂ ଜାତୀୟ ରାଜପଥ ଦେଉଳି ପାହାଡ ଭାୟା କୁମାରୀ ଗାଁ ରାସ୍ତାର ପ୍ରଶସ୍ତୀକରଣ ଓ ନବୀକରଣର ଶିଳାନ୍ୟାସ କରାଯାଇଛି । ମୁଖ୍ୟ ଅତିଥି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହାର ଶିଳାନ୍ୟାସ କରିଛନ୍ତି ।

ଏହି ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ସହିତ ୧୪ ଜୋନ ଜିଲ୍ଲାପରିଷଦ ସଦସ୍ୟ ଜଳଧର ମହାନ୍ତି, ୧୩ ନଂ ଜିଲ୍ଲାପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପାଖାପାଖି ୫ କୋଟି ଟଙ୍କା ବ୍ୟୟ ଅଟକଳରେ ହେବାକୁଥିବା ଏହି ରାସ୍ତାର ପ୍ରସସ୍ତୀ କରଣ କାଯ୍ୟର ଶିଳାନ୍ୟାସରେ ବିଭଗୀୟ ଅଧିକ୍ଷଣ ଯନ୍ତ୍ରୀ ରାଜଶ୍ରୀ ଭୋଳ, କାର୍ଯ୍ୟିବାହୀ ଅଧିକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ ଉତ୍ସବ ପାଇଁ ବିଧାୟକ ଶ୍ରୀ ସାହୁ ଜାରକା ଠାରେ ପହଁଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇ ଏକ ବିରାଟ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନିଆଯାଇଥିଲା ।

କାର୍ଯ୍ୟକ୍ରମକୁ ଯୁବସଙ୍ଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ପ୍ରଦୀପ ପରିଡା, ଶିବୁଲି ଧିର, ଦେବଦତ ପଣ୍ଡା, ଆଲୋକ ଲେଙ୍କା, ଚନ୍ଦ୍ରମଣି ପଣ୍ଡିତ, ତପନ ମାହୁନ୍ତ, ଅଭିଶେକ ରାଉତ,ସୁଦାମ ବେହେରା, ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ

## ମାନବାଧିକାର ସମ୍ପର୍କିତ କର୍ମଶାଳା

ମାହାଙ୍ଗା (ସବ୍ୟୁ):ସାହା ଅନୁଷ୍ଠାନ ଓ ଧର୍ମଦାସପୁରର ବସନ୍ତ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଦେବଦତ୍ତ କାନୁନ୍‌ଗୋ ଆଣ୍ଡ୍ ସାହା ଆସୋସିଏଟ୍ ଦ୍ୱାରା ଏକ ମାନବାଧିକାର ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ ମୁଳବସନ୍ତ ପଞ୍ଚାୟତର ଧର୍ମଦାସପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ମାନବାଧିକାର କର୍ମୀ ଆଇନଜୀବି ସତ୍ୟନାରାୟଣଙ୍କ ସଂଯୋଜନାରେ ଅନୁଷ୍ଠିତ କାଯ୍ୟକ୍ରମରେ ସର୍ବୋଚ୍ଚ ନ୍ୟାୟାଳୟ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଯୁବ ଅଭିବକ୍ତା ଦେବଦତ୍ତ କାନୁନ୍‌ଗୋ ଯୋଗଦେଇ ମାନବିକ ଅଧିକାର ସଂକ୍ରାନ୍ତିୟ ବିଭିନ୍ନ ଆଇନର ବାଖ୍ୟା କରିଥିଲେ । ସ୍ଥାନୀୟ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ବିଶିଷ୍ଟ ଆର୍ୟୁବେଦ ଗବେଷକ ତଥା ସମାଜସେବୀ ଅନନ୍ତଦେବଦର୍ଶୀ ସୂଚନା ଦେଇଥିଲେ ଯେ ବଜାରରେ ମିଳୁଥିବା ବିଭିନ୍ନ ଖାଦ୍ୟପ୍ରଦାର୍ଥ ଓ ପନିପରିବାରେ ଅପମିଶ୍ରିତ କରାଯାଉଛି । ଆର୍ୟୁବେଦ ଔଷଧ ନାମରେ ଷ୍ଟିରଡ ମିଶା ଔଷଧ ବଜାରରେ ମିଳୁଛି । ଏହା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚପ୍ରଶାନ୍ତ କର, କୃଷକ ନେତା ସୁଭେନ୍ଦୁ ସାହୁ, ସାମାଜିକ କର୍ମୀ ଗିରିଶ ମହାନ୍ତି, ଟିକସ୍ ପରାମର୍ଶଦାତା ଜ୍ଞାନରଂଜନ ଦାସ, ସଂଗଠକ ଅଭିବକ୍ତା ଦିନବନ୍ଧୁ ନାୟକ, ପ୍ରଶାନ୍ତ ମହାନ୍ତି ସମେତ ଗ୍ରାମାଂଚଳର ବହୁ ବୁଦ୍ଧିଜୀବି ଅଂଶଗ୍ରହଣ କରିଥିଲେ । ଧର୍ମଦାସପୁର ଯୁବକସଂଘ ତଥା ବସନ୍ତ ଫାଉଣ୍ଡେସନ୍‌ର ସଭାପତି ନଗେନ୍ଦ୍ର କୁମାର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ବର୍ଦ୍ଧିତ




କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲାରେ ଚାଷୀମାନଙ୍କୁ ସର୍ବାଧିକ ଚାଷ ଋଣ ପ୍ରଦାନ କରି କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂଙ୍କୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍, ଲିଡ୍ ବ୍ୟାଙ୍କ ଅଧିକାରୀ ରମାକାନ୍ତ ମାଝି, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସମୟରେ ଜିଲ୍ଲାର ସମସ୍ତ ବ୍ୟାଙ୍କ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀଙ୍କ ସମେତ ଜାତୀୟ କରଣ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏସଏନ ମହାବିଦ୍ୟାଳୟରେ ଯୁକ୍ତ୨ ପରୀକ୍ଷାରେ ୩ ଟପ୍ପର



ରାଜକନିକା,(ସବ୍ୟୁ): ବୁଧବାର ଦିନି ପ୍ରକାଶିତ ଯୁକ୍ତ ଦୁଇ ପରୀକ୍ଷାଫଳ ଅନୁସାରେ ରାଜକନିକା ଏସ. ଏନ ମହାବିଦ୍ୟାଳୟ ବିଜ୍ଞାନ ରେ ସାଗରୀକା ପୃଷ୍ଟି ୭୯. ୦୪%, ବାଣିଜ୍ୟରେ ସ୍ୱପ୍ନାରାଣୀ ଦାସ ୯୫. ୦୫% ଓ କଳାରେ ବିଶ୍ୱଜିତ ଦଳାଇ ୯୧୦ ନମ୍ବର ରଖି ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇବା ପରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ହାଇଟେକ ହାଇୟର ସେକେଣ୍ଡରୀ ସ୍କୁଲ ଶତ ପ୍ରତିଶତ ସଫଳତା



କୁଆଖିଆ,(ସବ୍ୟୁ): କୁଆଖିଆ ସ୍ଥିତ ହାଇଟେକ ହାଇୟର ସେକେଣ୍ଡରୀ ସ୍କୁଲ ଚଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଷତ ପ୍ରତିଶତ ସଫଳତା ଲାଭ କରି ସ୍କୁଲ ଗୌରବ ରଖିଛି । ବିଦ୍ୟାଳୟର ଛାତ୍ର ଯଯାତି କେଶରୀ ବାରିକ ୫୮୩ ନଂ ୯୭% ନଂ ରଖି ପାସ କରିଛନ୍ତି । ଚଳିତ ବର୍ଷ ୨୨୭ ଜଣ ପରୀକ୍ଷା ଦେଇ ସମସ୍ତ ପିଲାମାନେ ପାସ କରିଛନ୍ତି । ୯୦% ନଂ ରଖି ୧୫ ପିଲା ପାସ କରିଥିବା ବେଳେ ୧ମ ଶ୍ରେଣୀରେ ୨୦୫ ପିଲା ପାସ କରିଛନ୍ତି ।

## ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ

କେନ୍ଦ୍ରାପଡା ,(ସବ୍ୟୁ) :ଜାତୀୟ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ପକ୍ଷରୁ କେନ୍ଦ୍ର ସରକାରଙ୍କର ନୂତନ ନିୟମକୁ ବିରୋଧ କରି ଜିଲ୍ଲାର ସମସ୍ତ ଔଷଧ ଦୋକାନ ଗୁଡିକ ବନ୍ଦ ରହିଛି। ଏ ନେଇ ସଂଘ ପକ୍ଷରୁ ପୂର୍ବରୁ ନିଷ୍ପତ୍ତି ନିଆଯାଇ କେନ୍ଦ୍ରାପଡା ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ପକ୍ଷରୁ ଶତାଧିକ ସଭ୍ୟ ଜିଲ୍ଲାପାଳଙ୍କୁ ଭେଟି ଏ ନେଇ ଏକ ଦାବିପତ୍ର ପ୍ରଦାନ କରି ଥିଲେ। କେନ୍ଦ୍ର ସରକାରଙ୍କ ତିନିଗୋଟି ନିୟମକୁ ପ୍ରତ୍ୟାହାର କରିବା ଦାବିରେ ବୁଧବାର ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁ, ସଂପାଦକ ଗୋପିନାଥ ବାରିକଙ୍କ ନେତୃତ୍ୱରେ ଜିଲ୍ଲାରେ ଥିବା ୮୭୭ଟି ଔଷଧ ଦୋକାନ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବନ୍ଦ ରହିଛି। କେନ୍ଦ୍ରାପଡା ସହରର ତିନିମୁହାଣୀଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ଥିବା ୧୧୦ଟି ଔଷଧ ଦୋକାନ ବନ୍ଦ ଥିବାବେଳେ ରୋଗୀଙ୍କ ହିତ ଦୃଷ୍ଟିରୁ ସଂଘ ନିଷ୍ପତ୍ତି ଅନୁଯାୟୀ କେବଳ ଜୀବନ ରକ୍ଷା ଔଷଧ ଦେବାପାଇଁ ଗୋଟିଏ ମାତ୍ର ଦୋକାନ ଖୋଲା ରହିଛି। ଏହି ବନ୍ଦ ସମୟରେ ନୟନ କିଶୋର ପଣ୍ଡା, ସେଖ୍ ଖାଲିଦ୍, ସେକ୍ ଆକବର୍, ସତ୍ୟବ୍ରତ ଦାସ, ରାଜେନ୍ଦ୍ର ସ୍ୱାଇଁ, ଦୁଷ୍ମନ୍ତ ଜେନା, ସମୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୨ ପରୀକ୍ଷା ଫଳ

ସାଲେପୁର (ସବ୍ୟୁ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ଚଳିତ ବର୍ଷ ମହାବିଦ୍ୟାଳୟର ୨ କଳାରେ ୩୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।ସେଥିରୁ ପ୍ରଥମ ସ୍ଥାନରେ ୧୫୨ ଜଣ,ଦ୍ୱିତୀୟ ସ୍ଥାନରେ ୮୨ ଜଣ,ତୃତୀୟ ସ୍ଥାନରେ ୧୨୭ ଜଣ କୃତକାର୍ଯ୍ୟ ହୋଇଥିବାବେଳ ଶତକଡା ୯୪ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ବିଜ୍ଞାନ ବିଭଗରେ ୩୫୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।ସେଥିରୁ ପ୍ରଥମ ସ୍ଥାନରେ ୨୨୪ ଜଣ,ଦ୍ୱିତୀୟ ସ୍ଥାନରେ ୭୧ ଜଣ,ତୃତୀୟ ସ୍ଥାନରେ ୨୩ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଶତକଡା ୯୦ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି ।ସେହିପରି ବାଣିଜ୍ୟ ବିଭାଗରେ ୧୩୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।ପ୍ରଥମ ସ୍ଥାନରେ ୮୦ଜଣ,ଦ୍ୱିତୀୟ ସ୍ଥାନରେ ୨୩ ଜଣ,ତୃତୀୟ ସ୍ଥାନରେ ୩୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଶତକଡା ୯୭ ପ୍ରତିଶତ କୃତକାର୍ଯ୍ୟ ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶ । ଯୁକ୍ତ ୨ କଳାରେ ମୋଟ ୬୦୦ ନମ୍ବରରୁ ଅଶ୍ଲୀସା ପ୍ରିୟଦର୍ଶିନୀ ୫୫୪ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ବିଜ୍ଞାନ ବିଭାଗରେ ଲିପୁନ ନାଥଶର୍ମା ୫୮୧ନମ୍ବର ରଖି ଟପ୍ପର ହୋଇଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ଅନନ୍ୟା ସ୍ୱାଇଁ ୫୮୪ ନମ୍ବର ରଖୀ ଟପ୍ପର ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ବ୍ୟାଙ୍କ ସମୂହର ବୈଠକ, ଚାଷୀଙ୍କୁ ଋଣ ପ୍ରଦାନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୁହଙ୍କ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଲିଡ୍ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ଅଧକ୍ଷତା କରିଥିଲେ । ଲିଡ୍ ବ୍ୟାଙ୍କ ଅଧିକାରୀ (ଏଲ୍‌ଡିଏମ୍) ରମାକାନ୍ତ ମାଝିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବ୍ୟାଙ୍କ ମାନଙ୍କର ଋଣ ପ୍ରଦାନ ଓ ଆଦାୟ ଉପରେ ସମୀକ୍ଷା କରାଯାଇଥିଲା ।

ବୈଠକରେ ଲାଇନ୍ ଡିପାର୍ଟମେଣ୍ଟମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷକୁ ପୂରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟସରକାରଙ୍କର ବିଭିନ୍ନ ଯୋଜନା ଯଥା କୃଷିଋଣ, ବାଣିଜ୍ୟଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ସ୍ୱୟଂ ସହାୟିକା ଗୋଷ୍ଠୀ ଋଣ, କେସିସି ଋଣ ସହିତ ମୁଖ୍ୟମନ୍ତ୍ରୀ, ଉଦ୍ୟାନ କୃଷି ଯୋଜନା ଋଣ ଯୋଜନା ସମ୍ପର୍କରେ ବିସ୍ତାର ଭାବେ ଆଲୋଚନା କରାଯାଇଥିଲା । ବ୍ୟାଙ୍କ ସମୁହ କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହ ସରକାରଙ୍କ ଲକ୍ଷ ପୂରଣରେ ସହାୟତା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକରେ ୨୦୨୬-୨୭ ବାର୍ଷିକ ଋଣ ଯୋଜନା ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏଥିସହିତ ବ୍ୟାଙ୍କରୁ ଋଣ ନେଇ ଆତ୍ମ ନିର୍ଭରଶୀଳ ହୋଇଥିବା ଏବଂ ଠିକ୍ ସମୟରେ ଋଣ ପୈଠ କରୁଥିବା ବ୍ୟ ସାୟୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଏଲ୍‌ଡିଓ ଆର୍‌ଡିଆଇର ଏଲ୍‌ଡିଓ ଅବିନାଶ ରାଉଳ, ଡିଡିଏମ୍ ନାବାର୍ଡ ସ୍ମିତା ବଡଜେନା, ଆର୍‌ଏମ୍‌ଓଜିବି ମନୋଜ କୁମାର ପାତ୍ର, ଆର୍.ଏନ୍.ଏସ୍‌ବିଆଇ ପାରାଦୀପ ପୀୟୁଷ ରଂଜନ ସ୍ୱାଇଁ, ଆର୍‌ଏସ୍‌ଇଟିଆଇର ଶରତ ଚନ୍ଦ୍ର ଦାସ, ଏସ୍‌ବିଆଇର ପ୍ରଭାତ କୁମାର ମହାନ୍ତି, ଡିଜିବିଆର୍‌ଓ ସୁଦୀପ୍ତ ରାଉଳ, ବିଏମ୍, ଡିଜିବି ରାକେଶ କୁମାର ଦାସଙ୍କ ଜିଲ୍ଲାର ସମସ୍ତ ବ୍ୟାଙ୍କର ଶାଖା ପରିଚାଳକ ଉପସ୍ଥିତ ଥିଲେ ।

# ଯୁକ୍ତ୨ ଫଳାଫଳରେ ଏସଭିଏମ କଲେଜର କୃତିତ୍ୱ
# ବିଜ୍ଞାନରେ ୯୪.୨୦, କଳାରେ ୯୪.୪୭ ଓ ବାଣିଜ୍ୟରେ ୯୨.୯୦% ସଫଳତା



ଜଗତସିଂହପୁର, (ସବ୍ୟୁ): ଜିଲ୍ଲା ସର୍ବ ପୁରାତନ ପ୍ରତିଷ୍ଠିତ ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ(ଏସଭିଏମ କଲେଜ)ର ଯୁକ୍ତ ୨ ଫଳାଫଳ ବେଶ ଭଲ ହୋଇଥିବା ଜଣାଯାଇଛି । ଏସଭିଏମ କଲେଜ ବିଜ୍ଞାନରେ ୯୪.୨୦ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ କଳାରେ ୯୪.୪୭ ପ୍ରତିଶତ ଓ ବାଣିଜ୍ୟରେ ୯୨.୯୦ପ୍ରତିଶତ ରେଜଲ୍ଟ ହୋଇଛି । ବିଜ୍ଞାନରେ ମୋଟ ୫୮୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୪୯ ଜଣ ପ୍ରଥମ ଶ୍ରେଣୀରେ,ଦ୍ୱିତୀୟ ଶ୍ରେୀରେ ୮୩ ଓ ତୃତୀୟ ଶ୍ରେଣୀରେ ୨୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । ବିଜ୍ଞାନରେ ଓମ ପ୍ରକାଶ ସ୍ୱାଇଁ କଲେଜ ଟପର ହୋଇଥିବା ବେଳେ ଦ୍ୱିତୀୟରେ ସୌମ୍ୟା ପ୍ରୀୟଦର୍ଶୀନୀ ସାହୁ ଓ ତୃତୀୟରେ ପ୍ରୀୟାଂଶୁ ନନ୍ଦ ରହିଛନ୍ତି ।

ସେହିଭଳି କଳାରେ ମୋଟ ୫୦୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୨୦ ଜଣ ପ୍ରଥମ ଶ୍ରେଣୀରେ, ଦ୍ୱିତୀୟ ଶ୍ରେଣୀରେ ୯୩ ଓ ତୃତୀୟ ଶ୍ରେଣୀରେ ୧୬୬ ଜଣ କୃତକାର୍ଯ୍ୟ ହୋଇଛନ୍ତି ।କଳାରେ ଇପସିତା ଦାସ କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟରେ ଶ୍ୱେତପଦ୍ମା ବିଶ୍ୱାଳ ଓ ତୃତୀୟରେ ଜାୟତ୍ରୀ ମଣ୍ଡଳ ରହିଛନ୍ତି ।ସେହିଭଳି ବାଣୀଜ୍ୟରେ ମୋଟ ୨୯୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୪୭ ଜଣ ପ୍ରଥମ ଶ୍ରେଣୀରେ,ଦ୍ୱିତୀୟ ଶ୍ରେୀରେ ୬୦ ଓ ତୃତୀୟ ଶ୍ରେଣୀରେ ୬୮ ଜଣ କୃତକାର୍ଯ୍ୟ ହୋଇଛନ୍ତି । ବାଣିଜ୍ୟରେ ନସରିନ ପରୱିନ କଲେଜ ଟପର ହୋଇଥିବା ବେଳେ ଦ୍ୱିତୀୟରେ ଆଫସିନ ଅଲ୍ଲୀ ଖାନ ଓ ତୃତୀୟରେ ଚୌଧୁରୀ ବିଭୁ ପ୍ରସାଦ ଦାସ ରହିଛନ୍ତି ।ଏସଭିଏମ କଲେଜରେ ବାଣିଜ୍ୟ ବିଭାଗରେ ସଫଳତା ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି ।ବାଣିଜ୍ୟ ବିଭାଗର ଛାତ୍ରୀ ନସରିନ ପରୱିନ ସର୍ବାଧିକ ୬୦୦ ମାର୍କରୁ ୫୭୭ ତଥା ୯୬.୧୬ ପ୍ରତିଶତ ନମ୍ବର ରଖି ଜିଲ୍ଲା ଓ ଏସଭିଏମ କଲେଜ ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି ସଫଳତାର ଶ୍ରେୟ ବାପା, ମାଆ, ମାମୁଁଙ୍କ ଏସଭିଏମ କଲେଜରେ ଅଧ୍ୟାପକ, ଅଧ୍ୟାପିକା ଓ କମର୍ସ ଏକାଡେମୀର ମୁଖ୍ୟ ରତନ କୁମାର ଆଚାର୍ଯ୍ୟ ଓ ଅନ୍ୟ ଅଧ୍ୟାପକମାନଙ୍କୁ ଦେବେ ବୋଲି ନସରିନ କହିଥିଲେ ।ସେ ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି । ସେହିଭଳି ଏସଭିଏମ କଲେଜର ଛାତ୍ର ଆଫସିନ ଅଲ୍ଲୀ ଖାନ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତୃତୀୟ ସ୍ଥାନରେ ଚୌଧୁରୀ ବିଭୁ ପ୍ରସାଦ ଦାସ ୬୦୦ ମାର୍କରୁ ୫୬୨ ତଥା ୯୩.୬୬ % ନମ୍ବର ରଖିଛନ୍ତି ।

## ଯୁକ୍ତ ପରୀକ୍ଷାରେ ସାଲେପୁର କମର୍ସ ପଏଣ୍ଟର ସଫଳତା




ସାଲେପୁର ,(ସବ୍ୟୁ): ସାଲେପୁର କମର୍ସ ପଏଣ୍ଟରେ କୋଚିଙ୍ଗ ନେଉଥିବା ୮୦ ଜଣ ଛାତ୍ରଛାତ୍ରୀ ଚଳିତ ୨ ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ବେଳେ ସତ ପ୍ରତିଶତ କୃତକାର୍ଯ୍ୟ ହୋଇଥିବା କମର୍ସ ପଏଣ୍ଟର ନିର୍ଦ୍ଦେଶକ ମନୋଜ କୁମାର ବେହୁରାଙ୍କ ଠାରୁ ପ୍ରକାଶ । କମର୍ସ ପଏଣ୍ଟର ଛାତ୍ରୀ ଅନନ୍ୟା ସୱାଇଁ ମୋଟ ୬୦୦ ନମ୍ବରରୁ ୫୮୪ ନମ୍ବର ରଖି ସାଲେପୁର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଛନ୍ତି । ସେହିପରି ରୀତିମୁକ୍ତା ସାହୁ, ଇପସା ପ୍ରିୟଦର୍ଶିନୀ କର, ସିମ୍ରନ ପରିଡା,ନିରୁପମା ତରାଇ, ଅନୁରାଗ ସାହୁ, ସିମ୍ରନ ରାଉତରାୟ,କିରଣ କୁମାର ସାହୁ, ଶୁଭସ୍ମିତା ତ୍ରିପାଠୀ ଓ ଅଦ୍ୟମୋହନ ଦାସ ଶତକଡା ୯୦ ପ୍ରତିଶତରୁ ଉର୍ଦ୍ଧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅଧ୍ୟାପକ ସତ୍ୟ ରଞ୍ଜନ ମିଶ୍ର, ଅଶୋକ କୁମାର ସ୍ୱାଇଁ, ସୁପାରିଟେଣ୍ଡେଣ୍ଟ ଅସିତ କୁମାର ବାରିକ ଓ ପରିଚାଳକ ମନରଞ୍ଜନ ବେହୁରା ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ଟପ୍ପର ହୋଇଥିବା ଅନନ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଚାନ୍ଦପୁର ମଣ୍ଡଳ ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ଶକ୍ତି ପଦଯାତ୍ରା



ରଣପୁର,(ସବ୍ୟୁ): ଚାନ୍ଦପୁର ମହିଳା ମୋର୍ଚ୍ଚା ନେତୃତ୍ବରେ ବୁଧବାର ଦିନ ଅପରାହ୍ନ ସମୟରେ ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର ମଣ୍ଡଳ ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ଶକ୍ତି ପଦଯାତ୍ରା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା

ରଶ୍ମିରେଖା ଦାସ, ଖୋର୍ଦ୍ଧା ଜିଲ୍ଲାର ବିଜେପି ଉପ ସଭାପତିରୋଜାଲିନ ଦାସ,ଚାନ୍ଦପୁର ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ମାମୁନି ସିଂ , ଗୋପାଳପୁର ଜିଲ୍ଲାପରିଷଦ ସଦସ୍ୟା ଲକ୍ଷ୍ମୀ ପ୍ରିୟା ତରେଇ, ଅନୁସୟା ସାହୁ, ଚାନ୍ଦପୁର ମଣ୍ଡଳ ସଭାପତି ଅକ୍ଷୟ କୁମାର ସାହୁ, ପୁର୍ବତନ ମଣ୍ଡଳ ସଭାପତି ସୁବର୍ଣ୍ଣ ସିଂ,ସଧାରଣ ସମ୍ପାଦକ ଗଣେଶ୍ଵର ମାନ୍ଧାତା, ଝାଡ଼ପଡା ସରପଞ୍ଚ ସୌରୀବନ୍ଧୁ ସାହୁ, ତ୍ରିନାଥ ଉଦୟ ସିଂହ, ଅଭିଷେକ ସମାନ୍ତରାୟ,ଚାନ୍ଦପୁର ପଞ୍ଚାୟତ ସଭାପତି ସୁଶାନ୍ତ ମଲ୍ଲିକ, ବିକ୍ରମ ସାହୁ, କନ୍ଧନୟାଗଡ ପଞ୍ଚାୟତ ସଭାପତି ବସନ୍ତ ଖମାରୀ, ଏଥି ସହିତ ଚାନ୍ଦପୁର ମଣ୍ଡଳ ର ୧୦ ଟି ପଞ୍ଚାୟତ ବହୁ ମହିଳା କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ମହିଳା ମାନେ ହାତରେ ପ୍ଲାଗ କାର୍ଡ ଧରି, କଳା ଫିତା ପିନ୍ଧି ଚାନ୍ଦପୁର ଡୋମଣି ମନ୍ଦିର ଠାରୁ ପଦଯାତ୍ରା ଆରମ୍ଭ କରି ଗ୍ରାମ ଓ ଚାନ୍ଦପୁର ବଜାର ପରିକ୍ରମା କରି କନ୍ଧନୟାଗଡ ସ୍ଥିତ ମା ଡୋମଣି ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଏହି ପଦଯାତ୍ରା ସମାପ୍ତ ହେବା ପରେ ଏକ ପ୍ରତିବାଦ ସଭା ହୋଇଥଲା । ଏହି ପ୍ରତିବାଦ ସଭାରେ ମହିଳା ମାନେ ବିରୋଧୀ ଦଳର ନେତାମାନଙ୍କ ବିରୋଧରେ ପ୍ରତିବାଦ କରି ପୁନଶ୍ଚ ମହିଳା ସଂରକ୍ଷଣ ବିଲକୁ ଲାଗୁ କରିବା ପାଇଁ ପ୍ରୟାସ ଜାରି ରଖିବା ପାଇଁ କହିଥିଲେ ।

# ବିଦ୍ୟୁତ ଆଘାତରେ ନବ ବିବାହିତ ଯୁବକଙ୍କ ମୃତ୍ୟୁ

ଗୋପ,(ସବ୍ୟୁ): ପାଦରୁ ଅଳତା ଲିଭିନି କି ବିଭାହ ବେଦି ଭାଙ୍ଗିନୀ କି ଟେଣ୍ଟ ଖୋଲା ହୋଇନି। ଏହାରି ଭିତରେ ବିଦ୍ୟୁତ ଆଘାତରେ ଆଖିବୁଜିଲେ ଜଣେ ମାତ୍ର ୨୨ ଦିନର ନବ ବିଭାହିତ ଯୁବକ।ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଗୋପ ଥାନା ଅନ୍ତର୍ଗତ ବନ୍ତଳିଗାଁ ପଞ୍ଚାୟତ ଅନ୍ତର୍ଗତ ଜୋସିପଡା ଗାଁରେ। ଗୋପ ଥାନା ଅନ୍ତର୍ଗତ ଜୋସିପଡା ଗାଁର ଗିରିଧାରୀ ସାହୁଙ୍କ ପୁତ୍ରୁରା ସୁଭମ ସାହୁଙ୍କ ବିବାହ କୋଣାର୍କ ଥାନା ଅନ୍ତର୍ଗତ ଜଗନ୍ନାଥ ପଡା ଗ୍ରାମର ପ୍ରଫୁଲ୍ଲ ପ୍ରଧାନଙ୍କ ଝିଅ ସହିତ ଗତ ଅପ୍ରେଲ ମାସ ୨୯ତାରିଖରେ ବୈଦିକ ରୀତିରେ ବିଭାହ ହୋଇଥିଲା।କିନ୍ତୁ ବିଧିର ବିଧାନ କିନ୍ତୁ ଅଲଗା ଥିଲା। ହାତରୁ ମେହିନ୍ଦୀ କି ପାଦରୁ ଅଳତା ଲିଭିନି।ସବୁକିଛି ଅଲଗା ହୋଇଗଲା। ଆଜି ଅର୍ଥାତ ବୁଧବାର ମଧ୍ୟହ୍ନରେ ଟେଣ୍ଟ ଖୋଲା ଯାଉଥିବା ବେଳେ ଛାତ ଉପରେ ସର୍ଭିସ ତାର ପଡିଥିବା ଦେଖି ସୁଭମ ସାହୁ ତାରକୁ ଟେକି ଅନ୍ୟତ୍ର ସ୍ଥାନାନ୍ତର କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେହିଠାରେ ଛିଟିକି ପଡ଼ିଥିଲେ।ମୁମୁସ ଅବସ୍ଥାରେ ସୁଭମକୁ ପରିବାର ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।ମୃତ ସୁଭମ ସାହୁଙ୍କ ବଡ ବାପା ଗିରିଧାରୀ ସାହୁଙ୍କ ଅଭିଯୋଗ କ୍ରମେ ଗୋପ ପୋଲିସ କେଶ ନ-୧୨/୨୬ ରେ ଏକ ଅପମୃତ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି।

# ଖଣି ଉପରେ ଚଢଉ : ୩ଟି ପାଓ୍ୱାର ଟିଲର,୨ହାଇଓ୍ୱା,ଟ୍ରାକ୍ଟର ସମେତ ଜେସିବ ଜବତ

ଡେଲାଙ୍ଗ,(ସବ୍ୟୁ): ଆକ୍ସନ ମୋଡରେ ଡେଲାଙ୍ଗ ପୋଲିସ । ପିପିଲି ଏସଡିପିଓ ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ଡେଲାଙ୍ଗ ଅଂଚଳରେ ଚାଲୁଥିବା ବେଆଇନ ଖଣି ଖନନ ଉପରେ ଚଢାଉ କରାଯାଇଥିଲା । ତେବେ ମିଳିଥିବା ସୁଚନା ମୁତାବକ ଯମୁନା ଝାରପଡା ଅଂଚଳରୁ ୩ଟି ପାଓ୍ୱାର ଟିଲର, ହରିରାଜପୁର ପିପିଲି ରାସ୍ତାରୁ ଦୁଇଟି ହାଇଓ୍ୱା ଗାଡି ସମେତ ଟ୍ରାକ୍ଟର ଜେସିବ ମେସିନକୁ ପୋଲିସ ଜବତ କରିଛି । ସୁଚନା ଥାଉକି ଡେଲାଙ୍ଗ ଥାନା ଅଂଚଳରେ ବେଆଇନ ଖଣି ଖନନକୁ ନେଇ ଦୁଇ ଗ୍ରାମ ର ଖଣି ମାଫିଆଙ୍କ ମଧ୍ୟରେ ମାରପିଟ ମେସିନ ପୋଡି ଠାରୁ ଆରମ୍ଭ କରି ବୋମାମାଡ ଗୁଳିକାଣ୍ଡ ଭଳି ଘଟଣା ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା । ହରିପୁର ବୋମାମାଡ ଓ ଗୁଳିକାଣ୍ଡ ଘଟଣାରେ ପୋଲିସ କାହାକୁ ଗିରଫ କରିନଥିବା ବେଳେ ଆହତ ପରିବାରଙ୍କ ପକ୍ଷରୁ ପିପିଲି ଏସଡିପିଓ ଶ୍ରୀମିଶ୍ରଙ୍କୁ ବେଆଇନ ଖଣି ଖନନ ବନ୍ଦ କରିବା ସହ ବୋମାମାଡ ଓ ଗୁଳିକାଣ୍ଡ ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବୀ କରିଥିଲେ । ତେବେ ପିପିଲି ଏସଡିପିଓ ଶ୍ରୀମିଶ୍ରଙ୍କ ନେତୃତ୍ୱରେ ଡେଲାଙ୍ଗ ଥାନା ଅଧିକାରୀ ପୁର୍ଣ୍ଣଚନ୍ଦ୍ର ସେଠୀ,ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରଭାତ କୁମାର ପଲେଇଙ୍କ ସମେତ ସଦଳବଳ ପୋଲିସ ହରିରାଜପୁର ,ଗୋଡିପୁଟମାଟିଆପଡା, ହରିପୁର, ଯମୁନା ଝାରପଡା ପିପିଲି ଜଟଣୀ ରାସ୍ତା ଆଦି ଅଂଚଳରେ ବେଆଇନ ମୋରମ ଖନନ ଓ ପଥର ଚୋରା ଚାଲଣ ଉପରେ ଚଢଉ କରିଥିଲେ । ହରିରାଜପୁର ଫାଣ୍ଡି ରେ ଜବତ ଜିନିଷ ସବୁ ରଖାଯାଇଥିବା ବେଳେ ଏନେଇ ୧୪୨/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ନେଇ ଥାନା ଅଧିକାରୀ ଶ୍ରୀସେଠୀ ସୁଚନା ଦେଇଛନ୍ତି ।

# ପୋଖରୀରୁ ହାତୀ ଛୁଆର ମୃତଦେହ ଉଦ୍ଧାର



ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଜଙ୍କିଆ ଥାନା ଅନ୍ତର୍ଗତ ହଜ ପଞ୍ଚାୟତର ନିଧିପୁର ଗ୍ରାମ ପୋଖରୀରୁ ବୁଧବାର ସକାଳେ ଏକ ହାତୀ ଛୁଆର ଗଳିତ ମୃତଦେହ ଉଦ୍ଧାର କରାଯାଇଛି।ମିଳିଥିବା ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ପାଣି ପିଇବା ପାଇଁ ଏକ ହାତୀପଲ ନିଧିପୁର ଗ୍ରାମ ପୋଖରୀକୁ ଆସିଥିଲେ। ସେମାନଙ୍କ ସହିତ ଏହି ହାତୀ ଛୁଆଟି ମଧ ଥିଲା। ତେବେ ପୋଖରୀରେ ପାଣି ପିଇବା ସମୟରେ ହାତୀପଲଙ୍କ ଦଳାଚକଟା ଯୋଗୁଁ କିମ୍ବା ଅନ୍ୟ କୌଣସି ଅସ୍ୱାଭାବିକ କାରଣରୁ ହାତୀ ଛୁଆଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି।ବୁଧବାର ସକାଳୁ ସ୍ଥାନୀୟ ଗ୍ରାମବାସୀମାନେ ପୋଖରୀ ମଧ୍ୟରେ ହାତୀ ଛୁଆର ମୃତଦେହ ଭାସୁଥିବା ଦେଖି ତୁରନ୍ତ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ଟାଙ୍ଗୀ ବନାଞ୍ଚଳର ବନକର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପାଣିରୁ ବାହାର କରି ଜବତ କରିଥିଲେ।ପରେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଖୋର୍ଦ୍ଧା ଡିଏଫଓ , ଏସିଏଫଓ ଏବଂ ସ୍ଥାନୀୟ ରେଞ୍ଜରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବନ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ବନବିଭାଗ ପକ୍ଷରୁ ମୃତ ହାତୀ ଛୁଆର ପଞ୍ଚନାମା କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ତାକୁ ପୋତି ଦିଆଯାଇଛି। ଏହି ଘଟଣାକୁ ନେଇ ବନବିଭାଗ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଗାଡ଼ି ଧକ୍କାରେ ମାଉସୀ, ଝିଆରୀ ଗୁରୁତର

ଗୋପ, (ସବ୍ୟୁ) :ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯିବା ବାଟରେ ଗୋପ ନିମାପଡା ରାସ୍ତାର ବଣିଆ ସାହି ନିକଟରେ ଗୋଟିଏ ଅଜଣା ଗାଡ଼ି ଧକ୍କାରେ ମାଉସୀ, ଝିଆରୀ ଗୁରୁତର ହୋଇଥିବା ବେଳେ ମାମୁ ଆହାତ ହୋଇଛନ୍ତି। କେନ୍ଦ୍ରାପଡ଼ା ଅଞ୍ଚଳର ମଧୁସୂଦନ ସ୍ୱାଇଁଙ୍କ ପରିବାର ଭୁବେଶ୍ୱରରେ ରହୁଥିବା ବେଳେ ତାଙ୍କର ଭଉଣୀ ଭିଣୋଇ ଦିଲ୍ଲୀ ରେ ରୁହନ୍ତି । ଭଉଣୀ ଭିଣୋଇ ଭାଣିଜୀ ଭୁବେଶ୍ୱର ବୁଲିବାକୁ ଆସିଥିବା ବେଳେ ମଙ୍ଗଳବାର ଦିନ ଭାଣିଜୀ କୁନି ଝିଅ ଅର୍ପିତା ବେଉରା (୧୨) ଙ୍କ ଜନ୍ମଦିନ ଥିଲା। ଅର୍ପିତାଙ୍କ ମାଉସୀ ଇତିଶ୍ରୀ ଉପମିତା ରାଉତ (୩୫) ମାମୁ ମଧୁସୂଦନ ସ୍ୱାଇଁ ବାପା ବୋଉ ମିଶି ଜାଗା ଦର୍ଶନ ପାଇଁ ଦୁଇଟି ବାଇକରେ । ଗୋଟିଏ ଗାଡ଼ିରେ ଅର୍ପିତା ମାମୁଁ, ମାଉସୀ ଥିଲେ।ସେଇ ଗାଡିକୁ ଧକ୍କା ଦେଇଥିଲା ଏକ ଅଜଣା କାର । କୋଣାର୍କବୁଲିବା ପରେ ପୁରୀ ଯାଇ ଜଗନ୍ନାଥ ଙ୍କୁ ଦର୍ଶନ କରି ଜନ୍ମଦିନ ପାଳନ କରି ଫେରିଥାନ୍ତେ, ହେଲେ ସବୁ କିଛି ଅଧାରେ ରହିଗଲା କୋଣାର୍କ ଯିବା ବାଟରେ ବଣିଆ ସାହି ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଅର୍ପିତା, ମଧୁସୂଦନ, ଉପମିତା ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ, ତିନିଜଣ ।ଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି।ଏନେଇ ଗୋପ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

# ବେ-ଆଇନି ଗୋଚାଲାଣ : ସ୍କୋର୍ପିଓ ସହ ୩ ବୋଲରୋ ଜବତ,୭ ଗିରଫ

ଦଶପଲ୍ଲା,(ସବ୍ୟୁ):ବେ ଆଇନି ଭାବେ ଗୋରୁ ଚାଲାଣ ଅଭିଯୋଗରେ ବୁଧବାର ଦିନ ବାଣୀଗୋଛା ପୋଲିସ ୭ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକମାନେ ହେଉଛନ୍ତି ରାୟଗଡା ଜିଲ୍ଲା ମୁନିଗୁଡା ଥାନା ଅନ୍ତର୍ଗତ ଦାଣ୍ଡପଦର ଗ୍ରାମର ମାଧବ ନାୟକ(୨୮) ,ଡାଙ୍ଗସରଡ଼ ଗ୍ରାମର ମୁକୁନ୍ଦ ଗରଡ଼ିଆ( ୨୨),ପଦ୍ମ ଚରଣ କୁସୁଳିଆ(୨୦),ଗୁମୁକୁଡି ଗ୍ରାମର ସରୋଜ ବାଗ(୨୦),ଖଗେଶ୍ୱର ବାଗ(୩୮),ଅରୁଣ ବାଗ(୩୫),ରମେଶ କୁସୁଳିଆ (୨୦), ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି । ଏହାସହ ଏହି ଗୋ ଚାଲାଣରେ ବ୍ୟବହୃତ ତିନୋଟି ବୁଲେରୋ ମ୍ୟାକ୍ସ ପିକଅପକୁ ଜବତ କରିବା ସହ ଏହାକୁ ଏସ୍କର୍ଟ ଦେଉଥିବା ଏକ ସ୍କରପିଓକୁ ଜବତ କରିଛି । ପିକଅପରେ ଥିବା ୧୮ ଟି ବଳଦକୁ ପୋଲିସ ଉଦ୍ଧାର କରି ସ୍ଥାନୀୟ ଶ୍ରୀ ଜଗନ୍ନାଥ ଗୋ ସେବା ସମିତି ରେ ଛାଡି ଦେଇଛି । ଏହି ଗୋରୁ ଚାଲାଣ ଦଶପଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି କରାଯାଇ ରାୟଗଡା ପରେ ଛତିଶଗଡ଼ ଚାଲାଣ ହେଉଥିବା ଆଲୋଚନା ହେଉଛି । ଦୀର୍ଘଦିନ ଧରି କାର୍ଯ୍ୟରୁ ନିବୃତ କଇଁଆଡିହ ଗ୍ରାମର ଜଣେ ହୋମଗାର୍ଡ ଶିବସେନ ନାୟକ ଏହି ଗୋ ଚାଲାଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବା ପରେ ସେ ଫେରାର ଥିବା ଜଣାପଡ଼ିଛି । ମଙ୍ଗଳାର ଅପରାହ୍ନରେ ଏହି ବେ ଆଇନି ଗୋ ଚାଲାଣ ହେଉଥିବା ବେଳେ ଖବର ପାଇ ବାଣୀଗୋଛାଥାନା ସବ ଇନ୍ସପେକ୍ଟର ବିରେନ୍ଦ୍ର କୁମାର ଦେହୁରୀ ସଦଳବଳେ ଏହାକୁ ଧରିବାରେ ସଫଳ ହୋଇଥିଲେ । ଏହି ଘଟଣା ରେ ପୋଲିସ ୫୮/୨୦୨୬ ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକତଦନ୍ତ ଜାରି ରଖିଛି ।

# ଓଳସିଂହ , ମଳିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ

ନିରାକାରପୁର (ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନ ଓଳସିଂହ ସ୍ଥିତ ରଘୁନାଥ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମଳିପଡ଼ା ସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷର ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଉଭୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ବେଶ ସନ୍ତୋଷଜନକ ଓ ଉଲ୍ଲେଖନୀୟ ସଫଳତା ହାସଲ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଦେଇଛନ୍ତି।ଓଳସିଂହ ସ୍ଥିତ ରଘୁନାଥ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମଗ୍ରିକ ପାସ ହାର ବେଶ ଉଚ୍ଚ ରହିଛି। ଚଳିତ ବର୍ଷ ଏହି ବିଦ୍ୟାଳୟରୁ ମୋଟ ୧୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୧ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।ପ୍ରଥମ ଶ୍ରେଣୀ ୨୮ ଜଣ,ଦିତୀୟ ଶ୍ରେଣୀ ୩୪ ଜଣ,ତୃତୀୟ ଶ୍ରେଣୀ ୭୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।ଏହି ପରୀକ୍ଷାରେ ବିଦ୍ୟାଳୟର କୃତୀ ଛାତ୍ରୀ ଇତିଶ୍ରୀ ମହାପାତ୍ର ସର୍ବାଧିକ ୫୧୪ ନମ୍ବର ରଖି କଲେଜ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ମହଲରେ ଖୁସିର ସହ ଶୁଭେଚ୍ଛାର ସୁଅ ଛୁଟିଛି।ସେହିପରି ମଳିପଡ଼ା ସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା ଫଳ ମଧ ବେଶ ଗୌରବମୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ରେଗୁଲାର୍ ବର୍ଗରେ ମୋଟ ୨୨୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।ପ୍ରଥମ ଶ୍ରେଣୀ ୩୫ ଜଣ,ଦ୍ୱିତୀୟ ଶ୍ରେଣୀ ୪୫ ଜଣ,ତୃତୀୟ ଶ୍ରେଣୀ ୧୧୦ ଜଣ ଓ ୩୪ ଜଣ ଫେଲ ହୋଇଥିବା ବେଳେ ୦୨ ଜଣ ଅନୁପସ୍ଥିତ ଥିଲେ।ଅପରପକ୍ଷରେ, ବିଦ୍ୟାଳୟର ଏକ୍ସ-ରେଗୁଲାର୍ ବର୍ଗରେ ମୋଟ ୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବର୍ଗରେ ୩ ଜଣ ଫେଲ ହୋଇଥିବା ବେଳେ ୧ ଜଣ କମ୍ପାର୍ଟମେଣ୍ଟାଲ ରହିଛନ୍ତି।ଉଭୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ, ଅଧାପକ, ଅଧାପିକା, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଅଭିଭାବକମାନେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଯୁକ୍ତ୨ବିଜ୍ଞାନରେ ସତ୍ୟପ୍ରିୟ କଳାରେ ସୂଚିସ୍ମିତା ବ୍ଲକ ଟପ୍ପର

ଦଶପଲ୍ଲା(ସବ୍ୟୁ): ଚଳିତ ବର୍ଷ ପ୍ରକାଶ ପାଇଛି ଯୁକ୍ତ ୨ ପରୀକ୍ଷା ଫଳ। ୨ ବିଜ୍ଞାନରେ ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ଛାତ୍ର ସତ୍ୟପ୍ରିୟ ସାହୁ ୫୬୯(୯୪. ୮%) ନମ୍ବର ରଖି ଦଶପଲ୍ଲା ବ୍ଲକ ସ୍ତରରେ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ନିବେଦିତା ମଣ୍ଡେଲି ୫୬୫ ,ତୃତୀୟ ସ୍ଥାନରେ ଶ୍ରୀକାନ୍ତ ନାୟକ ୫୫୭ ନମ୍ବର ରଖିଛନ୍ତି । ମହାବିଦ୍ୟାଳୟରେ ସମୁଦାୟ ୨୪ ଜଣ ଛାତ୍ର ଛାତ୍ରୀ ୫୦୦ ମାର୍କ ରୁ ଅଧିକ ମାର୍କ ରଖିଥିବା ଜଣାପଡିଛି । ମହାବିଦ୍ୟାଳୟର ସମୁଦାୟ ୧୬୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏଥି ମଧ୍ୟରୁ ୧୨୯ ଜଣ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ଦୁଇଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଯୁକ୍ତ ୨ କଳାରେ କୃଷ୍ଣ ପ୍ରିୟା ଦେବୀ ମହିଳା ଉଚ୍ଚ ମାଧାମିକ ବିଦ୍ୟାଳୟ ର ଛାତ୍ରୀ ସୂଚୀ ସ୍ମିତା ଦାଶ ୫୫୬ (୯୨ %) ନମ୍ବର ରଖି ଦଶପଲ୍ଲା ବ୍ଲକ ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।ସେହିପରି ଦ୍ୱିତୀୟ ରେ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ଛାତ୍ରୀ ଜ୍ୟୋତି ରାଣୀ ବେହେରା ଦ୍ୱିତୀୟ ଓ ରୋନାଲି ବିଶ୍ୱାଳ ୫୩୭ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ର୨ କଳାରେ ପ୍ରଥମ ଶ୍ରେଣୀ ରେ ୪୩, ଦ୍ୱିତୀୟ ଶ୍ରେଣୀରେ ୩୩ ପାସ କରିଥିବା ବେଳେ କୃଷ୍ଣ ପ୍ରିୟାଦେବୀ ମହିଳା ମହାବିଦ୍ୟାଳୟ ରେ ପ୍ରଥମ ଶ୍ରେଣୀ ରେ ୬୪, ଦ୍ୱିତୀୟ ରେ ୪୨ ଓ ତୃତୀୟ ରେ ୯୧ ଜଣ ଛାତ୍ରୀ ପାସ କରିଛନ୍ତି।

# ନୀଳମାଧବ କଲେଜ ପରୀକ୍ଷା ଫଳ

## ବିଜ୍ଞାନରେ ଦିପ୍ତିକ୍ରିଷ୍ଟା ଓ କଳାରେ ଶୁଭସ୍ମିତା କଲେଜ ଶ୍ରେଷ୍ଠ

କଣ୍ଟିଲୋ,(ସବ୍ୟୁ) : ଯୁକ୍ତ୨ପରୀକ୍ଷା ଫଳ ପ୍ରକାଶ ପାଇଛି। ନୀଳମାଧବ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗ ପାସ ହାର ୯୩ପ୍ରତିଶତ, କଳାରେ ୮୫ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୭୧ପ୍ରତିଶତ ପାସ ହାର ରହିଛି। ବିଜ୍ଞାନ ବିଭାଗରେ ସମୁଦାୟ ୪୧ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୦ ଜଣ, ଦ୍ୱିତୀୟ ର ୧୬, ତୃତୀୟ ଶ୍ରେଣୀରେ ୨ଜଣ ଓ ୩ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। କଳା ବିଭାଗ ର ସମୁଦାୟ ୨୭୭ ପରୀକ୍ଷାର୍ଥୀ ମଧ୍ୟରୁ ୨୩୭ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ,୭୦ ଜଣ ପ୍ରଥମ ଶ୍ରେଣୀ, ଦ୍ୱିତୀୟରେ ୩୯ଜଣ, ତୃତୀୟ ଶ୍ରେଣୀରେ ୧୨୮ଜଣ ଓ ୪୬ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।ସେହିପରି ଧନ୍ଦାମୂଳକ ଶିକ୍ଷାରେ ୨ଟି ବିଭାଗର ୧୫ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦ଜଣ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି। ବିଜ୍ଞାନ ବିଭାଗରେ ଦିପ୍ତିକ୍ରିଷ୍ଟା ପୃଷ୍ଟି ୫୧୫ମାର୍କ ଓ କଳା ବିଭାଗରେ ଶୁଭସ୍ମିତା ବେହେରା ୫୨୭ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି।

# ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ପରୀକ୍ଷା ଫଳ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଜ୍ଞାନ ବିଭାଗରେ ମୋଟ ୯୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୩ ଜଣ ପ୍ରଥମ ଶ୍ରେଣୀ, ୨୯ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୬ ଜଣ ତୃତୀୟ ଶ୍ରେଣୀରେ ସଫଳତା ପାଇଥିବା ବେଳେ ୫ ଜଣ କମ୍ପାର୍ଟମେଣ୍ଟାଲ ଯୋଗ୍ୟତା ହାସଲ କରିଛନ୍ତି। ବିଭାଗର ସର୍ବୋଚ୍ଚ ନମ୍ବର ୪୯୦ ରହିଛି।କଳାରେ ମୋଟ ୧୬୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ୨୫ ଜଣ ପ୍ରଥମ ଶ୍ରେଣୀ, ୬୦ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ସର୍ବୋଚ୍ଚ ନମ୍ବର ୪୭୬ ରହିଛି।ବାଣିଜ୍ୟ ବିଭାଗରେ ମୋଟ ୨୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ପ୍ରଥମ ଶ୍ରେଣୀ, ୯ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୯ ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି। ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ୫୦୫ ରହିଛି।ଛାତ୍ରଛାତ୍ରୀଙ୍କର ଏହି ଅଭୁତପୂର୍ବ ସଫଳତା ପାଇଁ ଅନୁଷ୍ଠାନ ପକ୍ଷରୁ ସମସ୍ତ ଶିକ୍ଷକ ବନ୍ଧୁମାନଙ୍କ ସାଧନା, ନିଷ୍ଠା, ସହଭାଗିତା ଏବଂ ଅକ୍ଲାନ୍ତ ପରିଶ୍ରମକୁ ଉଚ୍ଚ ପ୍ରଶଂସା କରାଯାଇଛି।

# ବ୍ରାଉନ ସୁଗାର ସହ ବାଇକ ଜବତ, ଜଣେ ଗିରଫ



ପିପିଲି ,(ସବ୍ୟୁ): ବୁଧବାର ଅପରାହ୍ନ ସାଢେ ଚାରିଟା ବେଳେ ପିପିଲି ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଅତିରିକ୍ତ ଏସପି ସଚିନ ପଟେଲ ଏବଂ ଆଇ ଆଇ ସି ସୌମେନ୍ଦୁ ଶେଖର ତ୍ରିପାଠୀ ଉପସ୍ଥିତି ରହି ସୂଚନା ଦେଇଛନ୍ତି କି ପିପିଲି ଥାନା ଅନ୍ତର୍ଗତ ଦାନଗୋହିର ନିକଟ ବିଛୁଆତି ଛକ ଠାରେ ବ୍ରାଉନ ସୁଗାର ଚୋରା କାରବାର ହେଉଥିବା ଜାଣିବା ପରେ ପୁଲିସ ତୁରନ୍ତ ଚଢ଼ାଉ କରି ଚାନ୍ଦୁ ଓରଫ ମହମ୍ମଦ ଆଲଫାଜ (୨୬) ନାମକ ଚୋରା ଚାଲାଣ କାରିକୁ ଗିରଫ କରିବା ସହିତ ତା ଠାରୁ ୨୪ ଗ୍ରାମ ବ୍ରାଉନ ସୁଗାର,୯୬୦୦ ନଅ ହଜାର ଛଅଶହ ଟଙ୍କା, ଦୁଇଟି ମୋବାଇଲ, ଗୋଟିଏ ବାଇକ, କେତକ ପରିଚୟ ପତ୍ର ଜବତ କରିଛନ୍ତି । ଗିରଫ ଅଭିଯୁକ୍ତ ଚାନ୍ଦୁ ଦୀର୍ଘଦିନ ହେଲା ବ୍ରାଉନ ସୁଗାର ଆଣି ପିପିଲି ଆଖପାଖ ଅଞ୍ଚଳ ରେ ରାକେଟ ସୃଷ୍ଟିକରି ବିକ୍ରୟ କରୁଥିଲା । କିଛିଦିନ ହେଲାଣି ସେ ପୁଲିସ ନଜରରେ ଥିଲା ଝ ଚାନ୍ଦୁର ଘର ଏହି ଥାନା ହାଟସାହି ପଞ୍ଚାୟତ ଦାନଗୋହିର ଗ୍ରାମରେ ବୋଲି ଜାଣିବାକୁ ମିଳିଛି । ପୁଲିସ ଗିରଫ ଚାନ୍ଦୁକୁ କେଶ ନମ୍ବର ୩୨୦/୨୬ ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବ୍ରାଉନ ସୁଗାର କେଉଁଠୁ ଆଣୁଥିଲା ଏବଂ କେଉଁ ବ୍ୟକ୍ତିଙ୍କୁ ବିକ୍ରୟ କରୁଥିଲା ସେ ସମ୍ପର୍କ ରେ ଅଧିକ ତଦନ୍ତ ଚାଲୁ ଥିବାର ପୁଲିସ ସୂତ୍ରରୁ ପ୍ରକାଶ ।ଖୁବ ଶୀଘ୍ର ଏହି ଚୋରା ବେପାରରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ଗିରଫ କରାଯିବ ବୋଲି ଅତିରିକ୍ତ ଏସପି ଶ୍ରୀଯୁକ୍ତ ପଟେଲ ସୂଚନା ଦେଇଛନ୍ତି ।

# ଔଷଧ ଦୋକାନ ବନ୍ଦ

କଣାସ,(ସବ୍ୟୁ) :ସର୍ବଭାରତୀୟ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ଡାକରା କ୍ରମେ ଓ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ଆହ୍ୱାନ ରେ ଆଜି ସାରା ଭାରତରେ ଔଷଧ ଦୋକାନ ବନ୍ଦ ଡାକରାରେ କଣାସ ବ୍ଲକରେ ସମସ୍ତ ଔଷଧ ଦୋକାନ ଗୁଡିକ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଥିଲା । ତିନି ଦଫା ଦାବି ଯଥା ୧. ଔଷଧର ଅନଲାଇନ ବିକ୍ରୟ ବନ୍ଦ କରିବା ୨. କର୍ପୋରେଟ ସଂସ୍ଥା ଦ୍ୱାରା ଗଭୀର ରିହାତି ବନ୍ଦ କରିବା ୩. ନକଲି ଔଷଧକୁ ବଜାରରୁ ଏଡେଇବା ଦାବିରେ କଣାସ ବ୍ଲକର ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା ।ଯାହା ଦ୍ୱାରା ବହୁ ରୋଗୀ ଆଜି ଔଷଧ କିଣିବାରୁ ବଂଚିତ ହୋଇଛନ୍ତି ବୋଲି ଔଷଧ ବେବସାୟୀ ଦିଲ୍ଲୀପ କୁମାର ଦାସ କହିଛନ୍ତି ।

# ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳଙ୍କ ପରଲୋକ



ଫୁଲନଖରା ,(ସବ୍ୟୁ):କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ଉପକଣ୍ଠ ସଫିପୁର ଗ୍ରାମର ନିବାସୀ, ପରମହଂସ ପଞ୍ଚାୟତର ପୂର୍ବତନ ସରପଞ୍ଚ, ବିଶିଷ୍ଟ ସମାଜସେବୀ ଏବଂ କଳା-ସଂସ୍କୃତିର ଅନୁରାଗୀ ଅନିରୁଦ୍ଧ ରାଉଳ(୫୯)ଙ୍କର ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗରେ ପରମହଂସ ପଞ୍ଚାୟତ ସହ ସମଗ୍ର କଟକ ସଦର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରାଉଳ ଜଣେ ଜନପ୍ରିୟ ଜନନେତା, ନିଷ୍ଠାବାନ ସମାଜସେବୀ ଓ କଳାପ୍ରେମୀ ଭାବେ ସାଧାରଣ ଲୋକଙ୍କ ମନରେ ସ୍ଥାୟୀ ସ୍ଥାନ ଅଧିକାର କରିଥିଲେ। ସରପଞ୍ଚ ଭାବେ କାର୍ଯ୍ୟକାଳ ଦରମିଆନ ସେ ପଞ୍ଚାୟତର ଉନ୍ନତି ଓ ଲୋକସେବାରେ ଅନେକ ସ୍ମରଣୀୟ କାର୍ଯ୍ୟ କରିଥିଲେ। ସମାଜର ସମସ୍ତ ଶ୍ରେଣୀର ଲୋକଙ୍କ ସହ ସେ ଆତ୍ମୀୟ ସମ୍ପର୍କ ରଖିଥିଲେ। ତାଙ୍କ ବିୟୋଗ ସମ୍ବାଦ ପାଇ ବିଭିନ୍ନ ସାମାଜିକ, ରାଜନୈତିକ ଓ ସାହିତ୍ୟ-ସଂସ୍କୃତି ମହଲର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯୁକ୍ତ ୨ ପରୀକ୍ଷା ଫଳ: ଛାତ୍ରୀ ଆଗରେ





ଖଣ୍ଡପଡ଼ା (ସବ୍ୟୁ): ରାଜ୍ୟଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ,କଳା ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପ୍ରକାଶିତ ପରୀକ୍ଷା ଫଳାଫଳ ଅନୁଯାୟୀ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ବିଜ୍ଞାନ ଶ୍ରେଣୀରେ ସର୍ବମୋଟ ୧୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୫୫ ଜଣ,୨ୟ ଶ୍ରେଣୀରେ ୨୮ ଜଣ, ୩ ୟ ଶ୍ରେଣୀରେ ୫ ଜଣ ଓ କମ୍ପାଟମେଣ୍ଟାଲରେ ୬ ଜଣ ପାସ କରିଥିବା ବେଳେ ୧୩ ଜଣ ଛାତ୍ରଛାତ୍ରୀ ଫେଲ ହୋଇଥିବା ଜଣାଯାଇଛି। ବିଜ୍ଞାନରେ ଛାତ୍ରୀ ତୁଳସୀ ନାୟକ ସର୍ବାଧିକ ୫୨୩ ନଂ ରଖି ମହାବିଦ୍ୟାଳୟ ଟପ୍ପର ହୋଇଥିବା ଜଣାପଡିଛି। ସେହିପରି କଳା ପରୀକ୍ଷାରେ ସର୍ବମୋଟ ୪୨୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୮ ଜଣ, ୨ୟ ଶ୍ରେଣୀରେ ୭୮ ଜଣ,୩ ୟ ଶ୍ରେଣୀରେ ୧୮୧ ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ୩ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବା ବେଳେ ୪୪ ଜଣ ଫେଲ ହୋଇଥିବା ଜଣାପଡିଛି। କଳାରେ ଛାତ୍ରୀ ସୌମ୍ୟା ଶେଫାଳିକା ମହାପାତ୍ର ସର୍ବାଧିକ ୫୬୪ ନଂ ରଖି ମହାବିଦ୍ୟାଳୟ ଟପ୍ପର ହୋଇଥିବା ଜଣାପଡିଛି। ସେହିପରି ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର କଳା ଶ୍ରେଣୀରେ ସର୍ବମୋଟ ୧୯୭ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୧୮୧ ଜଣ ପାସ କରିଥିବା ବେଳେ ପରୀକ୍ଷାରେ ୩ ଜଣ ଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି। ପ୍ରଥମ ଶ୍ରେଣୀରେ ୬୪ ଜଣ,୨ୟ ଶ୍ରେଣୀରେ ୩୨ ଜଣ ଓ ୩ ୟ ଶ୍ରେଣୀରେ ୮୫ ଜଣ ଛାତ୍ରୀ ପାସ କରିଥିବା ବେଳେ ୧୩ ଜଣ ଫେଲ ହୋଇଥିବା ଜଣାପଡିଛି।ଛାତ୍ରୀ ଶ୍ରାବଣୀ ପ୍ରଧାନ ସର୍ବମୋଟ ୫୨୩ ନଂ ରଖି ମହାବିଦ୍ୟାଳୟରେ ଟପ୍ପର ହୋଇଥିବା ବେଳେ ପାସ ହାର ୯୩ ପ୍ରତିଶତ ଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ।ପ୍ରକାଶିତ ପରୀକ୍ଷା ଫଳାଫଳ ଓ ଛାତ୍ରୀମାନଙ୍କ ସଫଳତାକୁ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆନନ୍ଦ ପ୍ରକାଶ କରିଛନ୍ତି।

# ଗାପବନ୍ଧୁ ସ୍ମୃତି ମହାବିଦ୍ୟାଳୟ : ଯୁକ୍ତ ୨ରେ ବିଶ୍ୱଜିତା ଶ୍ରେଷ୍ଠ

ସାକ୍ଷୀଗୋପାଳ (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଯୁକ୍ତ ଦୁଇ କଳା ପରୀକ୍ଷା ଫଳରେ ସାକ୍ଷୀଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। କଲେଜ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ କଳା ବିଭାଗରୁ ମୋଟ ୫୦୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୫୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨୧ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨୦୧ ଜଣ ତୃତୀୟ ଶ୍ରେଣୀରେ ସଫଳତା ପାଇଛନ୍ତି।କୃତୀ ଛାତ୍ରୀ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଐଶାନ୍ୟ ପଡା ଗ୍ରାମର ବିଶ୍ୱଜିତା ସେନାପତି ସର୍ବାଧିକ ୫୩୯ ନମ୍ବର ରଖି କଲେଜ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ଏହି ମହାବିଦ୍ୟାଳୟର ୨ବିଜ୍ଞାନ ବିଭାଗରେ ନିକିତା ପରମାଣିକ ୫୦୩ ନମ୍ବର ରଖି ମହାବିଦ୍ୟାଳୟ ଟପର ହୋଇଛନ୍ତି । ବିଜ୍ଞାନ ବିଭାଗରେ ପ୍ରଥମ ଶ୍ରେଣୀରେ ୧୧ଜଣ, ଦିତୀୟ ଶ୍ରେଣୀରେ ୫ ଜଣ ଓ ତୃତୀୟ ଶ୍ରେଣୀରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨ ବାଣିଜ୍ୟ ବିଭାଗରେ ଲୋପାମୁଦ୍ରା ସ୍ୱାଇଁ ୪୩୫ ନମ୍ବର ରଖି ମହାବିଦ୍ୟାଳୟ ଟପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ପ୍ରଥମ ଶ୍ରେଣୀରେ ୪ ଜଣ, ଦିତୀୟ ଶ୍ରେଣୀରେ ୫ ଜଣ ଓ ତୃତୀୟ ଶ୍ରେଣୀରେ ୨୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ଦୁର୍ଘଟଣାରେ ଯୁବକ ମୃତ



ନରସିଂହପୁର,(ସବ୍ୟୁ): ଏକ ଓଡ଼କ ଦୁର୍ଘଟଣାରେ ଗୁରୁତର ଥିବା ଜଣେ ଯୁବକଙ୍କର ଚିକିତ୍ସାଧିନ ଅବସ୍ଥାରେମୃତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ କାନପୁର ଥାନା ଅନ୍ତର୍ଗତ ସିଆରିଆ ଗ୍ରାମର ମଦନ ମୋହନ ସାହୁଙ୍କ ବଡ ମନୋଜ (୪୧) ବୋଲି ଜଣାପଡ଼ିଛି । କାନପୁର ଥାନା ସିଆରିଆ ଗ୍ରାମ ର ମଦନ ମୋହନ ସାହୁ ଙ୍କ ବଡ ମନୋଜ କୁମାର ସାହୁ (୪୧) ଏବଂ ସାନ ପୁଅ ସରୋଜ କୁମାର ସାହୁ (୩୬) ଝାରସୁଗୁଡ଼ା ଏକ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ।ଦୁଇ ଭାଇ ସାବିତ୍ରୀ ଅମାବାସ୍ୟା ପାଳନ କରିବା ପାଇଁ ସେଠାରୁ ନିଜ ବାଇକ ଯୋଗେ ଘରକୁ ଫେରୁଥିଲେ। ମାତ୍ର ମାନେଶ୍ୱର ଠାରେ ଗୋଟିଏ ଟ୍ରାକ୍ଟର ସହିତ ମୁହାଁ ମୁହିଁ ଧକା ହୋଇଥିଲା ।ସ୍ଥାନୀୟ ଲୋକମାନଙ୍କ ସହାୟତାରେ ବଡ ପୁଅ ବେହୋସ ଅବସ୍ଥାରେ ଏବଂ ସାନ ପୁଅର ଗୋଡ ଜଖମ ଅବସ୍ଥାରେ ପ୍ରଥମେ ବୁର୍ଲା ମେଡିକାଲରେ ପ୍ରାରମ୍ଭିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ପଠାଇ ଦିଆ ଯାଇଥିଲା। ସେଠାରେ ବଡ ପୁଅ ମନୋଜ କୋମାରେ ରହିଥିବା ବେଳେ ବୁଧବାର ଅପରାହ୍ନ ୨ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ମନୋଜ ସାହୁଙ୍କର ମୃତ୍ୟୁର ଖବର ପାଇବା ମାତ୍ରେ ସ୍ଥାନୀୟ ଜନସାଧାରଣ ରେ ଗଭୀର ଶୋକ ର ଲହଳି ଖେଳି ଯାଇଛି ।ଏଭଳି ସମୟରେ ପରିବାରକୁ ତୁରନ୍ତ ସହାୟତାର ହାତ ବଢେଇବା ପାଇଁ ଜନ ସାଧାରଣ ଙ୍କ ତରଫରୁ ସରକାରଙ୍କୁ ନିବେଦନ କରାଯାଇଛି।

# ସମ୍ପାଦକୀୟ

## ଥାନା ଓ ଡାକ୍ତରଖାନାର ଉନ୍ନତି ଚାହି

ଆଉ କିଛି ଦିନ ପରେ ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ନିରାଡମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ । ଏହା ଖୁବ୍ ଭଲ କଥା । କିନ୍ତୁ ଏହି ଦୁଇ ବର୍ଷର ପୂର୍ତ୍ତି ଉତ୍ସବ ପାଳନ ପୂର୍ବରୁ ରାଜ୍ୟ ସରକାର ଥାନା ଓ ଡାକ୍ତରଖାନା, ଏ ଦୁଇଟି ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ରାଜ୍ୟ ସରକାର ତାଙ୍କର ଦ୍ୱିବାର୍ଷିକ ସଫଳତା ହାସଲ କରି ପାରିବେ ନାହିଁ ବୋଲି ମନେ ହେଉଛି । ଥାନା ବା ପୋଲିସ ବିଭାଗ ରାଜ୍ୟ ସ୍ୱରାଷ୍ଟ୍ର ବିଭାଗରେ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିଜ ବିଭାଗ ଅଧୀନରେ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଉଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ତାଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ସେସବୁ ସୁଧାରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏପରିକି ଆମ ରାଜ୍ୟରୁ ନକ୍ସଲପନ୍ଥୀ ଓ ଆତଙ୍କବାଦୀମାନଙ୍କୁ ସମୂଳେ ନିଶ୍ଚିହ୍ନ କରିବା କ୍ଷେତ୍ରରେ ମୋହନ ମାଝୀଙ୍କ ସରକାର ସଫଳ ହୋଇ ପାରିଛି । ଅନ୍ୟ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ରହିଛି, ତାହାକୁ ବେସରକାରୀ ସ୍ତରରେ ଅଥଚ ସରକାରଙ୍କ ସହଯୋଗରେ ଅଚିରେ ସମାଧାନ କରାଯାଇ ପାରନ୍ତା । ଅବଶ୍ୟ ସାଇବର ଅପରାଧ ପାଇଁ ସ୍ୱତନ୍ତ୍ର ଭାବେ ନୂତନ ଯୁବକ ଓ ଯୁବତୀଙ୍କୁ ତାଲିମ ଦେଇ ଏହି ଅପରାଧର ନିରାକରଣ ମଧ୍ୟ କରାଯାଇ ପାରନ୍ତା । ଏପରିକି ଅନେକ ଅଭିଜ୍ଞ ଓ ଅବସରପ୍ରାପ୍ତ ପୋଲିସ ଅଫିସରଙ୍କୁ ପୁନଃ ନିଯୁକ୍ତି ଦେଇ ଏହାର ସମାଧାନ ମଧ୍ୟ ଅଚିରେ କରାଯାଇ ପାରନ୍ତା । ବିଭିନ୍ନ ସ୍ଥାନରେ ଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ବା ବିଜେପି କର୍ମକର୍ତ୍ତାଙ୍କ ସହାୟତାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ମଧ୍ୟ ସମ୍ଭାଳି ହୁଅନ୍ତା ।

> **ଅବଶ୍ୟ ସାଇବର ଅପରାଧ ପାଇଁ ସ୍ୱତନ୍ତ୍ର ଭାବେ ନୂତନ ଯୁବକ ଓ ଯୁବତୀଙ୍କୁ ତାଲିମ ଦେଇ ଏହି ଅପରାଧର ନିରାକରଣ ମଧ୍ୟ କରାଯାଇ ପାରନ୍ତା । ଏପରିକି ଅନେକ ଅଭିଜ୍ଞ ଓ ଅବସରପ୍ରାପ୍ତ ପୋଲିସ ଅଫିସରଙ୍କୁ ପୁନଃ ନିଯୁକ୍ତି ଦେଇ ଏହାର ସମାଧାନ ମଧ୍ୟ ଅଚିରେ କରାଯାଇ ପାରନ୍ତା । ବିଭିନ୍ନ ସ୍ଥାନରେ ଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ବା ବିଜେପି କର୍ମକର୍ତ୍ତାଙ୍କ ସହାୟତାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ମଧ୍ୟ ସମ୍ଭାଳି ହୁଅନ୍ତା ।**

ରାଜଧାନୀ ରାସ୍ତାରେ ପାର୍କିଂ କରି ରାସ୍ତା ଅବରୋଧ କରୁଥିବା ଗାଡ଼ିକୁ ଉଠାଇ ନେଲେ କିମ୍ବା ଦୁଇଚକିଆ ଯାନରେ ହେଲମେଟ ଚେକିଂ କରିଦେଲେ, ପୋଲିସର ସଫଳତାକୁ ମାପି ହେବ ନାହିଁ । ପୋଲିସ ଲୋକଙ୍କର ବିଶ୍ୱାସଭାଜନ ହେବା କଥା । ଅସୁବିଧାରେ ପଡ଼ି ଥାନାର ଦ୍ୱାରସ୍ଥ ହେଉଥିବା ଲୋକଙ୍କ ସେବାରେ ପୋଲିସ ସହାନୁଭୂତିଶୀଳ ହେବା ଦରକାର ।

ସେହିପରି ରାଜ୍ୟରେ ସରକାରୀ ଡାକ୍ତରଖାନାଗୁଡ଼ିକ ଦୟନୀୟ ଅବସ୍ଥାରେ ରହିଛି । ରୋଗୀ ସଂଖ୍ୟା ବେଶୀ ଅଥଚ ଡାକ୍ତର ବା ଅନ୍ୟାନ୍ୟ ଆନୁସଙ୍ଗିକ କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ ନାହିଁ । ସେଥିପାଇଁ ପଇସା ଖର୍ଚ୍ଚ କରି ଅଧିକାଂଶ ରୋଗୀ ବେସରକାରୀ ଡାକ୍ତରଖାନା ଆଡ଼କୁ ଧାଉଁଛନ୍ତି । ସେଠାରେ ବି ରୋଗୀଙ୍କ ଅପେକ୍ଷା ସେମାନଙ୍କ ସ୍ୱାସ୍ଥ୍ୟ କାର୍ଡ ପ୍ରତି ଅଧିକ ସହାନୁଭୂତିଶୀଳ ହେଉଥିବା ପରିଲକ୍ଷିତ ହେଉଛି । ଆବଶ୍ୟକ ନ ଥିଲେ ମଧ୍ୟ ଗୁଡ଼ିଏ ଟେଷ୍ଟ ବା ପରୀକ୍ଷା କରି ରୋଗୀମାନଙ୍କୁ ଲୁଟିବା ପରି ପରିସ୍ଥିତି ସୃଷ୍ଟି ହେଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟର ସରକାରୀ ଡାକ୍ତରଖାନା ସବୁର ଉନ୍ନତି ପାଇଁ ଉଦ୍ୟମ କରି ଆସୁଥିଲେ ମଧ୍ୟ ସେ ଦିଗରେ ସମ୍ପୂର୍ଣ୍ଣ ସଫଳତା ଲାଭ କରିଥିବା କୁହାଯାଇ ପାରିବ ନାହିଁ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହଧର୍ମିଣୀ ଜଣେ ଡାକ୍ତରାଣୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ମଧ୍ୟ ଜଣେ ଡାକ୍ତର । ଏବେ କଟକର ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନ ଯିଏ କି ରାଜ୍ୟର ସୁନାମ ଆଣିପାରିଛି ଏବଂ ସେଠି ଚତୁର୍ଥ ଶ୍ରେଣୀର କର୍ମଚାରୀମାନେ ମାସକୁ ମାସ ଦରମା ନ ପାଇ ଧର୍ମଘଟ କରୁଛନ୍ତି । ଫଳରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି । କିଛି କରାଯାଇ ପାରୁ ନାହିଁ । ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ପରି ପଡୋଶୀ ରାଜ୍ୟରୁ ମଧ୍ୟ ରୋଗୀ ଚିକିତ୍ସା ହେବା ଲାଗି ଆଚାର୍ଯ୍ୟ ହରିହର ପ୍ରତିଷ୍ଠାନକୁ ଆସଥାନ୍ତି ।

ଆଉ ଗୋଟିଏ ଘଟଣା ପ୍ରତି ଏଠାରେ ଦୃଷ୍ଟି ଆକର୍ଷଣ କରାଯାଇ ପାରେ । ବାଲେଶ୍ୱର ଜିଲ୍ଲାର ବାଲିଆପାଳଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିସଂଖ୍ୟାନ ବିଭାଗର ଜଣେ କିରାଣୀ ଦିବାକର ପ୍ରଧାନ ଗତ ପ୍ରାୟ ପାଞ୍ଚ ବର୍ଷ ତଳେ ତା ୩୧।୦୫।୨୦୨୧ ମସିହାରୁ ଅବସର ନେଇଥିଲେ ମଧ୍ୟ କୁଆଡେ ଉତ୍କୋଚ ନ ଦେବାରୁ ତାଙ୍କର ଅବସରକାଳୀନ ଜି.ପି.ଏଫ୍ ଓ ଗ୍ରାଚ୍ୟୁଇଟି ଟଙ୍କା ପାଇ ପାରୁ ନାହାନ୍ତି । ଫଳରେ ସେ ଝିଅ ବାହାଘର କରି ପାରୁ ନାହାନ୍ତି । ଏ ବିଷୟରେ ସେ ତାଙ୍କର କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ (ପରିସଂଖ୍ୟାନ ଓ ଜନ୍ମମୃତ୍ୟୁ ପଞ୍ଜୀକରଣ)ଙ୍କୁ ବାରମ୍ବାର ଲେଖି ଜଣାଉଥିଲେ ମଧ୍ୟ ତାଙ୍କର ଲେଖାସବୁକୁ ଚିରି ଦିଆଯାଉଛି । ଜଣେ ସାମ୍ବାଦିକ ଏ ବିଷୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେହି ବିଭାଗ, ଅଟକାଇ ରଖିଥିବା ତାଙ୍କର ପ୍ରୋଭିଜନାଲ ପେନ୍ସନରୁ ମାତ୍ର ଦୁଇ ମାସ ପାଇଁ ମଞ୍ଜୁର କରିଛନ୍ତି, ଯାହା ନିୟମ ବିର୍ହିଭୁତ କାର୍ଯ୍ୟ ବୋଲି ଅଭିଯୋଗ ହେଉଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏପରି ତୋଗଲକୀ ଶାସନକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟି ଦେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିନମ୍ର ନିବେଦନ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସମାଜ ଗଢ଼ିବାରେ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା



ଡକ୍ଟର ସନ୍ତୋଷ କୁମାର ମହାପାତ୍ର

ଶିକ୍ଷା ହେଉଛି ଗୋଟିଏ ଦେଶର ସବୁଠୁ ମୌଳିକ ଓ ଶକ୍ତିଶାଳୀ ସାମାଜିକ ଭିତ୍ତିଭୂମି । ଏହା କେବଳ ପାଠପଢ଼ା, ପରୀକ୍ଷା, ସାର୍ଟିଫିକେଟ୍ କିମ୍ବା ଚାକିରି ପାଇବାର ଉପାୟ ମାତ୍ର ନୁହେଁ ଏହା ମଣିଷର ଚିନ୍ତାଧାରା, ନୀତିବୋଧ, ଦାୟିତ୍ୱବୋଧ ଓ ସାମାଜିକ ସଚେତନତାକୁ ଗଢ଼ି ତୋଳେ । ଯେଉଁ ସମାଜ ଶିକ୍ଷାକୁ ଗୁରୁତ୍ୱ ଦେଇଥାଏ, ସେହି ସମାଜ ଦୀର୍ଘକାଳରେ ନୀତିଶୀଳ, ସ୍ୱାଭିମାନୀ ଓ ସୁସଂଗଠିତ ହୋଇ ଉଠେ । ଯେତେବେଳେ ଶିକ୍ଷା ଭୁଶୁଡ଼ି ପଡ଼େ, ଅନ୍ୟ ସବୁକିଛି ମଧ୍ୟ ସେହିପରି ହୁଏ । ନେଲସନ ମାଣ୍ଡେଲା ଏକଦା କହିଥିଲେ 'ଯଦି ତୁମେ ଏକ ଦେଶକୁ ନଷ୍ଟ କରିବାକୁ ଚାହୁଁଛ, ତା'ର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କର, ତୁମକୁ ଏକ ଜାତିକୁ ନଷ୍ଟ କରିବା ପାଇଁ କ୍ଷେପଣାସ୍ତ୍ର ଆବଶ୍ୟକ ନାହିଁ' । ଏହାର ଅର୍ଥ, ଏକ ଦେଶର ଦୀର୍ଘକାଳୀନ ପ୍ରଗତି ଏବଂ ସ୍ଥିରତା ପାଇଁ ଏକ ଦୃଢ଼ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ । ଏକ ବିଫଳ ଶିକ୍ଷା ବ୍ୟବସ୍ଥା , ଅଯୋଗ୍ୟ ମଣିଷ ସୃଷ୍ଟି କରେ, ଦାରିଦ୍ର୍ୟର ଏକ ଚକ୍ରକୁ ସ୍ଥାୟୀ କରେ, ଏକ ଭୁଲ ରାସ୍ତାରେ ସମାଜକୁ ନେଇଯାଏ । ଅବଶ୍ୟ ଶିକ୍ଷା ବ୍ୟବସ୍ଥା ସମାଲୋଚନାମୂଳକ ଚିନ୍ତାଧାରା, ନବସୃଜନ, ଜିଜ୍ଞାସୁତା ଏବଂ ସମସ୍ୟା ସମାଧାନକୁ ପ୍ରୋତ୍ସାହିତ କରିବା ଉଚିତ, ଯାହା ସବୁ ଏକ ଜାତିର ବିକାଶ ପାଇଁ ଜରୁରୀ, ଯାହା ଏବେ ହେଉନାହିଁ । ଶିକ୍ଷା ଜଣେ ବ୍ୟକ୍ତିକୁ କେବଳ ଚାକିରିଯୋଗ୍ୟ ନୁହେଁ, ବିଭିନ୍ନ ମାଧ୍ୟମରେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ଉଚିତ । କାରଣ ଆର୍ଥିକ ସୁରକ୍ଷା ବିନା ସମାଜରେ ଆତ୍ମ ମର୍ଯ୍ୟାଦା ସହିତ ବଞ୍ଚିବା କଷ୍ଟକର । ଶିକ୍ଷା ମଧ୍ୟ ଜୀବନର କ୍ରୁର ବାସ୍ତବତା ଓ ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହେବାରେ ସହାୟକ ହେବା ଉଚିତ, ଯାହା ହେଉନାହିଁ ।

ଜନ୍ ଡେୱିଙ୍କ (John Dewey –୧୮୫୯–୧୯୫୨) ଆଧୁନିକ ଯୁଗର ଜଣେ ପ୍ରଭାବଶାଳୀ ଆମେରିକୀୟ ଦାର୍ଶନିକ, ମନୋବିଜ୍ଞାନୀ ଓ ଶିକ୍ଷା ସଂସ୍କାରକ ଥିଲେ । ସେ ପାରମ୍ପରିକ ଶିକ୍ଷା ପ୍ରଣାଳୀକୁ ପରିବର୍ତ୍ତନ କରି ପ୍ରଗତିଶୀଳ, ଶିଶୁକେନ୍ଦ୍ରିକ ଓ ଅନୁଭବଭିତ୍ତିକ ଶିକ୍ଷାର ପକ୍ଷରେ ସ୍ୱର ଉଠାଇଥିଲେ । ଡେୱିଙ୍କ ମତରେ, ଶିକ୍ଷା କେବଳ ଜୀବନ ପାଇଁ ପ୍ରସ୍ତୁତି ନୁହେଁ ଶିକ୍ଷା ନିଜେ ହେଉଛି ଜୀବନଛତାଙ୍କ ଶିକ୍ଷା ଦର୍ଶନର ମୂଳ ଭିତ୍ତି ଥିଲା – କାମ କରି କରି ଶିଖିବା (Learning by Doing) । ସେ ମୁଖସ୍ଥ ବିଦ୍ୟା ଓ ନିଷ୍କ୍ରିୟ ଶିକ୍ଷା ପ୍ରଣାଳୀକୁ ବିରୋଧ କରୁଥିଲେ, ଯେଉଁଠାରେ ଛାତ୍ରଛାତ୍ରୀମାନେ କେବଳ ଶିକ୍ଷକଙ୍କ କଥାକୁ ମନେ ରଖନ୍ତି । ତାଙ୍କ ମତରେ, ଶିଶୁମାନେ ପ୍ରୟୋଗ, ଅନୁସନ୍ଧାନ, ଅଭିଜ୍ଞତା ଓ ସକ୍ରିୟ ଭାଗୀଦାରି ମାଧ୍ୟମରେ ଶିଖନ୍ତି । ଶ୍ରେଣୀକକ୍ଷ ଏକ ଛୋଟ ସମାଜ ପରି ହେବା ଉଚିତ, ଯେଉଁଠାରେ ଛାତ୍ରମାନେ ସମସ୍ୟା ସମାଧାନ, ସୃଜନଶୀଳତା, ସହଯୋଗ ଓ ସମାଲୋଚନାତ୍ମକ ଚିନ୍ତାଧାରା ଗଢ଼ି ତୋଳିବେ । ଡେୱି କହିଥିଲେ – ଶିକ୍ଷା ହେଉଛି ଅଭିଜ୍ଞତାର ନିରନ୍ତର ପୁନର୍ଗଠନ । ତାଙ୍କ ମତରେ, ପ୍ରକୃତ ଶିକ୍ଷା ଶ୍ରେଣୀକକ୍ଷର ଜ୍ଞାନକୁ ଜୀବନର ବାସ୍ତବତା ସହିତ ଯୋଡ଼ିଥାଏ । ଛାତ୍ରମାନେ ଯେତେବେଳେ ଜୀବନରେ ଜ୍ଞାନକୁ ପ୍ରୟୋଗ କରନ୍ତି, ସେତେବେଳେ ସେହି ଜ୍ଞାନର ପ୍ରକୃତ ମୂଲ୍ୟ ରହେ । ତାଙ୍କ ଶିକ୍ଷା ଦର୍ଶନର ଆଉ ଏକ ମୁଖ୍ୟ ଦିଗ ହେଉଛି – ଗଣତାନ୍ତ୍ରିକ ଶିକ୍ଷା । ସେ ବିଶ୍ୱାସ କରୁଥିଲେ ଯେ ବିଦ୍ୟାଳୟ ଗଣତନ୍ତ୍ରର ମୂଲ୍ୟବୋଧ – ଚିନ୍ତାର ସ୍ୱାଧୀନତା, ସମାନତା, ସହଯୋଗ ଓ ପରସ୍ପର ସମ୍ମାନକୁ ଗଢ଼ି ତୋଳିବା ଉଚିତ । ଶିକ୍ଷାର ଲକ୍ଷ୍ୟ କେବଳ ଚାକିରି ପାଇଁ ପ୍ରସ୍ତୁତ କରିବା ନୁହେଁ ଏହା ଦାୟିତ୍ୱବାନ ନାଗରିକ ଓ ସାମାଜିକ ସଂସ୍କାରକ ତିଆରି କରିବା ଉଚିତ ।

ଏକ ଦେଶର ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର ହେଉଛନ୍ତି ଶିକ୍ଷୟତ୍ରୀ ଓ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ସରକାର ବା ଶିକ୍ଷାନୁଷ୍ଠାନର ପରିଚାଳକ । ଜଣେ ପିଲାର ଜୀବନରେ ପିତାମାତା ପରେ ଶିକ୍ଷୟତ୍ରୀ ଓ ଶିକ୍ଷକଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକର ଜ୍ଞାନ ପ୍ରଦାନକାରୀ ନୁହେଁ ସେମାନେ ମଣିଷ ଗଢ଼ନ୍ତି, ଚରିତ୍ର ଗଢ଼ନ୍ତି ଓ ଭବିଷ୍ୟତ ପିଢ଼ିକୁ ଦେଶ ଓ ସମାଜ ପାଇଁ ଦାୟିତ୍ୱଶୀଳ ନାଗରିକରେ ପରିଣତ କରନ୍ତି । ଶିଶୁମନ ଯେତେବେଳେ କୋମଳ ଥାଏ, ସେତେବେଳେ ଶିକ୍ଷକଙ୍କ ପ୍ରଭାବ ସବୁଠୁ ଗଭୀର ଓ ଦୂରଗାମୀ ହୁଏ । ଶିଷ୍ଟାଚାର, ସତ୍ୟନିଷ୍ଠା, ସହିଷ୍ଣୁତା, ସହଯୋଗ, ଶ୍ରମର ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱ–ଏହି ସମସ୍ତ ଗୁଣ ଛାତ୍ରୀଛାତ୍ରଙ୍କ ମନରେ ପ୍ରତିଷ୍ଠା କରିବାରେ ଶିକ୍ଷକଙ୍କ ଅବଦାନ ଅମୂଲ୍ୟ । ସେମାନେ ମାର୍ଗଦର୍ଶକ, ଉପଦେଷ୍ଟା ଓ ଆଦର୍ଶ ରୂପେ ଛାତ୍ରଛାତ୍ରୀଙ୍କ ନୀତିଗତ, ବୌଦ୍ଧିକ ଓ ସାମାଜିକ ବିକାଶରେ ଗଭୀର ପ୍ରଭାବ ପକାନ୍ତି । ଡେୱି ଶିକ୍ଷକଙ୍କ ଭୂମିକାକୁ ମଧ୍ୟ ନୂତନ ଭାବେ ବ୍ୟାଖ୍ୟା କରିଥିଲେ । ଶିକ୍ଷକ କେବଳ ଜ୍ଞାନ ଦେବା ଲୋକ ନୁହେଁ ସେ ଜଣେ ମାର୍ଗଦର୍ଶକ, ସହଯୋଗୀ ଓ ପ୍ରେରକ ହେବା ଉଚିତ । ଶିକ୍ଷାର କେନ୍ଦ୍ରବିନ୍ଦୁ ହେବା ଉଚିତ । ଶିଶୁର ଆଗ୍ରହ, ଉତ୍ସୁକତା ଓ ବିକାଶମୂଳକ ଆବଶ୍ୟକତା କଠୋର ପାଠ୍ୟପୁସ୍ତକ ନୁହେଁ । ତେଣୁ ଶିକ୍ଷକଙ୍କୁ ସମ୍ମାନ ଓ ସମର୍ଥନ ଦେବା ମାନେ ସମାଜର ଭବିଷ୍ୟତରେ ନିବେଶ କରିବା ।

କିନ୍ତୁ ଦୁଃଖର କଥା, ଆଜି ଶିକ୍ଷକମାନେ ସେହି ମର୍ଯ୍ୟାଦା ଓ ସମ୍ମାନ ପାଉନାହାନ୍ତି । ଯଦିଓ ସେଥିପାଇଁ ସେମାନେ କିଛିଟା ଦାୟୀ , ବେଶୀ ଆମର ସାମାଜିକ ବ୍ୟବସ୍ଥା , ଶାସନ ପଦ୍ଧତି ଓ ବଜାର ଅର୍ଥନୀତି, ଉପଭୋକ୍ତବାଦ , ମୂଲ୍ୟବୋଧର ଅବକ୍ଷୟ ଦାୟୀ । ଶିକ୍ଷାର ବ୍ୟବସାୟକରଣ, ଘରୋଇକରଣ ସାଙ୍ଗକୁ ଅଭିଭାବକମାନେ ଶିକ୍ଷକମାନଙ୍କୁ ସେତିକି ଗୁରୁତ୍ୱ ନଦେବା , ପିଲାମାନେ ସେତିକି ସମ୍ମାନ ନଦେବା ମଧ୍ୟ ଅନ୍ୟତମ କାରଣ ଅଟେ ।

ଅଭିଭାବକମାନେ ଯେତେବେଳେ ସଫଳତାକୁ କେବଳ ଆର୍ଥିକ ସମୃଦ୍ଧି ସହିତ ଯୋଡ଼ି ଦିଅନ୍ତି, ଛାତ୍ରଛାତ୍ରୀ ମଧ୍ୟ ଶିକ୍ଷାକୁ ଜୀବନ ଗଢ଼ିବାର ଉପକରଣ ପରିବର୍ତ୍ତେ ଏକ ଅର୍ଥ ଅର୍ଜନର ଉପାୟ ଭାବେ ଦେଖନ୍ତି । କିନ୍ତୁ ସମ୍ପ୍ରତି କିଛି ବେସରକାରୀ ସ୍କୁଲରେ ଶିକ୍ଷକଙ୍କୁ କମ୍ ବେତନ ଦେଇ ମଧ୍ୟ ଭଲ ପଢା ହେଉଥିବାର ଉଦାହରଣ ଦିଆଯାଇ ସରକାରୀ ଶିକ୍ଷକଙ୍କୁ ବେତନ କମ୍ ଦେବାପାଇଁ ଅପ ପ୍ରଚାର ଚାଲିଛି । ଏହା କେବଳ ଅନ୍ୟାୟ, ନିନ୍ଦନୀୟ ନୁହେଁ, ମହାନ ଶିକ୍ଷକ ବୃତ୍ତି ପ୍ରତି ଗଭୀର ଅସମ୍ମାନର ପ୍ରତିଫଳନ । ଶିକ୍ଷକଙ୍କୁ କମ୍ ବେତନରେ ନିଯୁକ୍ତ କରିବା, ଅସ୍ଥାୟୀ ରଖିବା କିମ୍ବା ସମାଜରେ ସେମାନଙ୍କ ପ୍ରତି ସମ୍ମାନ କମାଇବା ମାନେ ଦେଶକୁ ଅନ୍ଧକାର ଭିତରକୁ ଠେଲିଦେବା ।

ବେତନ କମ୍ ହୋଇ ମଧ୍ୟ ଭୟ କିମ୍ବା ପ୍ରତିବଦ୍ଧତା ଲୋକଙ୍କୁ ଭଲ କାମ କରାଏ–ଏହି ତର୍କ ଯଦି ସଠିକ୍ ହୁଏ, ତେବେ ଏହା ସମସ୍ତ ବୃତ୍ତି, ଯଥା ପ୍ରଶାସନିକ ସେବା, ଡାକ୍ତରୀ, ଇଞ୍ଜିନିୟରିଂ,ଏପରିକି ବିଧାୟକ ଓ ସାଂସଦଙ୍କ ପାଇଁ ମଧ୍ୟ ଲାଗୁ ହେବା ଉଚିତ । କେବଳ ଶିକ୍ଷକମାନେ ହିଁ କାହିଁକି ଏହି ତର୍କର ଶିକାର ହେବେ? ଜଣେ ସ୍ନାତକ ହୋଇ ଉଚ୍ଚ ପଦାଧିକାରୀ ହୋଇ କାମ ନକରି ଅଧିକ ଦରମା ପାଇବେ, କିନ୍ତୁ ଜଣେ ସେହି ସ୍ନାତକ ହୋଇ ଛୋଟ ପଦବୀରେ ରହି ବହୁତ ନିଷ୍ଠାର ସହିତ କାମ କଲେ କମ୍ ଦରମା ପାଉଛନ୍ତି । ଯଦି ଶିକ୍ଷକମାନଙ୍କୁ କମ୍ ବେତନ ଦିଆଯିବ , ତେବେ ଭଲ ପ୍ରତିଭାଶାଳୀ ଛାତ୍ରୀ ଛାତ୍ର ଶିକ୍ଷକ ହେବାପାଇଁ ଚେଷ୍ଟା କରିବେ ନାହିଁ । ମଣିଷ ଗଢା ବ୍ୟକ୍ତି ଦୁର୍ବଳ ହେଲେ ସାମାଜିକ ବ୍ୟବସ୍ଥା ଆହୁରି ଭୁଷୁଡି ପଡିବ । ବାସ୍ତବତା ହେଉଛି, ବେତନ କାମର ଗୁଣମାନରେ ସିଧାସଳଖ ପରିମାପକ ନୁହେଁ । ବେତନ ଏକ ବୃତ୍ତି ପ୍ରତି ସମାଜର ଆକର୍ଷଣ ସୃଷ୍ଟି କରେ, କିନ୍ତୁ କର୍ତ୍ତବ୍ୟନିଷ୍ଠା ମଣିଷର ନୈତିକ ମୂଲ୍ୟବୋଧ ଉପରେ ନିର୍ଭର କରେ । ଏଣୁ ଶିକ୍ଷକ ସହିତ ସବୁ ବୃତ୍ତିର ଲୋକ ଏପରିକି ପ୍ରଶାସକ, ନେତା, ମନ୍ତ୍ରୀ କିପରି ନିଷ୍ଠାର ସହିତ କାର୍ଯ୍ୟ କରିବେ ସେଥିପାଇଁ ସାଧୁତା, ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯିବା ଉଚିତ । ଆରିଷ୍ଟଟଲରଙ୍କ ଭାଷାରେ–'ମାନସିକ ଶିକ୍ଷା ସହ ନୈତିକ ଓ ଭାବନାତ୍ମକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ' ।

> **ବାସ୍ତବତା ହେଉଛି, ବେତନ କାମର ଗୁଣମାନରେ ସିଧାସଳଖ ପରିମାପକ ନୁହେଁ । ବେତନ ଏକ ବୃତ୍ତି ପ୍ରତି ସମାଜର ଆକର୍ଷଣ ସୃଷ୍ଟି କରେ, କିନ୍ତୁ କର୍ତ୍ତବ୍ୟନିଷ୍ଠା ମଣିଷର ନୈତିକ ମୂଲ୍ୟବୋଧ ଉପରେ ନିର୍ଭର କରେ । ଏଣୁ ଶିକ୍ଷକ ସହିତ ସବୁ ବୃତ୍ତିର ଲୋକ ଏପରିକି ପ୍ରଶାସକ, ନେତା, ମନ୍ତ୍ରୀ କିପରି ନିଷ୍ଠାର ସହିତ କାର୍ଯ୍ୟ କରିବେ ସେଥିପାଇଁ ସାଧୁତା, ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯିବା ଉଚିତ । ଆରିଷ୍ଟଟଲରଙ୍କ ଭାଷାରେ–'ମାନସିକ ଶିକ୍ଷା ସହ ନୈତିକ ଓ ଭାବନାତ୍ମକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ' ।**

ସମୟ ଥିଲା, ଯେତେବେଳେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରୁ ପାଠପଢ଼ି ଅନେକ ପ୍ରତିଭାଶାଳୀ ବୈଜ୍ଞାନିକ, ପ୍ରଶାସକ ଲେଖକ, ଚିକିତ୍ସକ ଓ ଯନ୍ତ୍ରୀ ବୁଦ୍ଧିଜୀବୀ ଉତ୍ପନ୍ନ ହୋଇଥିଲେ । ସର୍ବଭାରତୀୟ ପ୍ରଶାସନିକ ସେବାରେ ମଧ୍ୟ ସଫଳ ହେଉଥିଲେ । ସେତେବେଳେ ଶିକ୍ଷାର ଗୁଣମାନ ଭାଷା ଉପରେ ନୁହେଁ, ଶିକ୍ଷକଙ୍କ ନିଷ୍ଠା ଓ ପାଠଦାନ ପ୍ରଣାଳୀ ଉପରେ ନିର୍ଭର କରୁଥିଲା । କିନ୍ତୁ ଇଂରାଜୀକୁ ସଫଳତାର ପ୍ରତୀକ ଭାବେ ଦେଖିବା ଓ ସମାଜର ପ୍ରଭାବଶାଳୀ ବର୍ଗ ଇଂରାଜୀ ମାଧ୍ୟମରେ ପଢାଇବା ଯୋଗୁଁ, ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଗୁଣାତ୍ମକ ମୂଲ୍ୟ ହ୍ରାସ ପାଇଲା ।

ଏଣୁ ପ୍ରତିଷ୍ଠିତ ଲୋକ ତାଙ୍କ ପିଲାଙ୍କୁ ଆଗ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ପଢାଇଲେ ସବୁ ସମାଧାନ ହୋଇଯିବ । ପୁନଶ୍ଚ ଗତ କିଛି ଦଶକ ଧରି ଭାରତର ଉଚ୍ଚ ଶିକ୍ଷା ବ୍ୟବସ୍ଥାର ବ୍ୟାପକ ବିସ୍ତାର ଘଟିଛି । ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ ଓ ଡାକ୍ତରୀ ସଂସ୍ଥାନର ସଂଖ୍ୟା ବଢ଼ିବା ସହିତ ଉଚ୍ଚ ଶିକ୍ଷାରେ ପ୍ରବେଶର ସୁଯୋଗ ମଧ୍ୟ ବୃଦ୍ଧି ପାଇଛି । କିନ୍ତୁ ଏହି ବିସ୍ତାର ସତ୍ତ୍ୱେ ଶିକ୍ଷାର ସହଜଲଭ୍ୟତା ଆଜି ମଧ୍ୟ ଗଭୀର ଚିନ୍ତାର ବିଷୟ, ବିଶେଷକରି ଡାକ୍ତରୀ ଓ ଇଞ୍ଜିନିୟରିଂ ପରି ପେଶାଗତ ପାଠ୍ୟକ୍ରମରେ । ଆଜୀମ ପ୍ରେମଜୀ ବିଶ୍ୱ ବିଦ୍ୟାଳୟ (Azim Premji University )ଦ୍ୱାରା ପ୍ରକାଶିତ State of Working India ୨୦୨୬ ବା ଭାରତର କାର୍ଯ୍ୟ ପରିସ୍ଥିତିର ଅବସ୍ଥା ୨୦୨୬ ରିପୋର୍ଟ ଅନୁଯାୟୀ ପେଶାଗତ ଶିକ୍ଷାର ଖର୍ଚ୍ଚ ଲଗାତାର ବଢୁଥିବାରୁ ଏହି ଶିକ୍ଷା କ୍ରମେ ସାଧାରଣ ଓ ଆର୍ଥିକ ଭାବେ ଦୁର୍ବଳ ପରିବାରର ପହଞ୍ଚରୁ ବାହାରୁଛି । ସରକାରୀ ଶିକ୍ଷା ସଂସ୍ଥାନଗୁଡ଼ିକରେ ତୁଳନାମୂଳକ ଭାବେ କମ୍ ଶୁଳ୍କ ରହିଥିଲେ ମଧ୍ୟ ସେଠାରେ ଆସନ ସଂଖ୍ୟା ଅତ୍ୟନ୍ତ ସୀମିତ । ଏହାର ପରିଣାମରେ ଅନେକ ଛାତ୍ରଛାତ୍ରୀଙ୍କୁ ବାଧ୍ୟ ହୋଇ ବେସରକାରୀ କଲେଜରେ ଭର୍ତ୍ତି ହେବାକୁ ପଡୁଛି, ଯେଉଁଠାରେ ଶିକ୍ଷା ଫିସ୍ ବା ଶୁଳ୍କ ଆକାଶଛୁଆଁ । ଏହି ପରିସ୍ଥିତି ଧନୀ ଓ ଗରିବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅସମାନତାକୁ ଆହୁରି ଗଭୀର କରୁଛି । ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ପରିବାରର ଛାତ୍ରଛାତ୍ରୀମାନେ ସହଜରେ ଉଚ୍ଚ ଖର୍ଚ୍ଚବହୁଳ ପେଶାଗତ ଶିକ୍ଷା ଗ୍ରହଣ କରିପାରୁଥିବା ବେଳେ, ଅନେକ ମେଧାବୀ ଓ ପ୍ରତିଭାଶାଳୀ ଗରିବ ଛାତ୍ରଛାତ୍ରୀ କେବଳ ଅର୍ଥାଭାବରୁ ନିଜ ସ୍ୱପ୍ନକୁ ତ୍ୟାଗ କରିବାକୁ ବାଧ୍ୟ ହେଉଛନ୍ତି । ଏହା ସ୍ପଷ୍ଟ କରୁଛି ଯେ କେବଳ ଶିକ୍ଷା ସଂସ୍ଥାନର ସଂଖ୍ୟା ବଢ଼ିଲେ ସମାନତା ସ୍ଥାପିତ ହୁଏ ନାହିଁ । ଯେପର୍ଯ୍ୟନ୍ତ ଶିକ୍ଷାକୁ ସହଜଲଭ୍ୟ ଓ ସମସ୍ତଙ୍କ ପାଇଁ ଅର୍ଥନୈତିକ ଭାବେ ସମ୍ଭବ କରାଯିବ ନାହିଁ, ସେପର୍ଯ୍ୟନ୍ତ ଉଚ୍ଚ ଶିକ୍ଷା ସମାଜିକ ପରିବର୍ତ୍ତନ ଓ ସାମାଜିକ ଗତିଶୀଳତାର ଶକ୍ତିଶାଳୀ ମାଧ୍ୟମ ହୋଇପାରିବ ନାହିଁ । ବରଂ ଏହା ଅବସ୍ଥିତ ଆର୍ଥିକ ଓ ସାମାଜିକ ଅସମାନତାକୁ ଆହୁରି ସୁଦୃଢ଼ କରିଦେବ ।

ପୁନଶ୍ଚ ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାରଙ୍କ ଭୂମିକା ।

ନୋବେଲ ବିଜେତା ଅମର୍ତ୍ତ୍ୟ ସେନ ସର୍ବଦା ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିନିଯୋଗ ଏବଂ ମାନବିକ ଉନ୍ନୟନ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । କିନ୍ତୁ ଶିକ୍ଷା କ୍ଷେତ୍ରରେ ସରକାରୀ ବ୍ୟୟ କ୍ରମଶଃ ହ୍ରାସ ପାଇ ଚାଲିଛି । କୋଠାରୀ କମିଶନ୍ ଜିଡିପିର ୬ ପ୍ରତିଶତ ଶିକ୍ଷା ପାଇଁ ବ୍ୟୟ କରିବା ପାଇଁ ସୁପାରିଶ କରିଥିଲେ, କିନ୍ତୁ ତାହାର ଅଧା ବ୍ୟୟ ହେଉନି । ୨୦୨୩ରେ ଶିକ୍ଷାରେ ମୋଟ ଜିଡିପିର ଜାପାନ ୭.୪୩ ପ୍ରତିଶତ , ଆମେରିକା ୬ ପ୍ରତିଶତ, ଚାଇନା ୬.୧୩ ପ୍ରତିଶତ, ଜର୍ମାନୀ ୪.୬ ପ୍ରତିଶତ ବ୍ୟୟ କରିଲାବେଳେ ଭାରତରେ ଏହା ୩ ପ୍ରତିଶତ ପାଖାପାଖି ରହୁଛି । କେନ୍ଦ୍ର ବଜେଟରେ ଶିକ୍ଷା ବାବଦ ବ୍ୟୟ ଯାହା ୨୦୧୧–୧୨ରେ ମୋଟ ବଜେଟର ୫.୦୪ ପ୍ରତିଶତ ଥିଲାବେଳେ ୨୦୨୪–୨୫ ରେ ୨.୫୦ ପ୍ରତିଶତକୁ ହ୍ରାସ ପାଇଛି । ଯଦି ଆମେ ସ୍ୱାଭିମାନୀ ଓ ଦାୟିତ୍ୱଶୀଳ ସମାଜ ଗଢ଼ିବାକୁ ଚାହୁଁଛୁ, ତେବେ ଶିକ୍ଷା ଓ ଶିକ୍ଷକଙ୍କୁ ପୁନଃ ତାହାର ମୂଲ୍ୟ, ମର୍ଯ୍ୟାଦା ଦେବାକୁ ପଡିବ । ଶିକ୍ଷକମାନେ ମଧ୍ୟ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହେବା ଉଚିତ ।

**ସ୍ତମ୍ଭକାର , ଲେଖକ ଓ ଆର୍ଥନୀତିଜ୍ଞ ବିଶ୍ଲେଷକ**
**ମୋ–୯୪୩୭୨୦୮୭୬୨**

# କର୍ମ ହିଁ ଭଗବାନ

ତୃପ୍ତି ପଣ୍ଡା

ଜୀବନ ମରୁ ଛାୟାର ଉତ୍ତୁଙ୍ଗ ମରୁ ପଥଟିଏ । ଚାଲି ଚାଲି ଥକି ପଡ଼ିବାର ଭୟ ଥାଏ, ତଥାପି ଜୀବନ ଚାଲୁଥାଏ ଅବିଶ୍ରାନ୍ତ ଭାବେ । ଆଶା ଅସୁମାରୀ, ଆକାଂକ୍ଷାରହିତ ଅଭିଳାଷ ଏବଂ ମିଛ ଅହମିକା ପୂର୍ଣ୍ଣ ପ୍ରାଚୁର୍ଯ୍ୟ ଆମକୁ ବାଟବଣା କରୁଥାଏ । ଆମେ ବୁଝୁ ବାସ୍ତବତାକୁ ମାତ୍ର ଗ୍ରହଣ କରିପାରୁନା । କାରଣ ଆମେ ରକ୍ତ ମାଂସରେ ଗଢା ମଣିଷ । ସଂସାର, ପରିବେଶ ଓ ପରିସ୍ଥିତିର ଦାସ । ଲୋଭ, ମୋହ, ମାୟାର ବହଳ ଅନ୍ଧାର ଭିତରେ ଅଣନିଃଶ୍ୱାସୀ ଜୀବନ ଗୋଟେ ବିଶ୍ରାମହୀନ ଚଲାପଥ । ଚତୁଃପାର୍ଶ୍ୱରେ ହିଂସା, ଦ୍ୱେଷ, ରାଗ, ଅଭିମାନର ବିରାଟ ପାଚେରି, ଅହେତୁକ ଭୟର ଗୋଟେ ଅଜଣା ବାତାବରଣ । ଶାନ୍ତି, ସ୍ନେହ, ପ୍ରେମ ଓ ଭଲପାଇବା ବିଶେଷ କରି ହଜିଯାଇଛି ମାନବିକତା ଓ ଆତ୍ମୀୟତା । ଦିନକୁ ଦିନ ବୃଦ୍ଧି ପାଉଛି ଅସାମାଜିକତା ଓ ଅସହିଷ୍ଣୁତା ।

ଜନ୍ମରୁ ଆମେ ଜୀବନକୁ ଦେଖୁଁ,ସମୟ ସହ ତାଳ ଦେଇ ପରିସ୍ଥିତି ସହ ସାଲିସ କରି ଚାଲିଥାଉଁ । ଦିନ ଚର୍ଯ୍ୟା,ରାତ୍ର ଚର୍ଯ୍ୟା ଭିତରେ ବୟସ ବଢୁଥାଏ ତା' ବାଟରେ । ଲକ୍ଷ୍ୟ ଅନେକ, ବାଟ ବି ଅନେକ ମାତ୍ର ସ୍ଥିର ମନ ସୁସ୍ଥ ମସ୍ତିଷ୍କ ଆମକୁ ଆଗେଇ ନେଇଥାଏ । ସମୟ ସାଥୀରେ ଥାଏ ଆମେ ବି ସମୟ ସହ ରୀତି– ନୀତି,ଭଲ–ମନ୍ଦ,ଆଚାର–ବିଚାର, ଶିକ୍ଷା –ସଂସ୍କାର ଏବଂ ଧର୍ମ –ଅଧର୍ମର ଅବିଶ୍ରାନ୍ତ ଗୋଟେ ପଥ ଚାଲୁଥାଉଁ, ଯେପରି ଚାଲିବା ଆମର ଧର୍ମ ।

କର୍ମ ହିଁ ଭଗବାନ । ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।' ଅର୍ଥାତ୍ ତୁମେ କର୍ମକୁ ତୁମର ଧର୍ମ ବିଚାରି କରିଚାଲ । ଫଳପ୍ରାପ୍ତି ସ୍ୱରୂପ କର୍ମ କରିବା ଉଚିତ ନୁହେଁ, ତୁମର କର୍ମ ଦେଖି ମୁଁ ଫଳ ନିଶ୍ଚିତ ଦେବି ।

ଗୀତା, ଭାଗବତ, ପୋଥି, ପୁରାଣ ଆମେ ପଢୁଁ ଅଳ୍ପ ବହୁତ ଗ୍ରହଣ ବି କରୁଁ । ମାତ୍ର ଯେହେତୁ ଆମେ ସଂସାରୀ, ମୀନ ଯେପରି ଗଭୀର ଜଳରେ ବୁଡି ରହେ ଆମେ ସେହିପରି ସଂସାର ମଧ୍ୟରେ ବୁଡି ଥାଉ । ସେଥିପାଇଁ କ୍ଷଣ କ୍ଷଣକେ ଆମର ଲକ୍ଷ୍ୟ ଚ୍ୟୁତି ହେବା ସ୍ୱାଭାବିକ । ତଥାପି ଚାଲନ୍ତୁ ଭଗବତ୍ ବିଶ୍ୱାସୀ, ହେବା କେବଳ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ କିଛି କର୍ମ କରିଯିବା ଏବଂ ଜଗତର ମଙ୍ଗଳ କରିବା ।

**ସମ୍ପାଦିକା ବିଶ୍ୱନୟନ ଓ ବିଶ୍ୱେଶ୍ୱରୀ**
**ଗୁଣ୍ଡିଚା ବିହାର, ପୁରୀ–୨**
**ମୋ–୭୦୦୮୯୨୪୫୪୩**

# ସମ୍ପାଦକଙ୍କୁ ପତ୍ର

## ପ୍ରାଥମିକ ବିଦ୍ୟାଳୟମାନଙ୍କର ଦୟନୀୟ ଅବସ୍ଥା

ମହାଶୟ,

ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ ଖବର ଅତ୍ୟନ୍ତ ଚିନ୍ତାଜନକ । ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମ ସ୍କୁଲରେ ବାସି ପଖାଳ ସହ ଆଳୁ ଓ ଆମ୍ବଚଟଣି ଖାଇ ୧୪୬ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି ।

ଗଜପତି ଜିଲ୍ଲା ନୂଆଗଡ ବ୍ଲକ୍‌ର ଏକ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ୍ ଫାଟକର ପିଲାର୍ ଭୁଷୁଡ଼ି ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ । ଯାଜପୁର ଜିଲ୍ଲା କାଳିଆପାଣି ଅଞ୍ଚଳର ଏକ ସ୍କୁଲରେ ପ୍ରଧାନ ଶିକ୍ଷକ କେତେକ ଛାତ୍ରଙ୍କ ପ୍ୟାଣ୍ଟ ଖୋଲି ବିଛୁଆତି ପୂରାଇ ଦେବାରୁ ପିଲାମାନେ ଯନ୍ତ୍ରଣାରେ କାତର ।

ଅବଶ୍ୟ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ 'ସସ୍‌ପେଣ୍ଡ' କରାଯାଇଛି । ଗଜପତି ଜିଲ୍ଲାର ଉକ୍ତ ସ୍କୁଲର ମୃତ ଦୁଇ ଛାତ୍ରଙ୍କ ପରିବାର ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ, ସନ୍ତାନ–ହରା ମାଆଙ୍କ ଦୁଃଖ କେବେ ବି ଦୂର କରିପାରିବ ନାହିଁ ।

ସସପେଣ୍ଡ ସମସ୍ୟାର ସମାଧାନ ନୁହେଁ । ଜନ ଆକ୍ରୋଶରୁ ବର୍ତ୍ତିବା ପାଇଁ ଏହା ଏକ ତାତ୍କାଳିକ ସମାଧାନ ମାତ୍ର । ଏସବୁ ପରିଚାଳନାଗତ ତ୍ରୁଟି । କେବଳ ପ୍ରଧାନ ଶିକ୍ଷକ ନୁହଁନ୍ତି, ସମ୍ପୃକ୍ତ ବିଇଓ ଓ ଡିଇଓମାନଙ୍କୁ ମଧ୍ୟ ଅବହେଳା ଲାଗି ଉତ୍ତରଦାୟୀ କରାଯାଉ । ପ୍ରାଥମିକ ଶିକ୍ଷା ହେଉଛି ବ୍ୟବସ୍ଥାର ମୂଳଭିତ୍ତି । ଦୁର୍ବଳ ପ୍ରାଥମିକ ଶିକ୍ଷା ସାମଗ୍ରିକ ଭାବେ ଏକ ଦୁର୍ବଳ ଶିକ୍ଷା ବ୍ୟବସ୍ଥାର ଆଧାରଶିଳା ଯାହା ପରୋକ୍ଷରେ ରାଷ୍ଟ୍ରର ପ୍ରଭୂତ କ୍ଷତି ପହଞ୍ଚାଇଥାଏ । ଶିକ୍ଷାଦାନ ଶିକ୍ଷକଙ୍କର ଏକମାତ୍ର କାମ । ସେମାନଙ୍କୁ ମଧ୍ୟାହ୍ନ ଭୋଜନ ପରିଚାଳନା, ପୁସ୍ତକ ଓ ପୋଷାକ ବଣ୍ଟନ, ଭୋଟର ତାଲିକା ସଂଶୋଧନ ଭଳି ଅଣ–ଶିକ୍ଷାଗତ କାର୍ଯ୍ୟରେ ନିୟୋଜିତ କରା ନ ଯାଉ । ଏଥିପାଇଁ ସରକାର ବିକଳ୍ପ ବ୍ୟବସ୍ଥା କରନ୍ତୁ । ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡ଼ିକ ଶୀଘ୍ର ପୂରଣ ହେଉ । ରାଜ୍ୟର ବିଭିନ୍ନ ସ୍କୁଲରେ ଘଟିଥିବା ଅଘଟଣର ଯେପରି ପୁନରାବୃତ୍ତି ନ ଘଟେ, ତାହାର ବ୍ୟବସ୍ଥା କରାଯାଉ ।

**ପ୍ରତାପ ନାୟକ**
**ଏମ୍ ଆଇ ଜି–୭୫, କେ୯ଏକଲିଙ୍ଗ ବିହାର**
**ଭୁବନେଶ୍ୱର –୧୯**
**ମୋ–୭୭୫୦୮୫୨୮୧୯**

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ–ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମେରିକା ସିନେଟ୍‌ରେ ଯୁଦ୍ଧ ବନ୍ଦ ପ୍ରସ୍ତାବକୁ ଅନୁମୋଦନ

**ୱାଶିଂଟନ:** ଆମେରିକା ସିନେଟ୍ରେ ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମରିକ ଶକ୍ତି ସୀମିତ କରିବାର ପ୍ରସ୍ତାବ ପାରିତ ହୋଇଯାଇଛି। ଭୋଟରେ ବିରୋଧୀ ଡେମୋକ୍ରାଟଙ୍କ ସହ ଚାରି ଜଣ ରିପବ୍ଲିକାନ ସାଂସଦ ସାମିଲ ହୋଇଥିଲେ। ତଥାପି ତିନି ଜଣ ରିପବ୍ଲିକାନ ସାଂସଦ ଭୋଟ ଦେବାରୁ ବିରତ ରହିଥିଲେ। ପ୍ରସ୍ତାବଟି ୫୦-୪୭ ଭୋଟରେ ଗୃହୀତ ହୋଇଛି, ଯଦିଓ ଏହାକୁ ଆଇନରେ ପରିଣତ ହେବା ପୂର୍ବରୁ ଆହୁରି ଅନେକ ପଦକ୍ଷେପ ଦେଇ ଯିବାକୁ ପଡିବ। ଏହା ଆଇନରେ ପରିଣତ ହୁଏ, ତେବେ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବା ପାଇଁ ଟ୍ରମ୍ପ ପ୍ରଶାସନକୁ କଂଗ୍ରେସ (ଆମେରିକା ସଂସଦ)ର ଅନୁମୋଦନ ଆବଶ୍ୟକ ହେବ। ବିଲ୍ ଉପରେ ଏକ ଚୂଡ଼ାନ୍ତ ଭୋଟ୍ ଏବେବି ସିନେଟରେ ବିଚାରାଧୀନ ଅଛି। ଏହା ପରେ ଏହାକୁ ରିପବ୍ଲିକାନ୍-ବହୁଳ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଦ୍ୱାରା ଅନୁମୋଦନ କରିବାକୁ ପଡିବ। ତଥାପି ଏହା ପରେ ମଧ୍ୟ ଟ୍ରମ୍ପ ଏହାକୁ ଭିଟୋ ଦେଇପାରିବେ। ସେହି ଭିଟୋକୁ



ଖାରଜ କରିବା ପାଇଁ ସିନେଟ୍ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଉଭୟରେ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ ହେବ, ଯାହାକୁ ବର୍ତ୍ତମାନ କଷ୍ଟକର ବୋଲି ବିବେଚନା କରାଯାଉଛି। ଏହି ଭୋଟକୁ ବିରୋଧୀଙ୍କ ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି। ବିରୋଧୀ ଯୁକ୍ତି ଦେଇଛନ୍ତି ଯେ, ଆମେରିକାରେ ଯୁଦ୍ଧ ଆରମ୍ଭ କରିବା କିମ୍ବା ସେନା ପଠାଇବାର କ୍ଷମତା ରାଷ୍ଟ୍ରପତିଙ୍କ ପାଖରେ ନୁହେଁ, କଂଗ୍ରେସ ପାଖରେ ରହିବା ଉଚିତ। ଆମେରିକା ସମ୍ବିଧାନ ଏହି ସମାନ ବ୍ୟବସ୍ଥା ପ୍ରଦାନ କରେ। ଏହି ପ୍ରସ୍ତାବ ଭର୍ଜିନିଆ ଡେମୋକ୍ରାଟିକ୍ ସିନେଟର ଟିମ୍ କେନ୍ଙ୍କ ଦ୍ୱାରା ଆଗତ କରାଯାଇଥିଲା। ବିତର୍କ ସମୟରେ କେନ୍ କହିଥିଲେ ଯେ ଯୁଦ୍ଧବିରତି ନେଇ ଆଲୋଚନା ଚାଲିଥିବା ବେଳେ, ଟ୍ରମ୍ପ କଂଗ୍ରେସ ସମ୍ମୁଖରେ ହାଜର ହୋଇ ତାଙ୍କର ରଣନୀତି ବ୍ୟାଖ୍ୟା କରିବା ଉଚିତ। କେନ୍ କହିଛନ୍ତି ଯେ କେବଳ ରାଷ୍ଟ୍ରପତି ନୁହେଁ, କଂଗ୍ରେସ ପାଖରେ ଯୁଦ୍ଧ ଆରମ୍ଭ କରିବାର ଅଧିକାର ଅଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ, ଟ୍ରମ୍ପ ଆମେରିକାର ସୁରକ୍ଷା ପାଇଁ ତାଙ୍କ କ୍ଷମତା ମଧ୍ୟରେ କାର୍ଯ୍ୟ କରିଛନ୍ତି। ଆମେରିକା ଆଇନ ଅନୁଯାୟୀ, ଜଣେ ରାଷ୍ଟ୍ରପତି କଂଗ୍ରେସ ଅନୁମୋଦନ ବିନା କେବଳ ୬୦ ଦିନ ପାଇଁ ସାମରିକ ଅଭିଯାନ ଆରମ୍ଭ କରିପାରିବେ। ଏହାପରେ ତାଙ୍କୁ ଯୁଦ୍ଧ ସମାପ୍ତ କରିବାକୁ ପଡିବ, କଂଗ୍ରେସ ଅନୁମୋଦନ ନେବାକୁ ପଡିବ, କିମ୍ବା ସୈନ୍ୟମାନଙ୍କର ସୁରକ୍ଷିତ ପ୍ରତ୍ୟାହାର ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ୩୦ ଦିନ ମାଗିବାକୁ ପଡିବ।

## ସେପ୍ଟେମ୍ବରରେ ବ୍ରିକ୍ସ ସମ୍ମିଳନୀ

# ଭାରତ ଆସିବେ ପୁଟିନ ଓ ଜିନପିଙ୍ଗ

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସାରା ବିଶ୍ୱ ପ୍ରଭାବିତ ହୋଇଥିବାବେଳେ ଭାରତରେ ବିଶ୍ୱର ନେତାଙ୍କ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଦିଲ୍ଲୀର ଭାରତ ମଣ୍ଡପମଠାରେ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ବିଶ୍ୱର ଅନେକ ପ୍ରମୁଖ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରମୁଖ ନେତାଙ୍କ ମଧ୍ୟରେ ଅଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍ପିଙ୍ଗ୍। ଦକ୍ଷିଣ ଆଫ୍ରିକାରେ ଥିବା ରୁଷ ଦୂତାବାସ ପକ୍ଷରୁ ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀରେ ପୁଟିନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯାଇଛି। ରୁଷର ସମାଚାର ଏଜେନ୍ସି ଟାସର ଏକ ରିପୋର୍ଟ ଅନୁଯାୟୀ, ରୁଷ ଅଧିକାରୀମାନେ ମଧ୍ୟ ଏହା ନିଶ୍ଚିତ କରିଛନ୍ତି। ଡିସେମ୍ବର ୨୦୨୫ରେ ଭାରତ-ରୁଷ୍ ବାର୍ଷିକ ସମ୍ମିଳନୀ ପାଇଁ ପୁଟିନ ଭାରତ ଗସ୍ତ କରିଥିଲେ ଓ ଏକ ବର୍ଷ ମଧ୍ୟରେ ପୁଟିନଙ୍କର ଏହା ଦ୍ୱିତୀୟ ଭାରତ ଗସ୍ତ ହେବାକୁ ଯାଉଛି। ପଶ୍ଚିମ ଦେଶଗୁଡ଼ିକ ପକ୍ଷରୁ ରୁଷ ଉପରେ ଜାରି ରହିଥିବା ଆର୍ଥିକ କଟକଣା ଓ ବାସନ୍ଦ ନୀତି ମଧ୍ୟରେ ପୁଟିନଙ୍କର ଏହି ଭାରତ ଗସ୍ତ ବିଶ୍ୱ କୂଟନୀତିରେ ମସ୍କୋର ସାମରିକ ଓ ରଣନୈତିକ ଆଭିମୁଖ୍ୟକୁ ଅଧିକ



ଦୃଢ଼ କରୁଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଜିନ୍ପିଙ୍ଗଙ୍କ ସମ୍ଭାବ୍ୟ ଯୋଗଦାନ ସମ୍ପର୍କରେ ବୁଧବାର ଇଣ୍ଡିଆନ୍ ଏକ୍ସପ୍ରେସ୍ ରିପୋର୍ଟରେ ପ୍ରକାଶ କରିଛି। ବ୍ରିକ୍ସ ସମ୍ମିଳନୀରେ ଜିନ୍ପିଙ୍ଗଙ୍କ ଯୋଗଦାନ ସବୁଠାରୁ ପ୍ରତୀକ୍ଷିତ ଗସ୍ତ। ୨୦୧୯ ପରେ ଏହା ଜିନ୍ପିଙ୍ଗଙ୍କ ଦ୍ୱିତୀୟ ଭାରତ ଗସ୍ତ ହେବ। ତାମିଲନାଡୁର ମାମଲାପୁରମ୍ଠାରେ ଜିନ୍ପିଙ୍ଗ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଥିଲେ। ତେବେ ଜୁନ୍ ୨୦୨୦ରେ ଗାଲୱାନ୍ ଉପତ୍ୟକା ସଂଘର୍ଷ ଓ ଡିସେମ୍ବର ୨୦୨୨ରେ ଉତ୍ତେଜନାପୂର୍ଣ୍ଣ ତୱାଙ୍ଗ ସୀମା ଗତିରୋଧ ଚୀନ୍-ଭାରତ ସମ୍ପର୍କକୁ ପ୍ରଭାବିତ କରିଥିଲା।

# ଭାରତ ଆସିବେ ଆମେରିକା ବୈଦେଶିକ ମନ୍ତ୍ରୀ

**ୱାଶିଂଟନ:** ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ମେ' ୨୩ ରୁ ୨୬ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିବେ। ଏହି ଗସ୍ତରେ କ୍ୱାଡ୍, ପ୍ରତିରକ୍ଷା, ବାଣିଜ୍ୟ ଏବଂ ରଣନୈତିକ ସୁରକ୍ଷା ସହିତ ଜଡିତ ପ୍ରମୁଖ ପ୍ରସଙ୍ଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ଆମେରିକା ସଚିବ ରୁବିଓ ମେ' ୨୩ ତାରିଖରୁ ଭାରତକୁ ଚାରି ଦିନିଆ ସରକାରୀ ଗସ୍ତ ଆରମ୍ଭ କରିବେ। ୱାସିଂଟନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ରୁବିଓ ପ୍ରଥମେ ସ୍ୱିଡେନ ଗସ୍ତ କରିବେ ଏବଂ ତା'ପରେ ଭାରତ ଆସିବେ। ଏହା ମାର୍କୋ ରୁବିଓଙ୍କର ଭାରତକୁ ପ୍ରଥମ ସରକାରୀ ଗସ୍ତ, ଏବଂ ଦୁଇ ଦେଶ ମଧ୍ୟରେ ଯଥେଷ୍ଟ ଉତ୍ସାହ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ଗସ୍ତ ସମୟରେ, କ୍ୱାଡ୍ ଆଲାଏନ୍ସ ଏବଂ ଆଞ୍ଚଳିକ ସୁରକ୍ଷା ୱାସିଂଟନ ଏବଂ ନୂଆଦିଲ୍ଲୀ ମଧ୍ୟରେ ଆଲୋଚନାର ପ୍ରମୁଖ ବିଷୟ ହେବ। ଭାରତର ବିଭିନ୍ନ ସହର ପରିଦର୍ଶନ କରିବେ ରୁବିଓ ମେ' ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ତାଙ୍କର ଚାରି ଦିନିଆ ଗସ୍ତ ସମୟରେ ଭାରତର ବିଭିନ୍ନ ସହର ପରିଦର୍ଶନ କରିବେ। ତାଙ୍କ ଗସ୍ତ ସମୟରେ ସେ କୋଲକାତା, ଆଗ୍ରା, ଜୟପୁର ଏବଂ ରାଜଧାନୀ ନୂଆଦିଲ୍ଲୀକୁ ଗୁରୁତ୍ୱପୂର୍ଣ୍ଣ ଗସ୍ତ କରିବେ। ଏହି ଯାତ୍ରା ମାଧ୍ୟମରେ ଆମେରିକା ଏବଂ ଭାରତ ସେମାନଙ୍କର ବଢୁଥିବା କୂଟନୈତିକ ଏବଂ ରଣନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ପ୍ରସ୍ତୁତି କରୁଛନ୍ତି। ଦୁଇ ଦେଶ ମଧ୍ୟପ୍ରାଚ୍ୟରେ ଚୀନର ପ୍ରଭାବ ଏବଂ ଚ୍ୟାଲେଞ୍ଜ ବିଷୟରେ ମଧ୍ୟ ଗମ୍ଭୀରତାର ସହିତ ଆଲୋଚନା କରିବେ। ଭାରତରେ ପହଞ୍ଚିବା ପୂର୍ବରୁ, ରୁବିଓ ମେ' ୨୨ ତାରିଖରେ ସ୍ୱିଡେନର ହେଲସିଙ୍ଗବୋର୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ନାଟୋ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଅଂଶଗ୍ରହଣ କରିବେ। ସେଠାରେ ସେ ଆର୍କଟିକ ସାତ ଦେଶର ତାଙ୍କ ପ୍ରତିପକ୍ଷଙ୍କ ସହ ସାକ୍ଷାତ କରିବେ ଏବଂ ସହଭାଗୀ ଅର୍ଥନୈତିକ ଏବଂ ସୁରକ୍ଷା ସ୍ୱାର୍ଥର ବିଷୟଗୁଡ଼ିକ ଉପରେ ଗଭୀର ଆଲୋଚନା କରିବେ।

# ଚନ୍ଦ୍ରଯାନ-୩ ମିଶନରୁ ଆସୁଛି ନୂଆ ନୂଆ ତଥ୍ୟ

**ବେଙ୍ଗାଲୁରୁ:** ଭାରତର ସଫଳ ଚନ୍ଦ୍ରଯାନ-୩ ମିଶନ ଏହାର ଅଭିଯାନ ଶେଷ କରିବାର ଦୀର୍ଘ ସମୟ ପରେ ମଧ୍ୟ ବିଶ୍ୱ ମହାକାଶ ବିଜ୍ଞାନ ଜଗତକୁ ଚକିତ କଲାଭଳି ନୂଆ ନୂଆ ତଥ୍ୟ ପ୍ରଦାନ କରିବାରେ ଲାଗିଛି। ମିଶନର ଶେଷ ସମୟରେ ବିକ୍ରମ ଲାଣ୍ଡର ଦ୍ୱାରା କରାଯାଇଥିବା ଏକ ଅପରିକଳ୍ପିତ "ହପ୍ ଏକ୍ସପେରିମେଣ୍ଟ" ବର୍ତ୍ତମାନ ଚନ୍ଦ୍ରର ଦକ୍ଷିଣ ମେରୁର ଭୂତତ୍ତ୍ୱକୁ ବୁଝିବାରେ ଏକ ବଡ଼ ସଫଳତା ଆଣିଦେଇଛି। ଏହି ନୂତନ ଆବିଷ୍କାର ଆମେରିକାର ମହାକାଶ ସଂସ୍ଥା "ନାସା" କୁ ତା'ର ଆଗାମୀ "ଆର୍ଟେମିସ୍ ମିଶନ" ଜରିଆରେ ଚନ୍ଦ୍ରପୃଷ୍ଠରେ ଏକ ସ୍ଥାୟୀ ବେସ୍ ସ୍ଥାପନ କରିବା ଦିଗରେ ବେଶ୍ ସହାୟକ ହେବ। ତେବେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ପରୀକ୍ଷଣର ପ୍ରଭାବ ଆହୁରି ଗଭୀର ସାବ୍ୟସ୍ତ ହୋଇଛି। ବିକ୍ରମ ଲାଣ୍ଡରର ରକେଟ୍ ପ୍ରେରଣ ଯୋଗୁଁ ଚନ୍ଦ୍ରପୃଷ୍ଠର ଉପରିଭାଗରେ ଥିବା ପ୍ରାୟ ୩ ସେଣ୍ଟିମିଟର ମୋଟାର କୋମଳ ଓ ଛିଦ୍ରଯୁକ୍ତ ମାଟିର ଆସ୍ତରଣ ଉଡ଼ିଯାଇଥିଲା। ଏହାଫଳରେ ଲାଣ୍ଡରରେ ଥିବା "ଚାଷ୍ଟେ" ପେଲୋଡ୍ ପ୍ରଥମ ଥର ପାଇଁ ଚନ୍ଦ୍ରର ଭିତର ସ୍ତରର ମାଟିକୁ ସିଧାସଳଖ



ଅନୁଧ୍ୟାନ କରିବାର ସୁଯୋଗ ପାଇଥିଲା। ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ଚନ୍ଦ୍ରର ଦକ୍ଷିଣ ମେରୁର ମାଟି ସମାନ ନୁହେଁ, ବରଂ ଏହା ଏକ କେକ୍ ଭଳି ସ୍ତରୀୟ ଢାଞ୍ଚାରେ ରହିଛି। ଉପରିଭାଗ ଅତି କୋମଳ ହୋଇଥିବା ବେଳେ ମାତ୍ର କିଛି ସେଣ୍ଟିମିଟର ତଳେ ଥିବା ମାଟି ଅତ୍ୟନ୍ତ ଶକ୍ତ ଓ ଏହାର ତାପଜ ଓ ଯାନ୍ତ୍ରିକ ଗୁଣ ସମ୍ପୂର୍ଣ୍ଣ ଭିନ୍ନ। ଅତି କମ୍ ଦୂରତା ମଧ୍ୟରେ ମାଟିର ଏଭଳି ଦ୍ରୁତ ପରିବର୍ତ୍ତନ ବୈଜ୍ଞାନିକମାନଙ୍କୁ ଚକିତ କରିଛି। ଏହା ସହିତ ଚନ୍ଦ୍ରରେ ସୂର୍ଯ୍ୟାସ୍ତ ସମୟରେ ଏହି ମାଟି କିଭଳି ଧୀରେ ଧୀରେ ଶୀତଳ ହୁଏ ଏବଂ ବିକିରଣ ଛାଡ଼େ, ତାହା ମଧ୍ୟ ଏହି ମିଶନ ରିଅଲ-ଟାଇମରେ ରେକର୍ଡ କରିବାରେ ସଫଳ ହୋଇଛି।

# ଜାପାନରେ ଶକ୍ତିଶାଳୀ ଭୂମିକମ୍ପ

**ଟୋକିଓ:** ବୁଧବାର ଦିନ ଦକ୍ଷିଣ ଜାପାନରେ ୫.୯ ତୀବ୍ରତାଯୁକ୍ତ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। କାଗୋସିମା ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଫଳରେ ଅଞ୍ଚଳର ଅନେକ କୋଠା ଥରି ଉଠିଥିଲା, ଯାହା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଲୋକେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ଜାପାନ ପାଣିପାଗ ସଂସ୍ଥା (ଜେଏମ୍ଏ) ଅନୁଯାୟୀ, ଓକିନାୱାର ମୁଖ୍ୟ ଦ୍ୱୀପ ନିକଟରେ ଏହି ଶକ୍ତିଶାଳୀ ଭୂମିକମ୍ପ ଆସିଥିଲା। କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ କୌଣସି ସୁନାମି ବିପଦ ନାହିଁ। ବୁଧବାର ସକାଳେ ପୂର୍ବ ଚୀନ୍ ସାଗରରେ ମଧ୍ୟ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୬.୦ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ଜାପାନର ଦକ୍ଷିଣ ଦ୍ୱୀପପୁଞ୍ଜ କାଗୋସିମା ଏବଂ ଓକିନାୱା ନିକଟରେ ଥିବାରୁ, ଆଖପାଖ ଉପକୂଳରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ସମୟରେ, ବୁଧବାର ସକାଳେ ଭାରତ ମହାସାଗରରେ ଏକ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୪ ଥିଲା। ଭାରତୀୟ ମାନକ ସମୟ (ଆଇଏସ୍ଟି) ଅନୁସାରେ ସକାଳ ପ୍ରାୟ ସାଢ଼େ ୭ଟାରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହା ପୂର୍ବରୁ ସୋମବାର ପ୍ରତ୍ୟୁଷରେ ଦକ୍ଷିଣ ଚୀନ୍ର ଗୁଆଙ୍ଗସି ଅଞ୍ଚଳରେ ୫.୨ ତୀବ୍ରତାର ଭୂମିକମ୍ପ ହୋଇଥିଲା, ଯେଉଁଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୪ ଜଣ ଆହତ ହୋଇଥିଲେ। ଅନେକ କୋଠା ଭୁଶୁଡ଼ି ପଡ଼ିଥିଲା ଏବଂ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା।

# ଅସ୍ତ୍ର ଛାଡ଼ି ପାରନ୍ତି ୨୫ ମାଓବାଦୀ !

**ଚାଇବସା:** ଝାଡ଼ଖଣ୍ଡରୁ ଲାଲଆତଙ୍କର ସମ୍ପୂର୍ଣ୍ଣ ଲୋପ ପାଇଁ ଝାଡ଼ଖଣ୍ଡ ପୁଲିସ ଓ ସୁରକ୍ଷାବାହିନୀ ପକ୍ଷରୁ ସରଣ୍ଡା ଜଙ୍ଗଲକୁ କଡ଼ା ଘେରାବନ୍ଦୀ କରାଯାଇଛି। ଝାଡ଼ଖଣ୍ଡର ଚାଇବାସା ଜିଲ୍ଲାକୁ ଛାଡ଼ି ବାକି ପ୍ରାୟ ସମସ୍ତ ଜିଲ୍ଲାକୁ ମାଓମୁକ୍ତ ଘୋଷଣା କରାଯାଇଛି। ବର୍ତ୍ତମାନ ସରଣ୍ଡା ଜଙ୍ଗଲରେ ଲୁଚିଥିବା ଅବଶିଷ୍ଟ ମାଓବାଦୀଙ୍କ ବିରୋଧରେ ଶେଷ ପର୍ଯ୍ୟାୟର ଅଭିଯାନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁଲିସ ଓ ସୁରକ୍ଷାବାହିନୀ ଚାରିପଟୁ ଘେରାବନ୍ଦୀ କରିବା ପରେ ବହୁ ସଂଖ୍ୟାରେ ମାଓବାଦୀ ଆତ୍ମସମର୍ପଣ ପାଇଁ ପ୍ରସ୍ତୁତ ହୋଇଛନ୍ତି। ପ୍ରାୟ ୨୫ ଜଣ ମାଓବାଦୀ ଗୁରୁବାର ଝାଡ଼ଖଣ୍ଡ ରାଞ୍ଚି ସ୍ଥିତ ପୁଲିସ ମୁଖ୍ୟାଳୟରେ ପହଞ୍ଚି ସୁରକ୍ଷାବାହିନୀ ସମ୍ମୁଖରେ ଅସ୍ତ୍ର ତ୍ୟାଗ କରିବେ ବୋଲି ଜଣାପଡ଼ିଛି। ଝାଡ଼ଖଣ୍ଡର ଆଇଜି ଅପରେସନ ନରେନ୍ଦ୍ର ସିଂହ କହିଛନ୍ତି ଯେ, ଝାଡ଼ଖଣ୍ଡ ପୁଲିସ ଓ ସୁରକ୍ଷାବାହିନୀ ମିଶି ମାଓବାଦ ଉପରେ ଅନ୍ତିମ ଟାର୍ଗେଟ ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରିଛନ୍ତି। ସେ କହିଛନ୍ତି ଯେ, ଝାଡ଼ଖଣ୍ଡର ପ୍ରାୟ ସମସ୍ତ ଜିଲ୍ଲାରେ ମାଓବାଦୀ ଆତ୍ମସମର୍ପଣ କରିସାରିଛନ୍ତି କିମ୍ବା ଏନକାଉଣ୍ଟରରେ ନିହତ ହୋଇଛନ୍ତି। ମାତ୍ର ସରଣ୍ଡାରେ ଲୁଚି ରହିଥିବା ଅବଶିଷ୍ଟ ମାଓବାଦୀମାନଙ୍କୁ ମଧ୍ୟ ଆତ୍ମସମର୍ପଣ ପାଇଁ ଆହ୍ୱାନ କରାଯାଇଛି। ନଚେତ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସତର୍କ କରିଛନ୍ତି। ମାଓ ବିରୋଧୀ ଅଭିଯାନ ସମ୍ପର୍କରେ ଆଇଜି ଅପରେସନ କହିଛନ୍ତି ଯେ, ସରଣ୍ଡା ଜଙ୍ଗଲରେ ଲଗାତାର ସ୍କ୍ରିନିଂ ଓ ସର୍ଚ୍ଚ ଅପରେସନ ଚାଲିଛି। ଗତ ମଙ୍ଗଳବାର ସୋନୁଆ ଥାନା ଅଞ୍ଚଳରେ ସୁରକ୍ଷାବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏଥିରେ ନକ୍ସଲମାନେ କିଛି ସାମଗ୍ରୀ ଛାଡ଼ି ଜଙ୍ଗଲକୁ ପଳାଇଯାଇଥିଲେ। କିଛି ମାଓବାଦୀ ଗୁଳିବିଦ୍ଧ ହୋଇଥିବା ମଧ୍ୟ ସୂଚନା ମିଳିଛି। ସରଣ୍ଡା ଜଙ୍ଗଲକୁ ବର୍ତ୍ତମାନ କୋବ୍ରା ବାଟାଲିଅନ, ଝାଡ଼ଖଣ୍ଡ ଜାଗୁଆର ଓ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ଚାରିଦିଗରୁ ଘେରାଯାଇଛି। ଏପରି ସ୍ଥିତିରେ ଅବଶିଷ୍ଟ ମାଓବାଦୀଙ୍କ ପାଇଁ ଆଉ ଖସିଯିବାର କୌଣସି ବାଟ ନଥିବା କହାଯାଉଛି।



# ଟିଏମସି ସାଂସଦ କାକଲି ଘୋଷଙ୍କୁ ୱାଇ ବର୍ଗର ସୁରକ୍ଷା

**ନୂଆଦିଲ୍ଲୀ:** ତୃଣମୂଳ କଂଗ୍ରେସ (ଟିଏମ୍ସି) ସାଂସଦ କାକଲି ଘୋଷ ଦସ୍ତିଦାରଙ୍କୁ ମେ ୧୯ ତାରିଖରୁ କେନ୍ଦ୍ର ସରକାର ସଶସ୍ତ୍ର 'ୱାଇ' ବର୍ଗର ସିଆଇଏସ୍ଏଫ୍ ସୁରକ୍ଷା ଯୋଗାଇ ଦେଇଛନ୍ତି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଟିଏମ୍ସି ସାଂସଦଙ୍କ ପ୍ରତି ସମ୍ଭାବ୍ୟ ବିପଦର ମୂଲ୍ୟାଙ୍କନ କରିବା ପରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା। ଯାତ୍ରା ଓ ସର୍ବସାଧାରଣ କାର୍ଯ୍ୟକ୍ରମ ସମୟରେ ସାଂସଦଙ୍କୁ ସଶସ୍ତ୍ର କର୍ମଚାରୀମାନେ ସୁରକ୍ଷା ଦେବେ। ତୃଣମୂଳ କଂଗ୍ରେସର ସଂସଦୀୟ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ମଧ୍ୟରେ ଏହି ପଦକ୍ଷେପ ରାଜନୈତିକ ଦୃଷ୍ଟି ଆକର୍ଷଣ କରିଛି। ନିକଟରେ ଦଳର ସୁପ୍ରିମୋ ମମତା ବାନାର୍ଜୀ ଲୋକସଭାରେ ଦଳର ମୁଖ୍ୟ ସଚେତକ ଭାବରେ କାକଲି ଘୋଷ ଦସ୍ତିଦାରଙ୍କ ସ୍ଥାନରେ ବରିଷ୍ଠ ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ନିଯୁକ୍ତ କରିଛନ୍ତି। ସଂସଦର ଆଗାମୀ ଅଧିବେଶନରେ ଆଶା କରାଯାଉଥିବା ପ୍ରମୁଖ ରାଜନୈତିକ ମୁହାଁମୁହିଁ ହେବା ପୂର୍ବରୁ ସଂସଦୀୟ ପରିଚାଳନାକୁ ମଜବୁତ କରିବା ପାଇଁ ଦଳର ପ୍ରୟାସର ଏକ ଅଂଶ ଭାବରେ ଏହି ଅଦଳବଦଳକୁ ଦେଖାଯାଉଛି। ଲୋକସଭାରେ ଆକ୍ରମଣାତ୍ମକ ଭାଷଣ ଦେବା ପାଇଁ ଜଣାଶୁଣା କଲ୍ୟାଣ ବାନାର୍ଜୀ ପୂର୍ବରୁ ମଧ୍ୟ ଦଳର ମୁଖ୍ୟ ସଚେତକ ଭାବରେ କାର୍ଯ୍ୟ



କରିଥିଲେ। ନିକଟରେ ଦସ୍ତିଦାର ତାଙ୍କର ଦୀର୍ଘ ରାଜନୈତିକ ଯାତ୍ରା ଏବଂ ଦଳ ପ୍ରତି ପ୍ରତିବଦ୍ଧତା ବିଷୟରେ ଏକ ସୋସିଆଲ ମିଡିଆ ବାର୍ତ୍ତା ସେୟାର କରିବା ପରେ ଏହି ଘଟଣାକ୍ରମ ପଶ୍ଚିମବଙ୍ଗର ରାଜନୈତିକ ମହଲରେ କଳ୍ପନାଜଳ୍ପନାକୁ ଇନ୍ଧନ ଦେଇଛି।

# ଜୁନରେ ଫ୍ରାନ୍ସରେ ଜି-୭ ସମ୍ମିଳନୀ: ମୋଦୀ- ଟ୍ରମ୍ପ ସାକ୍ଷାତ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ସର୍ବଦା ଚର୍ଚ୍ଚାରେ ରହିଥାଏ। ଗତବର୍ଷ ଫେବ୍ରୁଆରିରେ ହ୍ୱାଇଟ୍ ହାଉସରେ ଦୁଇ ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ସାକ୍ଷାତ ଆଲୋଚନା ପରଠାରୁ ଦୁଇ ରାଷ୍ଟ୍ରମୁଖ୍ୟ କୌଣସି ବିଶ୍ୱସ୍ତରୀୟ ସମ୍ମିଳନୀରେ ପରସ୍ପରକୁ ଭେଟିପାରି ନାହାନ୍ତି। ତେବେ ଆସନ୍ତା ଜୁନ୍ ମାସରେ ଫ୍ରାନ୍ସରେ ହେବାକୁ ଥିବା ଜି୭ ସମ୍ମିଳନୀରେ ମୋଦୀ ଓ ଟ୍ରମ୍ପ ପରସ୍ପରକୁ ଭେଟି ପାରନ୍ତି। ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ଶୈଳୀ ଦୃଷ୍ଟିକୋଣରୁ ଜି-୭ ସମ୍ମିଳନୀ ବୈଠକ ଅବସରରେ ମୋଦୀ-ଟ୍ରମ୍ପଙ୍କ ମଧ୍ୟରେ ସ୍ୱତନ୍ତ୍ର ବୈଠକକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। କିନ୍ତୁ ଏହି ବୈଠକ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କ୍ଷେତ୍ରରେ ଦେଖାଦେଇଥିବା ବିବାଦର ସମାଧାନ କରିପାରିବ କି? ଭାରତ ଜି୭ର ସ୍ଥାୟୀ ସଦସ୍ୟ ନୁହେଁ, କିନ୍ତୁ ଏହା ନିୟମିତ ଭାବରେ ଏକ ବିଶେଷ ନିମନ୍ତ୍ରିତ ସଦସ୍ୟ ଭାବରେ ବାର୍ଷିକ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିଆସୁଛି। ଚଳିତ ବର୍ଷ



ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜୁନ୍ ୧୫-୧୭ ରେ ଏଭିଆନ୍-ଲେସ୍-ବେନ୍ସରେ ଅନୁଷ୍ଠିତ ହେବାକୁ ଥିବା ଜି୭ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ କରିଥିଲେ। ଟ୍ରମ୍ପ ରାଷ୍ଟ୍ରପତି ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ କରିବା ପରେ ୨୦୨୫ ଫେବ୍ରୁଆରିରେ ମୋଦୀ ହ୍ୱାଇଟ ହାଉସ ଯିବାରେ ପ୍ରଥମ କେତେକ ବିଶ୍ୱ ନେତାଙ୍କ ମଧ୍ୟରୁ ଜଣେ ଥିଲେ। ତେବେ ଶୁଳ୍କ ଉତ୍ତେଜନାର ପୃଷ୍ଠଭୂମିରେ ଅନୁଷ୍ଠିତ ଏହି ହାଇପ୍ରୋଫାଇଲ୍ ବୈଠକରେ, ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉତ୍ତମ ବନ୍ଧୁ ବୋଲି କହିଥିଲେ ଓ ଉଭୟ ୨୦୩୦ ସୁଦ୍ଧା ଆମେରିକା-ଭାରତ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ଦ୍ୱିଗୁଣିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମେ'ରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଓ ଅପରେସନ ସିନ୍ଦୂର ପରେ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ଆଶାରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିବା ନେଇ ବାରମ୍ବାର ଦାବି କରିଥିଲେ। ଭାରତ ସରକାର କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପକୁ ଖଣ୍ଡନ କରିଥିଲେ। ଆମେରିକା ଭାରତ ଉପରେ ଚାପ ପକାଇବାକୁ ଶୁଳ୍କ ବୃଦ୍ଧି କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ନିରବତା ବଜାୟ ରଖିଥିଲେ ଓ ଟ୍ରମ୍ପଙ୍କ ଧମକ ଆଗରେ ନଇଁ ନଥିଲେ। ଟ୍ରମ୍ପଙ୍କ ସହିତ ସାକ୍ଷାତ ନକରିବାକୁ ମୋଦୀ ଶାର୍ମ ଏଲ୍-ଶେଖରେ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଓ କ୍ୱାଲାଲମ୍ପୁରରେ ଆସିଆନ୍ ଶିଖର ସମ୍ମିଳନୀକୁ ମଧ୍ୟ ଏଡ଼ାଇ ଯାଇଥିଲେ।

# ଜୋହାନ୍ସବର୍ଗରେ ଅଦିନିଆ ରଥଯାତ୍ରା ନେଇ ଅସନ୍ତୋଷ

**ଜୋହାନ୍ସବର୍ଗ:** ଦକ୍ଷିଣ ଆଫ୍ରିକାର ଜୋହାନେସବର୍ଗ ସ୍ୟାଣ୍ଡଟନ୍ ଇସ୍କନ୍ ପକ୍ଷରୁ ଦୁଇ ଦିନ ଧରି ଆଦିନିଆ ରଥଯାତ୍ରା ପାଳନ କରାଯାଇଥିଲା। ୧୫ ଏବଂ ୧୬ ମଇ ତାରିଖରେ ଆୟୋଜିତ ଏହି ରଥଯାତ୍ରାକୁ ନେଇ ଜୋହାନେସବର୍ଗର ଓଡ଼ିଆ ସମାଜ ନିଜର ଭାବନା ପ୍ରକାଶ କରିଥିଲେ। ଏହାସହିତ, ଗତ ୧୦ ମଇ ତାରିଖରେ ମଧ୍ୟ ସ୍ନାନଯାତ୍ରା ପାଳନ କରାଯାଇଥିବାକୁ ନେଇ ଓଡ଼ିଆ ସମୁଦାୟ ନିଜର ମତ ପ୍ରକାଶ କରିଥିଲେ। ଏହି ଅବସରରେ ଓଡ଼ିଆ ସମୁଦାୟର ପ୍ରତିନିଧିମାନେ ଇସ୍କନ୍ର ସଦସ୍ୟମାନଙ୍କ ସହିତ ସାକ୍ଷାତ କରି ନିଜର ଅନୁଭୂତି ଓ ଭାବନା ବ୍ୟକ୍ତ କରିଥିଲେ। ସେମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓଡ଼ିଆ ଲୋକଙ୍କ ଆସ୍ଥା, ପରମ୍ପରା ଓ ଭାବନା ସହ ଗଭୀର ଭାବରେ ଜଡିତ। ତେଣୁ ପାରମ୍ପରିକ ତିଥି ବ୍ୟତୀତ ଅନ୍ୟ ଦିନରେ ଆଡିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ପାଳନ କରାଯିବାକୁ ନେଇ ସେମାନେ ଦୁଃଖ ପ୍ରକାଶ କରିଥିଲେ।

# ଆନାଡିଏମକେ ବିଦ୍ରୋହୀ ବିଧାୟକ ନିରାଶ, ମନ୍ତ୍ରୀ ପଦ ମନା

**ଚେନ୍ନାଇ:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ୍ ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗମ୍ (ଟିଭିକେ) ନିଜ କ୍ୟାବିନେଟ୍ରେ ଏଆଇଏଡିଏମ୍କେର ବିଦ୍ରୋହୀ ବିଧାୟକଙ୍କୁ ସାମିଲ କରିବ ନାହିଁ। ଭିସିକେ ଓ ବାମ ଦଳ ପରି ସହଯୋଗୀ ଦଳମାନଙ୍କ ବିରୋଧ ପରେ ଟିଭିକେ ଏହି ନିଷ୍ପତ୍ତି ନେଇଛି। ବିଜୟଙ୍କ ଆସ୍ଥା ଭୋଟରେ ଏଆଇଏଡିଏମ୍କେର ୨୫ ବିଧାୟକ ପାର୍ଟିଲାଇନ୍ ବାହାରକୁ ଯାଇ ବିଜୟଙ୍କୁ ସମର୍ଥନ କରିଥିଲେ। ଆଗାମୀ କ୍ୟାବିନେଟ୍ ବିସ୍ତାର ସମୟରେ ଟିଭିକେ ନେତୃତ୍ୱାଧୀନ ସରକାରଙ୍କୁ ସମର୍ଥନ କରୁଥିବା ଏଆଇଏଡିଏମ୍କେ ବିଧାୟକଙ୍କ ଏକ ଅଂଶକୁ ମନ୍ତ୍ରୀ ପଦ ଦିଆଯାଇପାରେ ବୋଲି କଳ୍ପନାଜଳ୍ପନା ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଭିସିକେ ମୁଖ୍ୟ ଥୋଲ୍ ଥିରୁମାଭାଲାଭନ୍ କହିଛନ୍ତି ଯେ, ତାଙ୍କ ଦଳ ପୂର୍ବରୁ ଟିଭିକେକୁ ନିଜର ମତ ଜଣାଇସାରିଛି ଓ ଚେତାବନୀ ଦେଇଛନ୍ତି ଯେ ବିଦ୍ରୋହୀ ଏଆଇଏଡିଏମ୍କ ବିଧାୟକମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ପାଇଁ ଯେକୌଣସି ପଦକ୍ଷେପ ସହଯୋଗୀମାନଙ୍କୁ ସେମାନଙ୍କର ସମର୍ଥନର ପୁନର୍ବିଚାର କରିବାକୁ ବାଧ୍ୟ କରିପାରେ। ତେବେ ଏଆଇଏଡିଏମକେ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବ ନାହିଁ ବୋଲି ଟିକିକେ ପକ୍ଷରୁ ଆଶ୍ୱାସନା ଦିଆଯାଇଥିବା ଭିସିକେ କହିଛି। ସୂତ୍ର ଅନୁଯାୟୀ ସିପିଆଇ (ଏମ୍) ମଧ୍ୟ ସମାନ ପ୍ରକାର ଦାବି ରଖିଥିଲା। ମୁଖ୍ୟମନ୍ତ୍ରୀ ବିଜୟ ମନ୍ତ୍ରିମଣ୍ଡଳ ବିସ୍ତାର ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏହି ପ୍ରତିଶ୍ରୁତି ଆସିଛି। କ୍ୟାବିନେଟ୍ରେ କଂଗ୍ରେସକୁ ଦୁଇଟି ମନ୍ତ୍ରିପଦ ମିଳିବାର ସମ୍ଭାବନା ରହିଛି। ଟିଭିକେ ସାଧାରଣ ସମ୍ପାଦକ ଆଧବ ଅର୍ଜୁନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଖୁବ୍ ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଘୋଷଣା କରିବେ ଓ ଦଳ ସହଯୋଗୀମାନଙ୍କ ସହିତ କ୍ଷମତା ବାଣ୍ଟିବା ପାଇଁ ଖୋଲା ରହିଛି। ସୂତ୍ର ଅନୁଯାୟୀ, କ୍ୟାବିନେଟ୍ରେ ପ୍ରାୟ ୩୪ ସଦସ୍ୟଙ୍କୁ ସାମିଲ କରାଯାଇପାରେ। ଟିଭିକେ ମେଣ୍ଟ ପ୍ରତିଶ୍ରୁତି ଓ ଜାତି-ଆଞ୍ଚଳିକ ସମୀକରଣକୁ ସନ୍ତୁଳିତ କରିବା ସହିତ ଅଧିକାଂଶ ପ୍ରମୁଖ ବିଭାଗ ବଜାୟ ରଖିବ ବୋଲି ଆଶା କରାଯାଉଛି।



# ହାଇଦ୍ରାବାଦରେ ଖୋଲିଲା ପ୍ରଥମ ଏଆଇ-ପ୍ରସ୍ତୁତ କ୍ଲାଉଡ୍ ସେଣ୍ଟର

**ମୁମ୍ବାଇ:** ଭାରତୀୟ ଏଆଇ-ପ୍ରସ୍ତୁତ କ୍ଲାଉଡ୍ ସେବା ପ୍ରଦାନକାରୀ ଭାରତକ୍ଲାଉଡ, ସିଟିଆରଏଲଏସ ଡାଟାସେଣ୍ଟର ହାଇଦ୍ରାବାଦ ଡ଼ିସିଂ ସୁବିଧାରେ ତାଙ୍କର ପ୍ରଥମ କ୍ଲାଉଡ୍ ସେଣ୍ଟରର ଶୁଭାରମ୍ଭ କରିଛି। ଏହା ଭାରତର ସ୍ୱାଧୀନ ଏବଂ ଏଆଇ-ପ୍ରସ୍ତୁତ ଡିଜିଟାଲ୍ ଭିତ୍ତିଭୂମି ପରିବେଶକୁ ଶକ୍ତିଶାଳୀ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କ୍ଲାଉଡ୍ ସେଣ୍ଟରଟି ସିଟିଆରଏଲଏସ ଡାଟାସେଣ୍ଟରର ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଧର ପିନ୍ନାପୁରେଡ଼ିଙ୍କ ଦ୍ୱାରା ଔପଚାରିକ ଭାବେ ଶୁଭାରମ୍ଭ ହୋଇଛି। ଭାରତକ୍ଲାଉଡର ଉ"ାଟନକୁ ଅଭିନନ୍ଦନ ଜଣାଇ ଶ୍ରୀଧର ପିନ୍ନାପୁରେଡ଼ି କହିଛନ୍ତିଯେ, ଭାରତର ଏଆଇ ଏବଂ ଡିଜିଟାଲ୍ ବିକାଶ ଯାତ୍ରା ପାଇଁ ବ୍ୟାପକ ରୂପେ ଦୃଢ, ସୁରକ୍ଷିତ ଏବଂ ସ୍ୱାଧୀନ ଡିଜିଟାଲ୍ ଭିତ୍ତିଭୂମି ଆବଶ୍ୟକ। ସିଟିଆରଏଲଏସରେ ଆମେ ସ୍ୱାଧୀନ ଏଆଇ-ପ୍ରସ୍ତୁତ ଡାଟାସେଣ୍ଟର ଏବଂ ବିଶ୍ୱସନୀୟ ଭିତ୍ତିଭୂମି ପରିବେଶ ମାଧ୍ୟମରେ ଏହି ପରିବର୍ତ୍ତନକୁ ସକ୍ଷମ କରିବାରେ କେନ୍ଦ୍ରିତ। ଭାରତକ୍ଲାଉଡର ସହ-ପ୍ରତିଷ୍ଠାତା, ରାହୁଲ TMଲ୍ଲାପଲ୍ଲି ଓ ପଦ୍ମା ରେଡ଼ି ସାମା କହିଛନ୍ତିଯେ ଶ୍ରୀଧରଜୀଙ୍କ ଉନ୍ନତ ଦୃଷ୍ଟିକୋଣ ଏବଂ ସିଟିଆରଏଲଏସର ବିଶ୍ୱସ୍ତରୀୟ ଡିଜିଟାଲ୍ ଭିତ୍ତିଭୂମି କ୍ଷମତା ଭାରତର ସବୁଠାରୁ ବିଶ୍ୱସନୀୟ ଏଆଇ-ପ୍ରସ୍ତୁତ ସ୍ୱାଧୀନ କ୍ଲାଉଡ୍ ଇକୋସିଷ୍ଟମ୍ ଗଠନ କରିବାରେ ଆମ ପାଇଁ ସେମାନଙ୍କୁ ଏକ ଆଦର୍ଶ ସହଯୋଗୀ କରିପାରିଛି। କରୁଛି।

## ଆଜିର ମ୍ୟାଚ

- ଗୁଜରାଟ-ଚେନ୍ନାଇ
- ସ୍ଥାନ- ଅହମ୍ମଦାବାଦ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୧୮ |
| ଗୁଜରାଟ | ୧୩ | ୮ | ୫ | ୧୬ |
| ହାଇଦ୍ରାବାଦ | ୧୩ | ୮ | ୫ | ୧୬ |
| ରାଜସ୍ଥାନ | ୧୩ | ୭ | ୬ | ୧୪ |
| ପଞ୍ଜାବ | ୧୩ | ୬ | ୬ | ୧୩ |
| ଚେନ୍ନାଇ | ୧୩ | ୬ | ୭ | ୧୨ |
| ଦିଲ୍ଲୀ | ୧୩ | ୬ | ୭ | ୧୨ |
| କୋଲକାତା | ୧୨ | ୫ | ୬ | ୧୧ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଲକ୍ଷ୍ନୌ | ୧୩ | ୪ | ୯ | ୮ |

## ଆଇପିଏଲ ମହାସମର

# ପ୍ଲେ ଅଫ୍ସ ଆଶାରେ କୋଲକାତା

କୋଲକାତା,୨୦।୫(ଏଜେନ୍ସି): ଚଳିତ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ଷଷ୍ଠ ବିଜୟ ହାସଲ କରିଛି । ଦଳ ୧୩ ମ୍ୟାଚରୁ ୬ ବିଜୟ ସହ ୧୩ ପଏଣ୍ଟ ହାସଲ କରି ଟେବୁଲର ଷଷ୍ଠ ସ୍ଥାନକୁ ଉଠିଛି । ତଥାପି କୋଲକାତାର ପ୍ଲେ ଅଫ୍ ଆଶା ଅଳ୍ପ ରହିଛି । କାରଣ ଯଦି ରାଜସ୍ଥାନ ଓ ପଞ୍ଜାବ ସେମାନଙ୍କର ଶେଷ ମ୍ୟାଚରେ ପରାଜିତ ହୁଅନ୍ତି ତଥା କୋଲକାତା ଶେଷ ମ୍ୟାଚରେ ବିଜୟୀ ହୁଏ ତେବେ ଚତୁର୍ଥ ଦଳ ଭାବେ ପ୍ଲେ ଅଫ୍ସ ଯୋଗ୍ୟତା ଅର୍ଜନ କରିବ । ବୁଧବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ୪ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାଜିତ କରିଛି । ମୁମ୍ବାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା । ଜବାବରେ କୋଲକାତା ନାଇଟ ରାଇଡର୍ସ ୧୮.୫ ଓଭରରେ ୬ ୱିକେଟ୍ ହରାଇ ୧୪୮ ରନ କରିଥିଲା ।

ଐତିହାସିକ ଇଡେନ ଗାର୍ଡେନରେ ଅଧିନାୟକ ଆଜିଙ୍କ ରାହାଣେ ଟସ ଜିତି ମୁମ୍ବାଇ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ରିଆନ ରିକେଲଟନଙ୍କ ସହ ରୋହିତ ଶର୍ମା ପାଳି ଆରମ୍ଭ କରିଥିଲେ । କୋଲକାତାର ଏପରି ସ୍ଥାଣୀତ ଥିଲା ଯେ, ରିଆନ ରିକେଲଟନ, ନମନଧୀର ଓ ରୋହିତ ପାଭିଲିୟନ୍ ଫେରିଯାଇଥିଲେ । ପରେ ପରେ ସୂର୍ଯ୍ୟ କୁମାର ଯାଦବ ଆଉଟ୍ ହେବାରୁ ୪୧ ରନ୍ ମଧ୍ୟରେ ୪ ୱିକେଟ୍ ହରାଇ ମୁମ୍ବାଇ ବ୍ୟାକଫୁଟ୍‌କୁ ଚାଲିଯାଇଥିଲା । ରିକେଲଟନ ୬, ରୋହିତ ଶର୍ମା ଦୁଇଟି ଛକା ସହ ୧୫, ନମନ ଧୀର ୦ ଏବଂ ସୂର୍ଯ୍ୟ କୁମାର ଯାଦବ ୬ ବଲରୁ ୧୫ ରନ୍ କରି ଆଉଟ୍ ହୋଇଥିଲେ । ମ୍ୟାଚର ନବମ ଓଭରରେ ବର୍ଷା ହେବାରୁ ପାଖାପାଖି ଏକ ଘଣ୍ଟା ଧରି ଖେଳ ବନ୍ଦ ରହିଥିଲା । ଓଦା ଆଉଟଫିଲ୍ଡ ସାଙ୍ଗକୁ ବଲର ଧିର ମନ୍ଥର ଗତି ବ୍ୟାଟରଙ୍କୁ ଅଡୁଆରେ ପକାଇଥିଲା । ତେଣୁ ତିଲକ ବର୍ମା ୩୨ ବଲର ସମ୍ମୁଖୀନ ହୋଇ ମଧ୍ୟ କେବଳ ୨୦ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଅଧିନାୟକ ହାର୍ଦ୍ଦିକ



ପାଣ୍ଡ୍ୟା ୨୭ଟି ବଲରୁ ୨ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୨୬ ରନ୍ କରିଥିଲେ । ୱିଲ ଜ୍ୟାକ୍ସ ୭ ବଲରୁ ୧୪ ଓ ଦୀପକ ଚହର ୧୦ ରନ୍ କରି ଆଉଟ ହୋଇଥିଲେ । କୋରବିନ ବୋଷ୍ଟ ଅପରାଜିତ ୩୨ ରନ କରିବାରୁ ଦଳୀୟ ସ୍କୋର ୧୪୭ରେ ପହଞ୍ଚିଯାଇଥିଲା । ବୋଲିଂରେ କେକେଆରର ସୌରଭ ଦୁବେ, କାମେରନ ଗ୍ରୀନ ଓ କାର୍ତ୍ତିକ ତ୍ୟାଗୀ ପ୍ରତ୍ୟେକ ସୁନୀଲ ନାରିନଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା ।

ଜବାବରେ କୋଲକାତା ନାଇଟ ରାଇଡର୍ସ ୧୪୮ ରନର ବିଜୟଲକ୍ଷ୍ୟକୁ ପିଛା କରି ୯ ଓଭର ସୁଧା ୩ ୱିକେଟ ହରାଇ ୭୩ ରନ୍ କରିଥିଲା । ଦଳ ୫୪ ରନରେ କାମେରନ ଗ୍ରୀନଙ୍କ ୱିକେଟ୍ ହରାଇଥିଲା । ଅଧିନାୟକ ଆଜିଙ୍କ୍ୟ ରାହାଣେ ୨୧ ରନ, ଫିନ ଆଲିନ ୮ ଏବଂ କାମେରନ ଗ୍ରୀନ୍ ୪ ରନ୍ କରି ଶୀଘ୍ର ପାଭିଲିୟନ ଫେରିଯାଇଥିଲେ । କିନ୍ତୁ ମନୀଷ ପାଣ୍ଡେ ୧୭ ବଲରୁ ୨୨ ରନ ଓ ରୋଭୋମ୍ୟାନ ପାୱେଲ ୧୪ ରନ୍ କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ । ମନୀଶ ୪୫ ରନ କରି ଅଳ୍ପକରୁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିବା ବେଳେ ପାୱେଲ ୩୦ ବଲରୁ ୪୦ ରନର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ରିଙ୍କୁ ସିଂ ଚୌକା ମାରି ମ୍ୟାଚ ଶେଷ କରିଥିଲେ । ସେ ୫ ବଲରୁ ଅପରାଜିତ ୯ ରନ୍ କରିଥିଲେ । ତେଜସଭି ଦାହିୟା ୧୧ ତଥା ଅନୁକୁଲ ରୟ ୪ ରନ କରିଥିଲେ । ବୋଲିଂରେ ମୁମ୍ବାଇର କୌରବିନ ବୋଷ୍ଟଙ୍କୁ ୩ ୱିକେଟ୍ ସଫଳତା ମିଳିଥିଲା ।

# ଷଷ୍ଠ ବିଶ୍ୱକପ ଖେଳିବେ ରୋନାଲ୍ଡୋ



ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ବିଶ୍ୱର ଖ୍ୟାତନାମା ଫୁଟବଲ କିମ୍ବଦନ୍ତୀ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ କ୍ୟାରିୟରର ଷଷ୍ଠ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି । ଫିଫା ବିଶ୍ୱକପ ୨୦୨୬ ପାଇଁ ପର୍ତ୍ତୁଗାଲ ଦଳ ଘୋଷଣା ହୋଇଛି । ଦଳର ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ପ୍ରଥମ ଖେଳାଳି ଭାବେ କୀର୍ତ୍ତିମାନ ରଚିବାକୁ ଯାଉଛନ୍ତି । ଗ୍ରୁପ କେ'ରେ ପର୍ତ୍ତୁଗାଲ ସ୍ଥାନ ପାଇଛି । ଏହି ଗ୍ରୁପରେ ଡିଆର କଙ୍ଗୋ, କଲମ୍ବିଆ ଓ ଉଜ୍‌ବେକିସ୍ତାନ ରହିଛନ୍ତି । ଆର୍ଜେଣ୍ଟିନାର ଲିଓନେଲ ମେସି ଓ ମେକ୍ସିକୋର ଗୋଲକିପର ଗୁଇଲେମା ଓଚୋୟୋ ମଧ୍ୟ ଷଷ୍ଠ ବିଶ୍ୱକପ୍ ଖେଳିବେ । ଆର୍ଜେଣ୍ଟିନା ଓ ମେକ୍ସିକୋ ଦଳ ଘୋଷଣା ହୋଇନାହିଁ । ମେସି ଓ ଗୁଲେମା ନିଜେ ନିଜେ ଦଳରେ ସ୍ଥାନ ପାଇଲେ ରୋନାଲ୍ଡୋଙ୍କ ସମକକ୍ଷ ହେବେ । ପର୍ତ୍ତୁଗାଲ ଦଳ ବିଶ୍ୱକପ ପୂର୍ବରୁ ଚିଲି ଓ ନାଇଜେରିଆ ସହ ୱାର୍ମ ଅପ୍ ମ୍ୟାଚ ଖେଳିବ ।

**ପର୍ତ୍ତୁଗାଲ ଦଳ:** (ଗୋଲ୍‌କିପର)- ଡିଏଗୋ କୋଷ୍ଟା, ଜୋସ ଶାହା, ରୁଇ ସିଲଭା, ରିକାର୍ଡ ଭେଲହେ । ଡିଫେଣ୍ଡର୍ସ- ଡିଏଗୋ ଡାଲର୍ଟ, ମାଥ୍ୟୁସ ନୁନେସ, ନେଲସନ ସିମେଡୋ, ଜୋଆଓ କାନସେଲୋ, ନୁନୋ ମେଣ୍ଡିସ୍, ଗୋନୋକାଲୋ ଇନାସିଓ, ରେନାଟୋ ଭିଗା, ରୁବେନ ଦିଆସ, ଟୋମାସ ଆର୍ଜୋସ । ମିଡ୍‌ଫିଲ୍ଡର୍ସ- ରିବେନ ନେଭେସ, ଜୋଆଓ ନେଭେସ, ଭିଟିନ ହା, ବ୍ରୁନୋ ଫର୍ଣ୍ଣାଣ୍ଡିଜ୍, ବେନାର୍ଡୋ ସିଲ୍‌ଭା, ଜାଓ ଫେଲିକ୍ସ, ଫ୍ୟାନସିସକୋ ତ୍ରିନକାଓ, ସାମୁ କୋଷ୍ଟା । ଫରୱାର୍ଡସ- ପେଡ୍ରୋ ନେଟୋ, ରାଫାଏଲ ଲିଓ, ଗୋନୋକାଲୋ ଗୁଡେସ, ଗୋନୋକାଲୋ ରାମୋସ, କ୍ରିଷ୍ଟିଆନୋ ରୋନାଲ୍ଡୋ ।

# ସାମିଙ୍କୁ ମୁକ୍ତ କଲେ କୋର୍ଟ

କୋଲକାତା,୨୦।୫(ଏଜେନ୍ସି): ଭାରତୀୟ କ୍ରିକେଟର ମହମ୍ମଦ ସାମିଙ୍କୁ ଚେକ ବାଉନ୍ସ ମାମଲାରେ ଅଲିପୁର କୋର୍ଟ ମୁକ୍ତ କରିଛନ୍ତି । ତାଙ୍କ ଠାରୁ ଅଲଗା ରହୁଥିବା ପତ୍ନୀ ହସିନ ଜାହାନ ଅଭିଯୋଗ କରିଥିଲେ ଯେ, ସାମିଙ୍କ ଦ୍ୱାରା ଘରୋଇ ଖର୍ଚ୍ଚ ଦିଆଯାଇଥିବା ୧ ଲକ୍ଷ ଟଙ୍କାର ବାଉନ୍ସ ହୋଇଛି । ଏହି ମାମଲା ଦୀର୍ଘ ୪ ବର୍ଷ ଧରି ବିଚାରଧିନ ଥିଲା । ବୁଧବାର ଅଲିପୁର କୋର୍ଟ ରାୟ ଶୁଣାଣି ସାମିଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଛନ୍ତି । ଜଷ୍ଟିସ ଅଜୟ କୁମାର ମୁଖାର୍ଜୀ କହିଛନ୍ତି ନଂ.୧ ଆବେଦନକାରୀ ହସିନ ଜାହାନଙ୍କୁ ପ୍ରତିମାସରେ ମିଳୁଥିବା ଦେଢ଼ ଲକ୍ଷ ଏବଂ ତାଙ୍କ ଝିଅକୁ ମିଳୁଥିବା ଦେଢ଼ ଲକ୍ଷ ଟଙ୍କାର ରାଶି ମାମଲାର ସମାଧାନ ହେଲା ପର୍ଯ୍ୟନ୍ତ ବିତ୍ତୀୟ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଉଚିତ ହେବ । ଆଦେଶରେ ଆହୁରି କୁହାଯାଇଛି, ଯଦି ମହମ୍ମଦ ସାମି ଚାହିଁବେ ତେବେ ନିଜ ଇଚ୍ଛାରେ ଝିଅକୁ ଅତିରିକ୍ତ ସହାୟତା ରାଶି ଦେଇପାରିବେ । ତାହା ତାଙ୍କ ଉପରେ ନିର୍ଭର କରେ । ଏହି ମାମଲା ଦୀର୍ଘ ସମୟ ଧରି ଆଲିପୁର କୋର୍ଟରେ ବିଚାରଧୀନ ଥିଲା । ଗତମାସରେ ଜଷ୍ଟିସ ଅଜୟ କୁମାର ମୁଖାର୍ଜୀ ଆଦେଶ ପାରିତ କରିଥିଲେ । ସାମି ନିଜ ପତ୍ନୀ ଓ ଝିଅକୁ ଭରଣ ପୋଷଣ ବାବଦାରେ ମାସିକ ୪ ଲକ୍ଷ ଟଙ୍କା ଦେବେ । ଏହା ବିରୋଧରେ ହସିନ ଜାହାନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ଭରଣପୋଷଣ ବାବଦରେ ଅର୍ଥରାଶିକୁ ୪ ଲକ୍ଷରୁ ବଢ଼ାଇ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦାବି କରିଥିଲେ । ହେଲେ ସର୍ବୋଚ୍ଚ ନ୍ୟାୟଳୟ ତାଙ୍କ ଆବେଦନକୁ ଖାରଜ କରିଥିଲେ ।

# ବୈଭବଙ୍କୁ ସାକ୍ଷାତ କଲେ ସଞ୍ଜୀବ ଗୋଏଙ୍କା

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ଆଇପିଏଲରେ ବୈଭବ ସୂର୍ଯ୍ୟବଂଶୀଙ୍କ କମାଲ ଜାରି ରହିଛି । ଗତ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ବିପକ୍ଷରେ ବୈଭବ ବିଧ୍ୱଂଶୀ ବ୍ୟାଟିଂ କରିଥିଲେ । ଏହି ମ୍ୟାଚରେ ବୈଭବ ୩୮ ବଲରେ ୯୩ ରନ କରିବାରୁ ରାଜସ୍ଥାନ ରୟାଲ୍ସ ୭ ୱିକେଟରେ ଲକ୍ଷ୍ନୌକୁ ହରାଇଥିଲା । ୨୨୧ ରନର ବିଜୟଲକ୍ଷ୍ୟକୁ ୫ଟି ବଲ ପୂର୍ବରୁ ରାଜସ୍ଥାନ ହାସଲ କରିନେଇଥିଲା । ଧ୍ରୁବ ଜୁରେଲ ଏବଂ ବୈଭବଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ରାଜସ୍ଥାନର ବିଜୟ ସହଜ ହୋଇଥିଲା । ବୈଭବଙ୍କ ବ୍ୟାଟିଂ ଦେଖି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ବ୍ୟାଟିଂ ଦେଖି ସଞ୍ଜୀବ ଗୋଏଙ୍କା ତାଙ୍କୁ ପ୍ରଶଂସା କରିଥିଲେ । ବୈଭବ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ତାଙ୍କ ବ୍ୟାଟିଂ ଦେଖି ଠିଆ ହୋଇ ତାଳି ମାରି ଥିଲେ । ମ୍ୟାଚ ସରିବା ପରେ ବ୍ୟକ୍ତିଗତ ଭାବେ ବୈଭବଙ୍କ ପାଖକୁ ଯାଇ ସାବାସୀ ଦେଇଥିଲେ । ଏହି ସମୟରେ କମେଣ୍ଟ୍ରି କରୁଥିବା ମହାନ କ୍ରିକେଟର ସୁନୀଲ ଗାଭାସ୍କାର ଏକ ମଜାଳିଆ ଅନ୍ଦାଜରେ କହିଥିଲେ ମୁଁ ଖୁବ ଶୀଘ୍ର ନିଲାମରେ କିଣିବି ।

ଏହି ମ୍ୟାଚରେ ଦମଦାର ପ୍ରଦର୍ଶନ ଯୋଗୁଁ ବୈଭବ ପ୍ଲେୟାର ଅଫ୍ ଦ ମ୍ୟାଚ ହୋଇଥିଲେ । ୩୮ ବଲରୁ ୯୩ ରନର ଇନିଂସରେ ୭ଟି ଚୌକା ଓ ୧୦ଟି ଛକା ରହିଥିଲା । ମାତ୍ର ୭ ରନ ପାଇଁ ସେ ଶତକରୁ ବଞ୍ଚିତ ହୋଇଥିଲେ । ରାଜସ୍ଥାନ ମ୍ୟାଚ ଜିତିବା ପରେ ସଞ୍ଜୀବ ଗୋଏଙ୍କା ବୈଭବଙ୍କ ପାଖକୁ ଯାଇ କଥା ହୋଇଥିଲେ । ସେତେ ବେଳେ ବୈଭବ ପ୍ରଶଂସକଙ୍କୁ ଅଟୋଗ୍ରାଫ ଦେଉଥିଲେ । କୌଣସି ବିପକ୍ଷ ଦଳର ମାଲିକ ଅନ୍ୟ ଦଳର ଖେଳାଳିଙ୍କ ପାଖକୁ ଯାଇ ପ୍ରଶଂସା କରିବା ନିଶ୍ଚିତ ପକ୍ଷେ ସ୍ୱାଗତ ଯୋଗ୍ୟ ।

## ବିସିସିଆଇର ଘରୋଇ ସିଜନରେ ଖେଳାଯିବ ୧୭୮୮ ମ୍ୟାଚ

# ଦୁଲୀପ ଟ୍ରଫିରୁ ଘରୋଇ ସିଜନ ଆରମ୍ଭ

ନୂଆଦିଲ୍ଲୀ,୨୦।୫(ଏଜେନ୍ସି): ଭାରତୀୟ ଘରୋଇ ସିଜନ ୨୦୨୬-୨୭ ପାଇଁ ଖେଳସୂଚୀ ଘୋଷଣା କରିଛି ବିସିସିଆଇ । ଆଗାମୀ ସିଜନରେ ପୁରୁଷ ଓ ମହିଳା ଘରୋଇ କ୍ରିକେଟର ବିଭିନ୍ନ ବର୍ଗରେ ମୋଟ ୧୭୮୮ ମ୍ୟାଚ ଖେଳାଯିବ । ପୁରୁଷ ବର୍ଗରେ ୨୩ ବର୍ଷରୁ କମ୍ ୧୯ ବର୍ଷରୁ କମ ଓ ୧୬ ବର୍ଷରୁ କମ ତଥା ମହିଳା ବର୍ଗରେ ୨୩,୧୯ ଓ ୧୫ ବର୍ଷରୁ କମ୍ ବର୍ଗରେ ମ୍ୟାଚ ଖେଳାଯିବ ।

ଦୁଲୀପ ଟ୍ରଫିରୁ ଘରୋଇ ସିଜନ ଆରମ୍ଭ ହେବ । ଅଗଷ୍ଟ ୨୩ରୁ ଦୁଲୀପ ଟ୍ରଫି ଆରମ୍ଭ ହେବ । ଭାରତରେ ଘରୋଇ କ୍ରିକେଟମାନଙ୍କୁ ଉଚ୍ଚ କରିବା ଲାଗି ବିସିସିଆଇର ସମସ୍ତ ପ୍ରତିଯୋଗିତା ଗୁଡିକ ଅଗଷ୍ଟରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବାକୁଯାଉଛି । ଦୁଲୀପ ଟ୍ରଫିରେ ୬ଟି ଜୋନାଲ ଦଳ ଅଂଶଗ୍ରହଣ କରିବେ । ଲାଲ ବଲରେ ଖେଳାଯିବ । ଏହା ପରେ ପରେ ଅକ୍ଟୋବର ୧ରୁ ଇରାନୀ କପ ଖେଳାଯିବ । ଏହା ପରେ ପରେ ଘରୋଇ କ୍ରିକେଟର ସବୁଠୁ ବଡ଼ ପ୍ରତିଯୋଗିତା ରଣଜୀ ଟ୍ରଫି ସହ ସିକେ ନାଇଡୁ ଟ୍ରଫି ଦୁଇଟି ପର୍ଯ୍ୟାୟ ଫର୍ମାଟରେ ଖେଳାଯିବ । ରଣଜୀ ଟ୍ରଫି ଏଲିଟ ଟ୍ରଫି ୩୨ଟି ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି । ତତସହିତ ପ୍ଲେଟ ଗ୍ରୁପରେ ୬ଟି ଦଳ ରହିଛନ୍ତି । ସିକେ ନାଇଡୁ ଟ୍ରଫି ବିଜେତା ଓ ରେଷ୍ଟ ଅଫ୍ ଇଣ୍ଡିଆ ଏ ମଧ୍ୟରେ ଅକ୍ଟୋବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ମ୍ୟାଚ ଖେଳାଯିବ ।

ଏଥର ଦୁଇଟି ପ୍ରତିଯୋଗିତାରେ ବିସିସିଆଇ ଫର୍ମାଟ ପରିବର୍ତ୍ତନ କରିଛି । ୨୩ ବର୍ଷରୁ କମ ପୁରୁଷ ରାଜ୍ୟ ଏ' ଟ୍ରଫି ଏବଂ ଭିଜୀ ଟ୍ରଫିକୁ ଏକ ଦିବସୀୟ ଫର୍ମାଟ ପରିବର୍ତ୍ତେ ଟି-୨୦ ଟୁର୍ଣ୍ଣାମେଣ୍ଟକୁ ପରିବର୍ତ୍ତନ କରାଯାଇଛି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କୁଚବେହାର ଟ୍ରଫିର ନକଆଉଟ ପର୍ଯ୍ୟାୟ ବେଙ୍ଗାଲୁରୁ ଓ ମହୀଶୂରରେ ଖେଳାଯିବ । ସମସ୍ତ ଅଞ୍ଚଳର ଦଳ ଗୁଡିକ ପାଇଁ ଅଧିକ ପ୍ରତିଯୋଗିତା ମୂଳକ ଫ୍ଲାଟ ଫର୍ମ ସୁନିଶ୍ଚିତ କରିବା ବିସିସିଆଇର ଲକ୍ଷ୍ୟ । ୧୬ ବର୍ଷରୁ କମ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଘରୋଇ କ୍ୟାଲେଣ୍ଡରକୁ ଦୃଷ୍ଟିରେ ରଖି ନଭେମ୍ବରରୁ ଜାନୁଆରୀ ମଧ୍ୟରେ ଖେଳାଯିବ ।

# ୨୨ରୁ କଳିଙ୍ଗରେ ସର୍ବଭାରତୀୟ ମାଇକେଲ କିଣ୍ଡୋ ମହିଳା ହକି ଚାମ୍ପିଅନସିପ

ଭୁବନେଶ୍ୱର,୨୦।୫(ସବ୍ୟୁ): ରାଜ୍ୟର କିମ୍ବଦନ୍ତୀ ହକି ଖେଳାଳି ମାଇକେଲ କିଣ୍ଡୋଙ୍କ ସ୍ମୃତିରେ ଦ୍ୱିତୀୟ ସର୍ବଭାରତୀୟ ମାଇକେଲ କିଣ୍ଡୋ ମହିଳା ହକି ଚାମ୍ପିଅନସିପ ଆଗାମୀ ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁଯାଉଛି । ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଏବଂ ହକି ଆସୋସିଏସନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି । ଗତବର୍ଷ ପ୍ରଥମ ସଂସ୍କରଣ ପୁରୁଷ ବର୍ଗରେ ହୋଇଥିଲା । ଏଥର ମହିଳା ବର୍ଗକୁ ନେଇ ପ୍ରତିଯୋଗିତା ହେବ । ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିବା ପାଇଁ ସହମତି ଜଣାଇଛନ୍ତି । ୮ଟି ଦଳକୁ ୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି । ପୁଲ୍ ଏ'ରେ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲେ, ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ, ଦକ୍ଷିଣ ପୂର୍ବ ରେଳବାଇ ଏବଂ ସାଇ କୋଲକାତା ସ୍ଥାନ ପାଇଛନ୍ତି । ସେହିଭଳି ପୁଲ ବି'ରେ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼, ହକି ସିମଡେଗା, ସିଆଇଏସଏଫ ଏବଂ ଓଡ଼ିଶା ପୋଲିସ ସ୍ଥାନ ପାଇଛନ୍ତି । ପ୍ରଥମ ଦିନ ୪ଟି ମ୍ୟାଚ ଖେଳାଯିବ । ସକାଳ ୬ଟାରୁ ମ୍ୟାଚ ଆରମ୍ଭ ହେବ । ସେହିଭଳି ଦିନର ଚତୁର୍ଥ ମ୍ୟାଚ ସନ୍ଧ୍ୟା ୫.୩୦ରେ ଆରମ୍ଭ ହେବ । ୬ ଦିନ ମଧ୍ୟରୁ ୫ ଦିନ ମ୍ୟାଚ ଖେଳାଯିବ । ୨୫ ତାରିଖ ବିଶ୍ରାମ ଦିବସ ରହିବ । ଏଥର ପ୍ରତିଯୋଗିତା ପାଇଁ ଆକର୍ଷଣୀୟ ପୁରସ୍କାର ରାଶି ରହିଛି । ବିଜେତା ଦଳକୁ ୧ ଲକ୍ଷ, ରନର୍ସ ଅପ୍ ଦଳ ୫୦ ହଜାର, ତୃତୀୟ ସ୍ଥାନ ୩୦ ହଜାର ଏବଂ ଚତୁର୍ଥ ସ୍ଥାନ ହାସଲକାରୀ ଦଳକୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ । ବୁଧବାର ଟଙ୍କପାଣି ରୋଡ ସ୍ଥିତ ଆଇପିଏଲ୍ ହୋମ୍ ହେଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟର ଚେୟାରମ୍ୟାନ ରତିକାନ୍ତ ନାୟକ, ସଭାପତି ବିଶ୍ୱଜିତ ସାହୁ, ସମ୍ପାଦକ ରଜନ କୁମାର ଦାସ, ଶେଷକିଷାନ, ପ୍ରଦୀପ ନିରଞ୍ଜନ ଶେଖର ଏବଂ ନିଶାନ ଜ୍ୟୋତି ପ୍ରମୁଖ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।




ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ ଶ୍ରେଣୀଗତ / କ୍ଲାସିଫାଇଡ୍ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

## ଆନ୍ତଃଜିଲ୍ଲା କ୍ରିକେଟ୍

# ଭୁବନେଶ୍ୱର ଏ', ବଲାଙ୍ଗୀର, ଅନୁଗୁଳ, ଝାରସୁଗୁଡା ବିଜୟୀ

ଭୁବନେଶ୍ୱର,୨୦।୫(ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ)ର ଘରୋଇ ପ୍ରତିଯୋଗିତା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗ୍ ଆରମ୍ଭ ହୋଇଛି । ପ୍ରଥମ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ଭୁବନେଶ୍ୱର ଏ', ବଲାଙ୍ଗୀର, ଅନୁଗୁଳ, ଝାରସୁଗୁଡା ମୟୁରଭଞ୍ଜ, ନୂଆପଡ଼ା, କଟକ ଏ', ଭଦ୍ରକ ଏବଂ ସୋନପୁର ବିଜୟୀ ହୋଇଛନ୍ତି ।





ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏ' ୩୩୩ ରନ ବ୍ୟବଧାନରେ ବିଜୟୀ ହୋଇଛି । ଏହି ମ୍ୟାଚରେ ଭୁବନେଶ୍ୱର ଏ' ଦଳର ସୁବାଶିଷ ମଲ୍ଲିକ ୨୧୪ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ । ଦଳ ୪୭ ଓଭରରେ ୭ ୱିକେଟ୍ ହରାଇ ୪୫୧ ରନ କରିଥିଲା । ଜବାବରେ ବରଗଡ଼ ୩୫ ଓଭରରେ ୧୧୮ ରନ୍ କରି ଅଲଆଉଟ୍ ହୋଇଥିଲା । ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ୮ ୱିକେଟରେ କୋରାପୁଟକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି କୋରାପୁଟ ୩୧.୫ ଓଭରରେ ୧୩୬ ରନ କରି ଅଲଆଉଟ୍ ହୋଇଥିଲା । ଜବାବରେ ବଲାଙ୍ଗୀର ୧୪.୩ ଓଭରରେ ୧୩୯/୨ ରନ୍ ଲକ୍ଷ୍ୟ ହାସଲ କରିନେଇଥିଲା । ଖୋର୍ଦ୍ଧା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଅନୁଗୁଳ ୭ ୱିକେଟରେ ଢେଙ୍କାନାଳକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ଢେଙ୍କାନାଳ ୪୦ ଓଭରରେ ୭ ୱିକେଟ୍ ହରାଇ ୨୫୫ ରନ୍ କରିଥିଲା । ଜବାବରେ ଅନୁଗୁଳ ୩୪ ଓଭରରେ ୨୫୭/୩ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଅଡଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୬୧ ରନ୍ ବ୍ୟବଧାନରେ ଖୋର୍ଦ୍ଧାକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ଝାରସୁଗୁଡା ୪୦ ଓଭରରେ ୧୬୯ ରନ କରିଥିଲା । ଜବାବରେ ଖୋର୍ଦ୍ଧା ୩୭.୫ ଓଭରରେ ୧୮୦ ରନ୍ କରି ଅଲ ଆଉଟ୍ ହୋଇଥିଲା । ନିମପୁର ଗ୍ରାଉଣ୍ଡରେ ମୟୁରଭଞ୍ଜ ୮ ୱିକେଟରେ ମାଲକାନାଗିରିକୁ ହରାଇଛି । ଏହି ମ୍ୟାଚରେ ମାଲାକାନାଗିରି ୧୮ ଓଭରରେ ୮୮ ରନ କରି ଅଲଆଉଟ୍ ହୋଇଥିଲା । ଜବାବରେ ମୟୁରଭଞ୍ଜ ୧୪.୧ ଓଭରରେ ୮୯/୨ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନୂଆପଡ଼ା ୬୦ ରନ ବ୍ୟବଧାନରେ ହରାଇଛି । ପ୍ରଥମ ୪୬ ଓଭରରେ ୨୦୭ ରନ୍ କରିଥିଲା । ଜବାବରେ ଗଞ୍ଜାମ ୪୦.୫ ଓଭରରେ ୧୪୭ ରନ୍ କରି ଅଲଆଉଟ ହୋଇଥିଲା । ରେଭେନ୍ସା ନଂ.୨ ଗ୍ରାଉଣ୍ଡରେ କଟକ ଏ' ୬୯ ରନ୍ ବ୍ୟବଧାନରେ କେନ୍ଦୁଝରକୁ ହରାଇଛି । ବିଡ଼ାନାସୀ ଗ୍ରାଉଣ୍ଡରେ ଭଦ୍ରକ ୪ ୱିକେଟରେ ବାଲେଶ୍ୱରକୁ ହରାଇଛି । ଭୁବନେଶ୍ୱର ରେଳବାଇ ଗ୍ରାଉଣ୍ଡରେ ସୋନପୁର ୧୪ ରନରେ ଜଗତସିଂହପୁରକୁ ହରାଇଛି । ଏହି ମ୍ୟାଚରେ ସୋନପୁର ୩୬.୪ ଓଭରରେ ୧୬୮ ରନ୍ କରିଥିଲା । ଜବାବରେ ଜଗତସିଂହପୁର ୪୫.୩ ଓଭରରେ ୧୫୪ ରନ୍ କରି ଅଲଆଉଟ୍ ହୋଇଥିଲା ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି